(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ' ୧୧/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, May 11/2023 | Page 20 ₹ 7.00 | BALASORE

୪୯ଶ ଭାଗ ୧୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 165 ମୂଲ୍ୟ₹୭/-



## ଚତୁର୍ଥ ଷ୍ଟେଜ୍ ଜିତିଲେ ପେଣ୍ଟ୍ରେ

ଫ୍ରାନ୍ସର ଓରେଲେନ ପରେଟ-ପେଣ୍ଟ୍ରେ ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ ବିଜୟୀ ହୋଇଛନ୍ତି।

୧୨

୦୯

## ବାପାଙ୍କ ସ୍ୱପ୍ନ ପୂରଣ କଲେ ସୋନାକ୍ଷୀ

ୱେବ୍ ସିରିଜ୍‌ରେ ଡେବ୍ୟୁ କରିବାକୁ ଯାଉଥିବା ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ପୋଲିସ ଭୂମିକାରେ ଅଭିନୟ କରି ତାଙ୍କ ବାପାଙ୍କ ସ୍ୱପ୍ନ ପୂରଣ କରିଥିବା କହିଛନ୍ତି।



# ୩ ଜଣଙ୍କ ଡିଏନ୍‌ଏରେ ଶିଶୁ ଜନ୍ମ

**ଲଣ୍ଡନ,୧୦।୫**

ବ୍ରିଟେନ୍‌ରେ ପ୍ରଥମ ଥର ପାଇଁ ୩ ଜଣ ବ୍ୟକ୍ତିଙ୍କ ଡିଏନ୍‌ଏକୁ ମିଶ୍ରଣ କରି ଶିଶୁ ଜନ୍ମ କରାଯାଇଛି। ପିଲାମାନଙ୍କୁ ବିରଳ ଆନୁବଂଶିକ ରୋଗରୁ ମୁକ୍ତ କରିବା ପାଇଁ ଏକ ପ୍ରୟୋଗାତ୍ମକ ଉପାୟରେ ସେମାନଙ୍କୁ ଭୂମିଷ୍ଠ କରାଯାଇଥିବା ବୁଧବାର ଦେଶର ଫର୍ଟିଲିଟି ନିୟନ୍ତ୍ରକ ସ୍ପଷ୍ଟ କରିଛନ୍ତି। ବ୍ରିଟେନର ହ୍ୟୁମାନ୍ ଫର୍ଟିଲାଇଜେଶନ୍ ଆଣ୍ଡ୍ ଏମ୍ବ୍ରିଲୋଜି ଅଥରିଟି କହିଛନ୍ତି, ଏହି ପ୍ରଣାଳୀ ଜରିଆରେ ୫ରୁ କମ୍ ଶିଶୁ ଜନ୍ମ ହୋଇଛନ୍ତି। କିନ୍ତୁ ସେ ସମ୍ପୃକ୍ତ ପରିବାରଗୁଡ଼ିକର ପରିଚୟ ଗୋପନ ରଖିବାକୁ ଯାଇ ଅଧିକ ତଥ୍ୟ ଦେଇନାହାନ୍ତି। ଏହି ଖବର ପ୍ରଥମେ ଗାର୍ଡିଆନ୍ ଖବରକାଗଜରେ ପ୍ରକାଶ ପାଇଥିଲା। ମାଇଟୋକୋଣ୍ଡ୍ରିଆ ଦୋଷ ଥିବା ମହିଳାଙ୍କ ପ୍ରସବରେ ଅସୁବିଧା ହେଉଥିବାରୁ ସେମାନଙ୍କୁ ଏଥରୁ ନିବୃତ୍ତ କରିବା ପାଇଁ ୨୦୧୫ରେ ବ୍ରିଟେନ୍ ଅଭିନବ ଉପାୟରେ ପିଲା ଜନ୍ମ କରାଇବା ନେଇ ଆଇନ ଆଣିଥିଲା। କାରଣ ଆନୁବଂଶିକ ଦୋଷ ଥିଲେ ପରବର୍ତ୍ତୀ ସମୟରେ ଶିଶୁର ମାଂସପେଶୀରେ ଦୁର୍ବଳତା, ଅପସ୍ମାର, ହୃତ୍‌ପିଣ୍ଡ ସମସ୍ୟା ଏବଂ ବୌଦ୍ଧିକ ଅକ୍ଷମତା ଦେଖିବାକୁ ମିଳିଥାଏ। ବ୍ରିଟେନ୍‌ରେ ଜନ୍ମିତ ପ୍ରତି ୨୦୦ ଶିଶୁଙ୍କ ମଧ୍ୟରୁ ଜଣେ ମାଇଟୋକୋଣ୍ଡ୍ରିଆ ଡିଜ୍‌ଅର୍ଡର ରୋଗର ଶିକାର ହୋଇଥାଆନ୍ତି। ଅଦ୍ୟାବଧି ୩୨ ରୋଗୀଙ୍କୁ ଏଭଳି ରୋଗର ଚିକିତ୍ସା ପାଇଁ ଅନୁମତି ମିଳିଛି। ବୈଜ୍ଞାନିକମାନେ ମାଇଟୋକୋଣ୍ଡ୍ରିଆ ଦୋଷଯୁକ୍ତ ମହିଳାଙ୍କ ଭ୍ରୂଣରୁ ଆନୁବଂଶିକ ଉପାଦାନ ନେଇ ଡୋନରଙ୍କ ଶୁକ୍ରାଣୁକୁ ସ୍ଥାନାନ୍ତର କରିଥାନ୍ତି। ପରେ ସେହି ଶୁକ୍ରାଣୁକୁ ଅନ୍ୟ ☞ପୃଷ୍ଠା–୪



**ଆଜିର ସମ୍ପାଦକୀୟ** | **ମନସ୍ତାତ୍ତ୍ୱିକ ବିବର୍ତ୍ତନର ସିଦ୍ଧାନ୍ତ**

# କର୍ଣ୍ଣାଟକ: କଂଗ୍ରେସକୁ ମିଳିପାରେ ଅଧିକ ଆସନ

## ଏକ୍‌ଜିଟ୍ ପୋଲ୍ ଭବିଷ୍ୟବାଣୀ

**ବେଙ୍ଗାଲୁରୁ,୧୦।୫**

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ନେଇ ଏକ୍‌ଜିଟ୍ ପୋଲ୍ ଏଥର ମଧ୍ୟ ଝୁଲା ସ୍ଥିତିର ସଙ୍କେତ ଦେଇଛି। ରାଜ୍ୟବାସୀ ଦୀର୍ଘ ୩୮ ବର୍ଷ ମଧ୍ୟରେ କୌଣସି ଶାସକ ଦଳକୁ ଲଗାତର ଦ୍ୱିତୀୟ ଥର କ୍ଷମତାସୀନ କରାଇ ନ ଥିବାରୁ ଭାଜପା ପୁନର୍ବାର ବିଧାନସଭାକୁ ଅକ୍ତିଆର କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲା। ତେବେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ସରକାର ବିରୋଧରେ ହାୱା ବହୁଥିବାରୁ ତାଙ୍କ ଶାସନକୁ ନେଇ ଭୋଟର ସେତେଟା ସନ୍ତୁଷ୍ଟ ଥିବା ଭଳି ମନେ ହେଉନାହିଁ। ଅନ୍ୟପକ୍ଷେ ଭାଜପାକୁ କ୍ଷମତାଚ୍ୟୁତ କରି ସରକାର ଗଠନ ପାଇଁ କଂଗ୍ରେସ ଚଳାଇଥିବା ଉଦ୍ୟମ କେତେକାଂଶରେ ସଫଳ ହୋଇଥିବା ଜଣାପଡ଼ିଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୩ ହୋଇଥିବାରୁ ଏଭଳି ସ୍ଥିତିରେ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ପୁଣି ଥରେ କିଙ୍ଗମେକର ଭୂମିକାରେ ଅବତୀର୍ଣ୍ଣ ହୋଇପାରେ।

| ସର୍ଭେ ସଂସ୍ଥା | ଭାଜପା | କଂଗ୍ରେସ+ | ଜେଡିଏସ୍ | ଅନ୍ୟ |
|---|---|---|---|---|
| ଟାଇମ୍ସ ନାଓ–ଇଟିଜି | ୮୫ | ୧୧୩ | ୨୩ | – |
| ଏବିପି ନ୍ୟୁଜ୍–ସି ଭୋଟର | ୮୩–୯୫ | ୧୦୦–୧୧୨ | ୨୧–୨୯ | – |
| ଜି ନ୍ୟୁଜ୍–ମାଟ୍ରିଜ୍ | ୭୯–୯୪ | ୧୦୩–୧୧୮ | ୨୫–୩୩ | ୨–୫ |
| ରିପବ୍ଲିକ୍ ଟିଭି–ପି ମାର୍କ | ୮୫–୧୦୦ | ୯୪–୧୦୮ | ୨୪–୩୨ | ୨–୬ |
| ନ୍ୟୁଜ୍ ନେଶନ୍–ସିଜିଏସ୍ | ୧୧୪ | ୮୬ | ୨୧ | ୩ |
| ସୁବର୍ଣ୍ଣ ନ୍ୟୁଜ୍–ଜନ୍ କୀ ବାତ | ୯୪–୧୧୭ | ୯୧–୧୦୬ | ୧୪–୨୪ | ୦–୨ |
| ଟିଭି ୯ ଭାରତବର୍ଷ–ପୋଲଷ୍ଟାର୍ଟ | ୮୮–୯୮ | ୯୯–୧୦୯ | ୨୧–୨୬ | ୦–୪ |

ବୁଧବାର ସନ୍ଧ୍ୟା ୬ଟା ୩୦ରେ ନିର୍ବାଚନ କମିଶନ (ଇସି)ଙ୍କ କଟକଣା ଅବଧି ଶେଷ ହେବା ପରେ ଅନେକ ଜାତୀୟ ସର୍ଭେ ସଂସ୍ଥା ପକ୍ଷରୁ ବୁଥ୍ ଫେରନ୍ତା ଭୋଟରଙ୍କ ମତାମତକୁ ନେଇ ଏକ୍‌ଜିଟ୍ ପୋଲ୍ ପ୍ରକାଶ ପାଇଛି। ଅଧିକାଂଶ ନିର୍ବାଚନମଣ୍ଡଳୀରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ଟାଇମ୍ସ ନାଓ–ଇଟିଜି ମତରେ ଭାଜପା ୮୫ ଆସନ ଦଖଲ କରି ଦ୍ୱିତୀୟ ଦଳ ଭାବେ ଉଭା ହେବ। କଂଗ୍ରେସ ୧୧୩ ଆସନରେ ସଫଳତା ହାସଲ କରି ସରକାର ଗଠନ କରିପାରେ। ଜେଡିଏସ୍‌କୁ ୨୩ ଆସନରେ ସନ୍ତୁଷ୍ଟ ହେବାକୁ ☞ପୃଷ୍ଠା–୪

# ଝାରସୁଗୁଡ଼ା ଉପନିର୍ବାଚନ: ୭୫.୬% ମତଦାନ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ବୁଧବାର ଶେଷ ହୋଇଛି। ଇଭିଏମ୍‌ରେ ସିଲ୍ ହୋଇଯାଇଛି ୯ ପ୍ରାର୍ଥୀଙ୍କ ଭାଗ୍ୟ। ଏହି ନିର୍ବାଚନରେ ସନ୍ଧ୍ୟା ୭ଟା ସୁଦ୍ଧା ମୋଟ ୭୫.୬୦ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ମତଦାନ ମୋଟାମୋଟି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ନିର୍ବାଚନରେ ମୋଟ ୨ ଲକ୍ଷ ୨୧ ହଜାର ୭୦ ଜଣ ଭୋଟର ରହିଥିବା ବେଳେ ୨୫୩ଟି କେନ୍ଦ୍ରରେ ମତଦାନ ହୋଇଥିଲା। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା। ☞ପୃଷ୍ଠା–୪



କୋଲାବିରା ବ୍ଲକ୍‌ର ଏକ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବାଧାଡ଼ି।







**ଥାନାରେ ଭାଜପା ନେତ୍ରୀଙ୍କ ସ୍ୱାମୀଙ୍କୁ ପିଟିଲେ ଏସ୍‌ପି ବିଧାୟକ**

ଉତ୍ତରପ୍ରଦେଶ ଆମେଠି ଜିଲାର ଗୌରୀଗଞ୍ଜ କୋତ୍ୱାଲି ଥାନାରେ ସମାଜବାଦୀ ପାର୍ଟି (ଏସ୍‌ପି) ବିଧାୟକ ରାକେଶ ପ୍ରତାପ ସିଂ ଶାସକ ଭାଜପା ନେତ୍ରୀ ରଶ୍ମି ସିଂଙ୍କ ସ୍ୱାମୀ ଦୀପକ ସିଂଙ୍କୁ ମାଡ଼ ମାରୁଥିବାର ଭିଡିଓ ଭାଇରାଲ ହୋଇଛି। ପୌର ନିର୍ବାଚନ ପାଇଁ ରଶ୍ମି ଭାଜପା ପ୍ରାର୍ଥୀ ହୋଇଛନ୍ତି। ଏସ୍‌ପି ବିଧାୟକ ଥାନାରେ ଧାରଣାରେ ବସିଥିବାବେଳେ ଦୀପକ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହା ତାଙ୍କୁ କ୍ରୋଧିତ କରିଥିଲା ବୋଲି ରାକେଶ କହିଛନ୍ତି।

# ଇଭିଏମ୍‌ରେ ୨,୬୧୫ ପ୍ରାର୍ଥୀଙ୍କ ଭାଗ୍ୟ

## କର୍ନାଟକରେ ୭୨% ମତଦାନ



ମହୀଶୂର ଜିଲାର ଏକ ମତଦାନ କେନ୍ଦ୍ରରେ ମହିଳା ଭୋଟରଙ୍କ ଲମ୍ବାଧାଡ଼ି।

**ବେଙ୍ଗାଲୁରୁ, ୧୦ା୫**

କର୍ନାଟକ ବିଧାନସଭା ୨୨୪ ଆସନ ପାଇଁ ବହୁ ପ୍ରତୀକ୍ଷିତ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମତଦାନ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଭୋଟଗ୍ରହଣ ଶେଷ ହେବା ପରେ ୭୨% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ରାମନଗର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୮.୨୨% ମତଦାନ ହୋଇଥିବାବେଳେ ବୃହତ୍ ବେଙ୍ଗାଲୁରୁ ମହାନଗର ପାଲିକେ (ବିବିଏମ୍‌ପି) ସାଉଥ୍‌ରେ ସର୍ବନିମ୍ନ ୪୮.୬୩% ଭୋଟ ଗ୍ରହଣ କରାଯାଇଛି। ରାଜ୍ୟର ଅଧିକାଂଶ ଆସନରେ ମୁଖ୍ୟତଃ ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଭାଜପା ପୁନର୍ବାର ସରକାର ଗଢ଼ିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିବାବେଳେ କଂଗ୍ରେସ ଶାସକ ଦଳକୁ କ୍ଷମତାଚ୍ୟୁତ କରିବାକୁ ଅଣ୍ଟା ଭିଡ଼ିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଧ୍ୟ କିଙ୍ଗ୍ କିମ୍ବା କିଙ୍ଗ୍‌ମେକର ଭୂମିକା ପାଇଁ ସବୁ ପ୍ରକାର ପ୍ରୟାସ ଚଳାଇଥିଲା। ମୋଟ ୫.୩୧ କୋଟି ଯୋଗ୍ୟ ଭୋଟରଙ୍କ ମତଦାନ ପାଇଁ ସାରା ରାଜ୍ୟରେ ୫୮,୫୪୫ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଥିଲା। ମଇଦାନରେ ୨,୬୧୫ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ, ଯାହାଙ୍କ ମଧ୍ୟରୁ ୧୮୪ ଜଣ ହେଉଛନ୍ତି ମହିଳା। ଭୋଟ ଶେଷ ହେବା ସହ ଏହି ପ୍ରାର୍ଥୀମାନଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସିଲ୍ ହୋଇଯାଇଛି। ୨୦୧୮ ବିଧାନସଭା ନିର୍ବାଚନରେ ୭୨.୩୬% ମତଦାନ ହୋଇଥିଲା।

## ନିର୍ବାଚନୀ ହିଂସା: ୨୩ ଗିରଫ

**ବେଙ୍ଗାଲୁରୁ, ୧୦ା୫**

କର୍ନାଟକର ବିଜୟପୁରା ଜିଲାରେ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଏକ ଗାଡ଼ିରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ନିଆଯାଉଥିବା ଦେଖିବାକୁ ପାଇ ମସାବିନାଲା ଗ୍ରାମର ଲୋକେ ଆପତ୍ତି ଉଠାଇଥିଲେ। ସେମାନେ ଉକ୍ତ ଗାଡ଼ିକୁ ଅଟକାଇ ଜଣେ ଅଧିକାରୀଙ୍କୁ ମାଡ଼ ମାରିବା ସହ ବାଲଟ୍ ୟୁନିଟ୍ ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ଭଙ୍ଗାରୁଜା କରିଥିଲେ। ଏନେଇ ପୋଲିସ ୨୩ ଜଣଙ୍କୁ ଗିରଫ କରିଛି। ଅଧିକାରୀ ଜଣକ ଇଭିଏମ୍ ଏବଂ ଭିଭିପିଏଟି ମେଶିନ ବଦଳାଇବାକୁ ଯାଉଥିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ଲୋକେ ତାଙ୍କୁ ଆକ୍ରମଣ କରିଥିବା ପୋଲିସ କହିଛି। ଇତିମଧ୍ୟରେ ବେଙ୍ଗାଲୁରୁର ପଦ୍ମନାଭ ନିର୍ବାଚନମଣ୍ଡଳୀରେ କେତେଜଣ ଯୁବକ ନିଜ ରାଜନୈତିକ ବିରୋଧୀଙ୍କୁ ବାଡ଼ିରେ ପିଟିଥିବା ଅଭିଯୋଗ ହୋଇଛି। ଏଥିରେ କେତେଜଣ ମହିଳା ଭୋଟର ଆହତ ହୋଇଛନ୍ତି। ବଲ୍ଲାରି ଜିଲାର ସଞ୍ଜୀବାରାୟନାକୋଟ୍‌ରେ ଭାଜପା ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି।

## ଜୁନ୍ ୨୨ରେ ଆମେରିକା ଯିବେ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୧୦ା୫**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଫାଷ୍ଟ ଲେଡ଼ି ଜିଲ୍ ବାଇଡେନ୍‌ଙ୍କ ଆମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୨ରେ ସେଠାକୁ ଗସ୍ତ କରିବେ। ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ବାଇଡେନ୍ ଦମ୍ପତି ଏକ ନୈଶଭୋଜିର ଆୟୋଜନ କରିବେ। ମୋଦିଙ୍କ ଏହି ଗସ୍ତ ଭାରତ-ଆମେରିକା ରଣନୀତିକ ସମ୍ପର୍କକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି। ଦୁଇ ଦେଶ ବିଭିନ୍ନ ସେକ୍ଟରରେ ପରସ୍ପରକୁ ସହଯୋଗ କରିଆସୁଛନ୍ତି। ଉକ୍ତ ଗସ୍ତ ଅବସରରେ ଦୁଇ ନେତା ପ୍ରଯୁକ୍ତି, ବାଣିଜ୍ୟ, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ଦୃଢ଼ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରିବା ସୁଯୋଗ ପାଇବେ। ଚାଇନା ପଟୁ ବିପଦ ବଢୁଥିବାବେଳେ ଏହାର ମୁକାବିଲା ପାଇଁ ବାଇଡେନ୍ ପ୍ରଶାସନ ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତି ଉପରେ କାର୍ଯ୍ୟ କରୁଥିବାରୁ ଏହା ଦୁଇ ଦେଶର ସମ୍ପର୍କ ବୃଦ୍ଧିରେ ସହାୟକ ହେବ। ୨୦୨୧ରେ କ୍ୱାଡ୍‌ସମ୍ମିଳନୀରେ ଯୋଗଦେବା ପାଇଁ ମୋଦି ହ୍ୱାଇଟ୍‌ହାଉସ ଯାଇଥିବାବେଳେ ବାଇଡେନ୍‌ଙ୍କୁ ସାକ୍ଷାତ୍ କରିଥିଲେ।

## ସଂକ୍ଷେପରେ

### ନାବାଳିକା ବଳାତ୍କାର, ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ

**ଡାହୋଡ୍, ୧୦ା୫:** ଗୁଜରାଟର ଡାହୋଡ୍ ସହରରେ ଥିବା ଏକ ଅଦାଲତ ବୁଧବାର ଜଣେ ୩୮ ବର୍ଷୀୟ ଅଭିଯୁକ୍ତଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ୩ ବର୍ଷ ପୂର୍ବେ ଅଭିଯୁକ୍ତ ତାଙ୍କର ୬ ବର୍ଷର ଭାଣିଜୀଙ୍କୁ ବଳାତ୍କାର ପରେ ହତ୍ୟା କରିଥିଲେ। ସ୍ୱତନ୍ତ୍ର ପୋକ୍ସୋ ଜଜ୍ ସି.କେ. ଚୌହାନଙ୍କ କୋର୍ଟ ଅଭିଯୁକ୍ତ ମାମୁଙ୍କୁ ଆଇପିସିର ଧାରା ୩୦୨, ୩୭୬ ଏବଂ ପୋକ୍ସୋ ଆଇନର ଧାରା ୬ରେ ଦୋଷୀସାବ୍ୟସ୍ତ କରିଥିଲେ। ପୀଡ଼ିତା ଜଣକ ଦାହୋଡରେ ତାଙ୍କ ମାମୁଘରେ ରହୁଥିବାବେଳେ ତା' ମାଆବାପା ରାଜକୋଟରେ ରହିଥିଲେ। ୨୦୨୦ ଜାନୁୟାରୀ ୩୧ ସନ୍ଧ୍ୟାରେ ଅଭିଯୁକ୍ତ ପୀଡ଼ିତାଙ୍କୁ ମୋଟରସାଇକେଲରେ ନେଇଯାଇଥିଲେ। ପରେ ପୀଡ଼ିତାଙ୍କ ମୃତଦେହ ଜଙ୍ଗଲରୁ ମିଳିଥିଲା।

### ଯୁବକଙ୍କୁ ପିଟି ମାରିଦେଲେ ଗର୍ଲଫ୍ରେଣ୍ଡ ପରିବାର

**ବରେଲି, ୧୦ା୫ :** ଉତ୍ତରପ୍ରଦେଶର ଲଖିମପୁର ଖେରି ଜିଲାରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ତାଙ୍କ ଗର୍ଲଫ୍ରେଣ୍ଡ ପରିବାର ପିଟି ପିଟି ମାରିଦେଇଛନ୍ତି। ଗତ ୫ ତାରିଖ ରାତିରେ ପରିବାର ସଦସ୍ୟମାନେ ତାଙ୍କର ୨୦ ବର୍ଷୀୟା ଝିଅ ସହ ଅଭିଜିତ କୁମାର ନାମକ ଉକ୍ତ ଯୁବକଙ୍କୁ ଏକାଠି ଦେଖିବା ପରେ ମାଡ଼ ମାରିଥିଲେ। ସେମାନଙ୍କ ଆକ୍ରମଣରେ ଅଭିଜିତ୍‌ଙ୍କ ଗୁପ୍ତାଙ୍ଗରେ କ୍ଷତ ହେବା ସହ ସେ ଦୃଷ୍ଟିଶକ୍ତି ହରାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆଖି କ୍ଷେତରୁ ପାଇ ସମ୍ପର୍କୀୟମାନେ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଜିତଙ୍କ ସହ ଝିଅଟିର ପ୍ରେମ ସମ୍ପର୍କ ଥିଲା ଓ ଉଭୟ ବିବାହ କରିବାକୁ ଚାହୁଁଥିଲେ ବୋଲି ଜଣାପଡ଼ିଛି।

### କୋଭିଡ୍ ଚିହ୍ନଟ ଲାଗି ନୂଆ ପରୀକ୍ଷା ପଦ୍ଧତି



**ନୂଆଦିଲ୍ଲୀ, ୧୦ା୫:** କୋଭିଡ୍ ସଂକ୍ରମଣ ଚିହ୍ନଟ କରିବା ଲାଗି ବୈଜ୍ଞାନିକମାନେ ଏକ ନୂଆ ଲେଜର ଭିତ୍ତିକ ଶ୍ୱାସନଳୀ ପରୀକ୍ଷା ପଦ୍ଧତିର ବିକାଶ କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବଳରେ କରାଯାଉଥିବା ଏହି ପରୀକ୍ଷାରେ କୋଭିଡ୍ ସଂକ୍ରମଣକୁ ଅତ୍ୟନ୍ତ ସଠିକ୍ ଭାବେ ଚିହ୍ନଟ କରାଯାଇପାରିବ। ଆମେରିକାର କଲରାଡୋ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କ ଏକ ଟିମ୍ ବିକଶିତ କରିଥିବା ପଦ୍ଧତି ଅନୁଯାୟୀ ଶ୍ୱାସକ୍ରିୟାରେ ଯାଉଥିବା ବାୟୁର ଗୋଟିଏ ଅଣୁକୁ ଅନ୍ୟଠାରୁ ଅଲଗା ଚିହ୍ନଟ କରିବା ପାଇଁ ଲେଜର ଆଲୋକ ବ୍ୟବହାର କରାଯିବ। ଡାକ୍ତରୀ ନିଦାନରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି କୁହାଯାଉଛି।

## ଅର୍ଥ ନାହିଁ, ତଥାପି କିଙ୍ଗ୍: କୁମାରସ୍ୱାମୀ

**ବେଙ୍ଗାଲୁରୁ, ୧୦ା୫**



ଏଚ୍.ଡି. କୁମାରସ୍ୱାମୀ

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ନିର୍ବାଚନ ଶେଷରେ ହାତ ଟେକିଦେଇଛନ୍ତି। ସେ କହିଛନ୍ତି, ଜେଡିଏସ୍‌କୁ ଏଥର ୨୫ ଆସନରେ ଝଟ୍‌କା ଲାଗିପାରେ। ଅର୍ଥାଭାବ ହେତୁ ଏହି ଆସନଗୁଡ଼ିକରେ ବିଜୟ ସମ୍ଭାବନା ମଉଳିଯାଇଛି। ପ୍ରାର୍ଥୀମାନଙ୍କୁ ସେ ଆର୍ଥିକ ସହାୟତା ଦେଇପାରି ନାହାନ୍ତି। ଏହାସତ୍ତ୍ୱେ ତାଙ୍କ ଦଳ କଂଗ୍ରେସ ଏବଂ ଭାଜପାଠାରୁ ଆଗରେ ରହିବ ବୋଲି ସେ ଦାବି କରିଛନ୍ତି। ତେବେ ଏଥର ଜେଡିଏସ୍ କିଙ୍ଗ୍ ମେକର ଭୂମିକାରେ ଆସିବ ନାହିଁ। କିଙ୍ଗ୍ ହେବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ପୁଅ କୁମାରସ୍ୱାମୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଭୋଟ ନ ଦେଲେ ସମାଲୋଚନା ଅଧିକାର ନାହିଁ: ନାରାୟଣମୂର୍ତ୍ତି



ନାରାୟଣ ମୂର୍ତ୍ତିଙ୍କ ସହ ସ୍ତ୍ରୀ ସୁଧା ମୂର୍ତ୍ତି ।

ଆମେ ଯଦି ଭୋଟ ଦେବା ନାହିଁ ତେବେ କୌଣସି ସରକାରକୁ ସମାଲୋଚନା କରିପାରିବା ନାହିଁ। ପ୍ରଥମେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବା ଏବଂ କେଉଁଟା ଭଲ ଓ କେଉଁଟା ଖରାପ ତାହା ପରେ କହିବା। ଆମେ ସେପରି ନ କଲେ ସମାଲୋଚନା କରିବା ଅଧିକାର ହରାଉଛେ ବୋଲି ଆଇଟି ମେଜର ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନାରାୟଣମୂର୍ତ୍ତି କହିଛନ୍ତି। ୭୬ ବର୍ଷୀୟ ନାରାୟଣଙ୍କ ସହ ସ୍ତ୍ରୀ ସୁଧା ମୂର୍ତ୍ତି ମଧ୍ୟ ବେଙ୍ଗାଲୁରୁସ୍ଥିତ ଏକ ବୁଥ୍‌ରେ ନିଜ ମନପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏହି ଅବସରରେ ସୁଧା କହିଥିଲେ, ମତଦାନ ଗଣତନ୍ତ୍ର ପାଇଁ ପବିତ୍ର। ଏକ ଗଣତନ୍ତ୍ରରେ ନିଜ ଅଧିକାର ସାବ୍ୟସ୍ତ କରିବା ଆମ ଯୁବପିଢ଼ି ଶିଖନ୍ତୁ।

## ମତଦାନ କେନ୍ଦ୍ରରେ ପିଲା ଜନ୍ମ

**ବେଙ୍ଗାଲୁରୁ, ୧୦ା୫**

କର୍ନାଟକ ବିଧାନସଭା ନିର୍ବାଚନ ବେଳେ ବଲ୍ଲାରି ନିର୍ବାଚନମଣ୍ଡଳୀର ଏକ ପୋଲିଂ ବୁଥ୍‌ରେ ବିରଳ ଘଟଣା ଘଟିଛି। ଜଣେ ୨୩ ବର୍ଷୀୟା ଗର୍ଭବତୀ ମହିଳା ଏକ ଶିଶୁକୁ ଜନ୍ମ ଦେଇଛନ୍ତି। ମହିଳା ଜଣକେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ ପାଇଁ କୁର୍ଲାଗିଣ୍ଡି ଗ୍ରାମର ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ସେ ପ୍ରସବ ବେଦନା ଅନୁଭବ କରିବାରୁ ମହିଳା ଅଧିକାରୀ ଓ ମହିଳା ଭୋଟରମାନେ ତାଙ୍କୁ ସାହାଯ୍ୟ କରିଥିଲେ।

## ଶିଶୁ ପୋଷ୍ୟଗ୍ରହଣ ପାଇଁ ଆଇନ ଅନୁମତି ଦେଇଛି: ସର୍ବୋଚ୍ଚ ଅଦାଲତ

**ନୂଆଦିଲ୍ଲୀ, ୧୦ା୫**



ବୈବାହିକ ମାନ୍ୟତା ନିର୍ବିଶେଷରେ ଯେକୌଣସି ବ୍ୟକ୍ତି ଶିଶୁ ପୋଷ୍ୟଗ୍ରହଣ କରିବା ଲାଗି ଭାରତୀୟ ଆଇନ ଅନୁମତି ଦେଇଥିବା ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ନିଜର ଜୈବିକ ସନ୍ତାନ ଥିବା ଆଦର୍ଶ ପରିବାର ବ୍ୟତୀତ ଅନ୍ୟାନ୍ୟ ସ୍ଥିତି ଥାଇପାରେ, ଯାହାକୁ ଆଇନଗତ ସ୍ୱୀକୃତିକୁ ଜୋର୍ ଦେବାକୁ ଯାଇ ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ଆବେଦନର ଶୁଣାଣି ଅବସରରେ ଶିଶୁର କଲ୍ୟାଣ ସର୍ବାଗ୍ରେ ବୋଲି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) କହିଥିଲା। ସନ୍ତାନ ପୋଷ୍ୟ ଗ୍ରହଣ ମୌଳିକ ଅଧିକାର ନୁହେଁ ବୋଲି ବିଭିନ୍ନ ରାୟରେ କୁହାଯାଇଥିବା ଏନ୍‌ସିପିସିଆର୍ ଯୁକ୍ତି ଦର୍ଶାଇଥିଲା। ଜଣେ ପୁରୁଷ ଓ ମହିଳାଙ୍କଠାରୁ ପ୍ରାକୃତିକ ଭାବେ ଜନ୍ମିତ ସନ୍ତାନର ସ୍ୱାର୍ଥ ଓ କଲ୍ୟାଣର ସୁରକ୍ଷା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ରାଷ୍ଟ୍ର ବିଷମଲିଙ୍ଗୀ ଏବଂ ସମଲିଙ୍ଗୀଙ୍କୁ ଭିନ୍ନ ଭାବେ ଗ୍ରହଣ କରିବା ଯଥାର୍ଥ ବୋଲି ଏନ୍‌ସିପିସିଆର୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ସାମ୍ବିଧାନିକ ଖଣ୍ଡପୀଠଙ୍କୁ କହିଥିଲେ।

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ହିନ୍ଦୁ ବିବାହ ଆଇନର ମୂଳ ଲକ୍ଷ୍ୟକୁ ପରାହତ କରିବା ସହ ଅନ୍ୟ ଧର୍ମ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଉଦାରବାଦୀ ଚିନ୍ତାଧାରା କିପରି ଭାରତକୁ କବଳିତ କରୁଛି ଓ ହିନ୍ଦୁବାଦର ଚରିତ୍ରକୁ ପ୍ରଭାବିତ କରୁଛି, ତାହା ଚିତ୍ରଣ କରିବ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ମହିଳା ସଂଗଠନ ସମ୍ବର୍ଦ୍ଧିନୀ ନ୍ୟାସ ପକ୍ଷରୁ କୁହାଯାଇଛି। ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତିର ଧ୍ୱଂସକାରୀ ପ୍ରଭାବ ସମ୍ପର୍କରେ ଏହା ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଭଳି ନିଷ୍ପତ୍ତି ଭାରତର ସାଂସ୍କୃତିକ ମୂଳ ଏବଂ ଭାରତୀୟ ସମାଜକୁ ଦୋହଲାଇଦେବ ବୋଲି ସମ୍ବର୍ଦ୍ଧିନୀ ନ୍ୟାସ କହିଛି।

ସମଲିଙ୍ଗୀ ବିବାହକୁ ନେଇ ସର୍ବୋଚ୍ଚ ଅଦାଲତ ରାଜ୍ୟଗୁଡ଼ିକର ମତାମତ ଲୋଡ଼ିଥିଲେ। ରାଜସ୍ଥାନ ଏହାକୁ ବିରୋଧ କରିଥିବାବେଳେ ଅନ୍ୟ ୬ଟି ରାଜ୍ୟ ଏହାକୁ ଅନୁଧ୍ୟାନ କରିବା ପାଇଁ ସମୟ ମାଗିଥିବା କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମଣିପୁର, ଆସାମ ଓ ସିକିମ।

## ବ୍ରିଟେନରେ ଭାରତୀୟ ଛାତ୍ର ସର୍ବାଧିକ



**ସୋନିପତ୍, ୧୦ା୫ (ଆଇଏଏନ୍‌ଏସ୍)**

ବ୍ରିଟେନରେ ଭାରତୀୟ ଛାତ୍ରୀଛାତ୍ର ସଂଖ୍ୟା ଚାଇନା ସମେତ ସବୁ ଦେଶକୁ ଟପିଯାଇଛି। ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିରେ ଭାରତ-ବ୍ରିଟେନ୍ ସମ୍ପର୍କ ଉପରେ ଉଦ୍‌ବୋଧନ ଦେବା ଅବସରରେ ଭାରତରେ ବ୍ରିଟିଶ ହାଇକମିଶନର ଆଲେକ୍ସ ଏଲିସ୍ ଏହା କହିଛନ୍ତି। ଦୁଇ ଦେଶ ମଧ୍ୟରେ ମାନବୀୟ ସମ୍ପର୍କ ଅସାଧାରଣ। ତଥାପି ଭାରତ-ବ୍ରିଟେନ ସମ୍ପର୍କକୁ ଆହୁରି ଗଭୀର ସ୍ତରକୁ ନେବାକୁ ହେବ ବୋଲି ସେ କହିଛନ୍ତି। ୨୦୩୦ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବାକୁ ଯାଉଛି। ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ନିମନ୍ତେ ବୁଝାମଣା ପାଇଁ ଉଦ୍ୟମ ଚାଲିଛି। ଏହା କେବଳ ଅର୍ଥନୈତିକ ମୂଲ୍ୟ ଦୃଷ୍ଟିରୁ ନୁହେଁ, ବରଂ ରଣନୀତିକ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏଲିସ୍ କହିଛନ୍ତି।

## ଦେଶରେ ୫୦ କୋଟି ସାଇବର ଆକ୍ରମଣ ରୋକାଯାଇଛି

**ନୂଆଦିଲ୍ଲୀ, ୧୦ା୫**



୨୦୨୩ ପ୍ରଥମ ତ୍ରୈମାସିକରେ ବିଶ୍ୱରେ ୧୦୦ କୋଟି ସାଇବର ଆକ୍ରମଣ ମଧ୍ୟରୁ ଭାରତରେ ୫୦ କୋଟିରୁ ଊର୍ଦ୍ଧ୍ୱ ଆକ୍ରମଣକୁ ରୋକାଯାଇପାରିଛି। ଗତବର୍ଷ ଚତୁର୍ଥ ତ୍ରୈମାସିକରେ ବିଶ୍ୱରେ ୮୨.୯ କୋଟି ସାଇବର ଆକ୍ରମଣ ହୋଇଥିଲା ବେଳେ ଚଳିତବର୍ଷ ପ୍ରଥମ ତ୍ରୈମାସିକରେ ଏହା ୧ ବିଲିୟନକୁ ବୃଦ୍ଧି ପାଇଥିବା ଏକ ନୂଆ ରିପୋର୍ଟରୁ ଜଣାପଡ଼ିଛି। ଆପ୍ଲିକେଶନ ସିକ୍ୟୁରିଟି ସାସ୍ ଫାର୍ମ ଇଣ୍ଡୁସ୍‌ଫେସ୍ ଅନୁଯାୟୀ ଶିଳ୍ପ ସେକ୍ଟର ତୁଳନାରେ ବ୍ୟାଙ୍କିଙ୍ଗ, ଫାଇନାନ୍ସିଆଲ ସର୍ଭିସ ଏବଂ ବୀମା (ବିଏଫ୍‌ଏସ୍‌ଆଇ) ସେକ୍ଟର ଆପ୍ଲିକେଶନ ପ୍ରତି ୩୮ ପ୍ରତିଶତ ଅଧିକ ଆକ୍ରମଣର ସମ୍ମୁଖୀନ ହୋଇଛି। ଏହି ସମୟରେ ଶିଳ୍ପ ସେକ୍ଟରରେ ୱେବ୍‌ସାଇଟ୍ ପିଛା ୯,୭୩,୦୦୦ ସାଇବର ଆକ୍ରମଣ ହୋଇଛି। ବିଏଫ୍‌ଏସ୍‌ଆଇ ଏବଂ ସ୍ୱାସ୍ଥ୍ୟସେବା ସେକ୍ଟରର ବ୍ୟକ୍ତିଗତ ପରିଚୟଯୋଗ୍ୟ ତଥ୍ୟ (ପିଆଇଆଇ) ଉପରେ ସାଇବର ଆକ୍ରମଣକାରୀ ଅଧିକ ଆଗ୍ରହ ରଖୁଛନ୍ତି। ଶିଳ୍ପ ଓ ଉତ୍ପାଦନ ସେକ୍ଟର ଡିଡିଓଏସ୍ ଆକ୍ରମଣ ଦ୍ୱାରା ଅଧିକ ଟାର୍ଗେଟର ସମ୍ମୁଖୀନ ହେଉଥିବା ଇଣ୍ଡୁସ୍‌ଫେସ୍ ସିଇଓ ଆଶିଷ ଟଣ୍ଡନ କହିଛନ୍ତି।

## ଭାରତରେ ମାତୃ, ନବଜାତ ମୃତ୍ୟୁ ସର୍ବାଧିକ

### ମୋଟ ମୃତ୍ୟୁର ୬୦ପ୍ରତିଶତ ୧୦ ଦେଶରେ : ଜାତିସଂଘ ରିପୋର୍ଟ

**କେପ୍‌ଟାଉନ, ୧୦ା୫**

ସାରା ବିଶ୍ୱରେ ମୋଟ ମାତୃ, ନବଜାତ ମୃତ୍ୟୁ ଏବଂ ମୃତ ଶିଶୁ ଜନ୍ମର ୬୦ ପ୍ରତିଶତ ଭାରତ ସମେତ ୧୦ଟି ଦେଶରେ ଘଟୁଛି। ଏଥିରେ ଭାରତ ସର୍ବାଗ୍ରେ ରହିଥିବା ଜାତିସଂଘ ରିପୋର୍ଟରେ କୁହାଯାଇଛି। ବିଶ୍ୱରେ ଜୀବନ୍ତ ଶିଶୁ ଜନ୍ମର ୫୧ ପ୍ରତିଶତ ଏହି ୧୦ ଦେଶରେ ହୋଇଥାଏ। ଡବ୍ଲ୍ୟୁଏଚ୍‌ଓ, ୟୁନିସେଫ୍ ଏବଂ ୟୁଏନ୍‌ଏଫ୍‌ପିଏ ପକ୍ଷରୁ କରାଯାଇଥିବା ପ୍ରୋଗ୍ରେସ୍ ଟ୍ରାକିଂ ରିପୋର୍ଟ ମଙ୍ଗଳବାର ଅନ୍ତର୍ଜାତୀୟ ମାତୃତ୍ୱ ନବଜାତ ସ୍ୱାସ୍ଥ୍ୟ ସମ୍ମିଳନୀ (ଆଇଏମ୍‌ଏନ୍‌ଏଚ୍‌ସି ୨୦୨୩)ରେ ପ୍ରକାଶ ପାଇଛି। ୨୦୨୦-୨୧ରେ ମୋଟ ୪.୫ ନିୟୁତ ମୃତ୍ୟୁ ମଧ୍ୟରେ ରହିଛି ମାତୃମୃତ୍ୟୁ ୦.୨୯ ନିୟୁତ, ମୃତ ଶିଶୁ ଜନ୍ମ ୧.୯ ନିୟୁତ ଏବଂ ନବଜାତ ଶିଶୁ ମୃତ୍ୟୁ ୨.୩ ନିୟୁତ। ଉପସାହାରା ଆଫ୍ରିକା, କେନ୍ଦ୍ରୀୟ ଏବଂ ଦକ୍ଷିଣ ଏସିଆ ଅଞ୍ଚଳରେ ସର୍ବାଧିକ ମୃତ୍ୟୁ ଘଟୁଛି। ୮ ବର୍ଷ ହେଲା ମାତୃ ଏବଂ ନବଜାତ ସ୍ୱାସ୍ଥ୍ୟ ପାଇଁ ବ୍ୟୟ ହ୍ରାସ ପାଇଛି।



୨୦୨୦ରେ ସାରା ବିଶ୍ୱରେ ମୋଟ ୪୫ ଲକ୍ଷ ମାତୃ, ଶିଶୁ ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ମଧ୍ୟରୁ ଭାରତରେ ୭,୮୮,୦୦୦ ମୃତ୍ୟୁ ଘଟିଛି। ବିଶ୍ୱରେ ମୋଟ ଜୀବନ୍ତ ଶିଶୁ ଜନ୍ମରୁ ୧୭ ପ୍ରତିଶତ ଭାରତରେ ହୋଇଛି। ଭାରତ ପରେ ମୃତ୍ୟୁହାରରେ ନାଇଜେରିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ପାକିସ୍ତାନ ତୃତୀୟରେ ରହିଛି। ଏହା ପଛକୁ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଇଥିଓପିଆ, ବାଂଲାଦେଶ ଏବଂ ଚାଇନା ରହିଛି।

ପ୍ରତି ନବଜାତ କାର୍ଯ୍ୟ ଯୋଜନା (ଇଏନ୍‌ଏପି) ଏବଂ ପ୍ରତିକାରଯୋଗ୍ୟ ମାତୃ ମୃତ୍ୟୁହାର (ଇପିଏମ୍‌ଏମ୍) ପ୍ରୋଗ୍ରେସ୍ ଟ୍ରାକିଂ ରିପୋର୍ଟ ଅନୁଯାୟୀ ଗର୍ଭବତୀ ମହିଳା, ମା' ଓ ଶିଶୁ ମୃତ୍ୟୁ ହ୍ରାସରେ ଅଗ୍ରଗତି ହୋଇପାରିନାହିଁ। ବିଶ୍ୱବ୍ୟାପୀ ଗର୍ଭବତୀ ମହିଳା ଓ ନବଜାତ ମୃତ୍ୟୁ ହାର କ୍ରମାଗତ ଭାବେ ଅଧିକ ରହିଆସିଛି। ସେମାନଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବାରେ କରୋନା ମହାମାରୀ ବାଧକ ସାଜିଥିଲା ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ରେ ମାତୃ, ନବଜାତ, ଶିଶୁ, କିଶୋର ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଥିବା ଡା. ଅଂଶୁ ବାନାର୍ଜୀ କହିଛନ୍ତି। ଏଥିରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ ଆମକୁ ଭିନ୍ନ ପଦକ୍ଷେପ ନେବାକୁ ହେବ। ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଅଧିକ ତଥା ସ୍ମାର୍ଟ ପୁଞ୍ଜିନିବେଶ ଜରୁରୀ, ଯଦ୍ୱାରା ପ୍ରତ୍ୟେକ ମହିଳା ଏବଂ ଶିଶୁ, ସେମାନେ ଯେଉଁଠି ବସବାସ କରୁଥାନ୍ତୁ ନା କାହିଁକି, ସ୍ୱାସ୍ଥ୍ୟ ଏବଂ ବଞ୍ଚିରହିବା ପାଇଁ ଶ୍ରେଷ୍ଠ ସୁଯୋଗ ପାଇପାରିବେ ବୋଲି ବାନାର୍ଜୀ କହିଛନ୍ତି।

ଆଇଏମ୍‌ଏନ୍‌ଏଚ୍‌ସିରେ ଗଣମାଧ୍ୟମକୁ ଡବ୍ଲ୍ୟୁଏଚ୍‌ଓର ମାଟର୍ନାଲ ହେଲ୍‌ଥ ମୁଖ୍ୟ ଡ. ଆଲିସିନ୍ ମୋରାନ କହିଛନ୍ତି, ୨୦୦୦ ମସିହାରୁ ମାତୃ, ନବଜାତ ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ହ୍ରାସ ପାଇଆସୁଥିବାବେଳେ ୨୦୧୫ରୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ୨୦୩୦ ସୁଦ୍ଧା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ କରିବାକୁ ହେଲେ ଆମକୁ ଏକ ଗୋଷ୍ଠୀ ଭାବେ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏଥିପାଇଁ ମହିଳା ଓ ନବଜାତଙ୍କ ପ୍ରସବ ପୂର୍ବ, ଅନ୍ତଃଗର୍ଭାଶୟୀ ଏବଂ ପ୍ରସବ ପରବର୍ତ୍ତୀ ଯତ୍ନରେ ଉନ୍ନତି ପାଇଁ ଜୀବନରକ୍ଷାକାରୀ ହସ୍ତକ୍ଷେପ ଜରୁରୀ। ୨୦୨୫ ସୁଦ୍ଧା ଆମକୁ ପ୍ରସବ ପୂର୍ବ, ଦକ୍ଷତାପୂର୍ଣ୍ଣ ପ୍ରସବ ସହାୟକ ଏବଂ ପ୍ରସବ ପରବର୍ତ୍ତୀ ଜନ୍ମ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ ବୋଲି ମୋରାନ କହିଛନ୍ତି।




# ବଜ୍ରପାତରେ କଲେଜ ଛାତ୍ରୀ ମୃତ

ରାୟଗଡା ଅଫିସ,୧୦।୫

ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କଦଳୀଗୁଡା ଗ୍ରାମରେ ବୁଧବାର ବଜ୍ରପାତରେ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତା ଛାତ୍ରୀ ଜଣକ ହେଲେ ଅଦାବଂଶ ସଞ୍ଜୁ। ଗୁରୁତର ଦୁଇ ଜଣକ ପରିଚୟ ମିଳିପାରିନାହିଁ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଜେକେପୁର ସ୍ଥିତ ଉଗ୍ରତାରା ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ସଞ୍ଜୁ ଟିୟୁସନ ଯାଇ ଅପରାହ୍ନ ପ୍ରାୟ ୫ଟାରେ ଘରକୁ ଫେରୁଥିବା ବେଳେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଗାଁରେ ପହଞ୍ଚିବାକୁ ଆଉ ଅଳ୍ପ ଦୂର ଥିବାବେଳେ ସେ ବଜ୍ରପାତରେ ଟଳି ପଡ଼ିଥିଲେ।

# ଦମ୍ପତିଙ୍କ କଳିରେ ନାବାଳିକାଙ୍କ ଜୀବନ ଗଲା

ରାୟଗଡ଼ା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.),୧୦।୫

**ଭୋଜିରେ ସ୍ତ୍ରୀଙ୍କୁ ଫିଙ୍ଗିଥିବା ଇଟା ଛାତିରେ ବାଜିଲା**

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କୁରୁମପେଟା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବାହାଘର ଭୋଜିକୁ ଆସିଥିବା ଏକ ଦମ୍ପତିଙ୍କ ମଧ୍ୟରେ କଳି ବେଳେ ସ୍ୱାମୀ ଫିଙ୍ଗିଥିବା ଇଟା ସ୍ତ୍ରୀଙ୍କ ଉପରେ ନ ପଡ଼ି ଜଣେ ନାବାଳିକାଙ୍କ ଛାତିରେ ବାଜିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ କୋଲନରା ବ୍ଲକ ସୁରି ପଞ୍ଚାୟତ କୋମୁଗୁଡ଼ା ଗ୍ରାମର ହରି କାଡ୍ରାକାଙ୍କ ଝିଅ ରୋଜି (୧୨)। ଇଟା ଫିଙ୍ଗିଥିବା କୁରୁମପେଟା ଗ୍ରାମର ଜିଆନା ତାଡିଙ୍ଗିଙ୍କୁ ପୋଲିସ ଅଟକ ରଖିଛି।

ସୂଚନା ଅନୁଯାୟୀ, କୋମୁଗୁଡ଼ା ଗ୍ରାମର ରୋଜି ରୋଡ଼ାଙ୍ଗି ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପଢୁଥିଲେ। ସ୍କୁଲ ଛୁଟି ଥିବାରୁ ସେ ତାଙ୍କ ପରିବାର ସଦସ୍ୟଙ୍କ ସହ କୁରୁମପେଟା ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ବାହାଘର ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ଉକ୍ତ ଭୋଜିରେ କୁରୁମପେଟାର ଦମ୍ପତି ଜିଆନା ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣାଲୁ ତାଡ଼ିଙ୍ଗିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଜିଆନା ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ପୂର୍ଣ୍ଣାଲୁଙ୍କ ଉପରକୁ ଏକ ଇଟା ଫୋପାଡ଼ିଥିଲେ। ଇଟାଟି ପୂର୍ଣ୍ଣାଲୁଙ୍କ ଉପରେ ନ ପଡି ସେହି ପାଖରେ ଥିବା ରୋଜିଙ୍କ ଛାତିରେ ବାଜିଥିଲା। ଏଥିରେ ରୋଜି ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ରୋଜିଙ୍କ ପରିବାର ପକ୍ଷରୁ ଚାନ୍ଦିଲି ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଇଟା ଫିଙ୍ଗିଥିବା ଜିଆନାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଛତୁଆ ନିମ୍ନମାନର, କମୁନି ପୁଷ୍ଟିହୀନତା

ହର୍ଷବର୍ଦ୍ଧନ ବେହେରା

ଯାଜପୁର ଅଫିସ,୧୦।୫

ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପୁଷ୍ଟିହୀନତା ଓ ରକ୍ତହୀନତାର ନିରାକରଣ ଲକ୍ଷ୍ୟ ନେଇ ଛତୁଆ ବଣ୍ଟନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଏହି ଛତୁଆରେ ପରିପୂରକ ପୁଷ୍ଟିକର ଖାଦ୍ୟ ଦେବା ବଦଳରେ ଆବଣ୍ଟିତ ଅର୍ଥକୁ କିପରି ବର୍ଷ ବର୍ଷ ଧରି ମିଳିମିଶି ଲୁଟ କରୁଛନ୍ତି ତାହାର ପ୍ରମାଣ ଏବେ ଦେଖିବାକୁ ମିଳିଛି। ସରକାରୀ ଅଧିକାରୀ ଓ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) କର୍ମକର୍ତ୍ତାଙ୍କ ଅସାଧୁମେଣ୍ଟ ଯୋଗୁ ବାର୍ଷିକ ବିପୁଳ ଅର୍ଥ ଲୁଟ୍ ହେଉଛି। ଫଳରେ ଏବେ ବି ଯାଜପୁର ଜିଲାରେ ପୁଷ୍ଟିହୀନତା ଓ ରକ୍ତହୀନତା ଆକ୍ରାନ୍ତଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ ହୋଇ ପାରି ନ ଥିବା କୁହାଯାଉଛି।

ଯାଜପୁର ଜିଲା ଧର୍ମଶାଳା ବ୍ଲକର ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ଶନିବାର ନିମ୍ନମାନର ଛତୁଆକୁ ନେଇ ଏକ ଘଟଣା ଦେଖିବାକୁ ମିଳିଛି। ନାଉପାଳ ଗ୍ରାମର ରୋଜି ସାହୁ ନାମ୍ନୀ ଜଣେ ମହିଳା ଏକ ଛତୁଆ ଓ ହାଲୁଆ ପ୍ୟାକେଟ ଧରି ସିଡିପିଓଙ୍କ ନିକଟରେ ନିମ୍ନମାନର ବୋଲି ଲିଖିତ ଅଭିଯୋଗ କରିଛନ୍ତି। ଖାଇବା ଉପଯୋଗୀ ଛତୁଆ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ଏହାପରେ ସେ ସିଡିପିଓଙ୍କ ଅଫିସ ସାମ୍ନାରେ ସାଧାରଣ ଲୋକଙ୍କ ସମ୍ମୁଖରେ ଚାଲୁଣୀ ମାଧ୍ୟମରେ ଛତୁଆ ପ୍ୟାକେଟ ଖୋଲି ଚଲେଇ ଥିଲେ। ସେଥିରୁ ଚୋକଡ଼ ଓ ଖଦଡ଼ ଆଦି ଅଖାଦ୍ୟ ବାହାରିଥିବା ଦେଖାଯାଇଥିଲା। ସେ କହିଥିଲେ ଏଭଳି ଖାଦ୍ୟ ପାଟିକୁ ଯାଉନାହିଁ, ତେଣୁ ଗାଈ ବଳଦକୁ ଦେଇ ଦେଉଛୁ। ଧର୍ମଶାଳା ବ୍ଲକ କାଏମାର ହିତାଧିକାରୀ ପ୍ରତିମା ମିଶ୍ର ଏବଂ ଓଡପୁରର ରଞ୍ଜିତା ମଲ୍ଲିକ ଓ ମୋନାଲିସା ମଲ୍ଲିକ କହିଛନ୍ତି, ଅଙ୍ଗନୱାଡି ଜରିଆରେ ଯୋଗାଇ ଦିଆଯାଉଥିବା ଛତୁଆ, ହାଲୁଆକୁ ସ୍ୱାଦ ଅଭାବରୁ ଶିଶୁମାନେ ଖାଉନାହାନ୍ତି। ବୁଟ, ଚିନାବାଦାମ ଏବଂ ଚିନିର ଭାଗ ରହୁନି। ଏଗୁଡ଼ିକ କମା ଯାଇ ଗହମ ଭାଗ ବୃଦ୍ଧି କରାଯାଉଛି। ଫଳରେ ଛତୁଆ ସ୍ୱାଦହୀନ ହୋଇ କେବଳ ଗହମଗୁଣ୍ଡ ଭଳି ଲାଗୁଛି। ଶିଶୁ ସମେତ ପ୍ରସୂତି ଓ ଗର୍ଭବତୀ ମହିଳାମାନେ ଏହି ଛତୁଆକୁ ନ ଖାଇ ପକାଇ ରଖୁଛନ୍ତି।

ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ଅତୀତରେ ଯୋଗାଇ ଦିଆଯାଇଥିବା ଡାଲି ଏବଂ ଚାଉଳରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏଭଳି ଅନିୟମିତତା ଏଡ଼ାଇବାକୁ ଯାଇ ରାଜ୍ୟ ସରକାର ୨୦୧୧ରୁ ଟେକ୍ ହୋମ୍ ରାଶନ (ଟିଏଚ୍‌ଆର୍) ଯୋଜନାରେ ପୁଷ୍ଟିକର ଖାଦ୍ୟ ଭାବେ ଛତୁଆ ଯୋଗାଇ ଆସୁଛନ୍ତି। କିନ୍ତୁ ଏହା ଡାଲି ଦୁର୍ନୀତିଠାରୁ ବଳି ପଡ଼ିଥିବା ଅଭିଯୋଗ ହେଉଛି। ଏବେ ଜିଲାର ୧୬ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ଯୋଗାଇ ଆସୁଛନ୍ତି। ଜିଲାରେ ଏବେ ବି ଅତିଶୟ ପୁଷ୍ଟିହୀନ ଏବଂ କମ୍ ଓଜନ ପିଲା ରହିଛନ୍ତି, ଯାହାର ଉଦାହରଣ ନିକଟରେ ଦାନଗଦି ଏବଂ ସୁକିନ୍ଦା ବ୍ଲକ ସମେତ ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ବୁରୁସାହି ଓ ଚକ୍ରଧରପୁର ପଞ୍ଚାୟତର ବଲାଙ୍ଗିଆ ଗ୍ରାମରେ ଦେଖିବାକୁ ମିଳିଛି। ଏଥିପାଇଁ ପୁଷ୍ଟିହୀନ ଶିଶୁଙ୍କ ପାଇଁ ୨୪୦ଗ୍ରାମ, ୩ରୁ ୬ବର୍ଷ ଶିଶୁଙ୍କ ପାଇଁ ୮୦ଗ୍ରାମ ଏବଂ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ୨୫୦ ଗ୍ରାମ ଛତୁଆ ଦୈନିକ ଦିଆଯାଉଛି। ତେବେ ଛତୁଆର ମାନ ନିମ୍ନଧରଣର ଏବଂ ନିର୍ମାଣକାରୀ ସଂସ୍ଥା ବ୍ୟାପକ ଭାବେ ହରିଲୁଟ କରୁଥିବା ଅଭିଯୋଗ ହେଉଛି।

ସେହିପରି ଶିଶୁମାନଙ୍କୁ ହାଲୁଆ ପାଇଁ ଦିଆଯାଉଥିବା ପ୍ୟାକେଟରେ କେବଳ ସୁଜି ଓ ଚିନି ରହୁଛି। ସେଥିରେ ବେସନ କିମ୍ବା ତେଲରେ ସୁଜି ଭଜା ଯାଉନାହିଁ। ୧।୧୧।୨୦୧୯ରେ ଜିଲାର ବଡ଼ଚଣା ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ କୁନ୍ଦଳ ଓ ଦାଣ୍ଡ ହରିପୁର ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ ସମୟରେ ଜିଲା ସମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲୁଓ) ପରିଦର୍ଶନରେ ଯାଇଥିଲେ। ସେହି ସମୟରେ ସେ ନିମ୍ନମାନର ଛତୁଆ ସମେତ ବିଭିନ୍ନ ତ୍ରୁଟି ହେଉଥିବା ଦେଖିବାକୁ ପାଇଥିଲେ। ଏହିସବୁତ୍ରୁଟିଅନୁଧ୍ୟାନକରିବା ପରେ ସମ୍ପୃକ୍ତ ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଡିଏସ୍‌ଡବ୍ଲ୍ୟୁଓ ଜବାବ ତଲବ କରିଥିଲେ। ଅନୁରୂପ ଭାବେ ବରୀ, ଦାନଗଦି, ସୁକିନ୍ଦା, ଧର୍ମଶାଳା ଆଦି ବ୍ଲକ ଅଞ୍ଚଳରେ ଏଭଳି ଅନିୟମିତତା ପୂର୍ବରୁ ପଦାକୁ ଆସିଛି। ଏହି ଅନିୟମିତତାରେ ବିଭାଗର କେତେଜଣ ଅଧିକାରୀଙ୍କ ସମ୍ପୃକ୍ତି ଥିବାବେଳେ ମାସିକ ଚାନ୍ଦା ନ ଦେଲେ ବିଲ୍ ହେଉ ନ ଥିବା କେତେକ ଏସ୍‌ଏଚ୍‌ଜିର କର୍ତ୍ତୃପକ୍ଷ କହିଛନ୍ତି। ତେବେ ନିର୍ମାଣକାରୀ ସଂସ୍ଥାଙ୍କ ଉପରେ କେତେଜଣ ପ୍ରଭାବଶାଳୀଙ୍କ ଆଶୀର୍ବାଦ ରହିଥିବାରୁ ଯେତେ ନିମ୍ନମାନର ଛତୁଆ ବଣ୍ଟନ କଲେ ବି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲାରେ ୧୬ଟି ଗୋଷ୍ଠୀ ଜରିଆରେ ଛତୁଆ ପାଇଁ ବାର୍ଷିକ ପ୍ରାୟ ୧୭ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଡିଏସ୍‌ଡବ୍ଲ୍ୟୁଓ ଅଫିସରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୦-୨୧ ବର୍ଷର ଅଗଷ୍ଟରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୧ କୋଟି ୯୬ ଲକ୍ଷ ୫୭ ହଜାର ୭୩୪ ଟଙ୍କା, ୨୦୨୧-୨୨ ବର୍ଷରେ ୧୭ କୋଟି ୨୯ ଲକ୍ଷ ୯୯ ହଜାର ୭୨ ଟଙ୍କା ଏବଂ ୨୦୨୨-୨୩ ବର୍ଷରେ ୧୬ କୋଟି ୫୦ ଲକ୍ଷ ୫୮ ହଜାର ୨୮୩ ଟଙ୍କା ବିଲ୍ ହୋଇଛି।

ଏ ସଂକ୍ରାନ୍ତରେ ଡିଏସ୍‌ଡବ୍ଲ୍ୟୁଓ ଇନ୍ଦୁରେଖା ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ସେ ଯାଜପୁର ଜିଲାରେ ନୂତନ ଭାବେ ଯୋଗ ଦେଇଛନ୍ତି। ତେବେ ନିମ୍ନମାନର ଛତୁଆ ଉପରେ ଯେଉଁସବୁ ଅଭିଯୋଗ ହେଉଛି, ସେଗୁଡ଼ିକର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଉଦ୍ୟମ କରାଯାଉଛି।



ଛତୁଆକୁ ଚାଲୁଣୀରେ ଚଲାଉଛନ୍ତି ନାଉପାଳ ଗ୍ରାମର ରୋଜି ସାହୁ।

# ମହୁମାଛି ଆକ୍ରମଣରେ ସିପିଏମ୍ ନେତାଙ୍କ ମୃତ୍ୟୁ

ନୀଳଗିରି, ୧୦।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗରଡି ପଞ୍ଚାୟତ ବାଙ୍କିସାହି ଗ୍ରାମର ବରିଷ୍ଠ ସିପିଏମ୍ ନେତା ରାମଚନ୍ଦ୍ର ସ (୭୨) ବୁଧବାର ମହୁମାଛି ଆକ୍ରମଣରେ ପ୍ରାଣ ହରାଇଛନ୍ତି। ତାଙ୍କ ନାତି ମଧ୍ୟ ଆହତ ହୋଇଛନ୍ତି। ରାମଚନ୍ଦ୍ର ପୂର୍ବାହ୍ନରେ ବାଡ଼ି ସଫା କରୁଥିବା ବେଳେ ଅଳିଆ ସବୁକୁ ଗୋଟିଏ ଜାଗାରେ ଏକାଠି କରି ନିଆଁ ଲଗାଇଦେଇଥିଲେ। ଧୂଆଁ ଉପରକୁ ଉଠିବାରୁ ଗଛ ଉପରେ ଥିବା ବସାରୁ ମହୁମାଛି ଉଡିଆସି ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ତଳେ ପଡି ରାମଚନ୍ଦ୍ର ଛଟପଟ ହୋଇ ଡାକୁଥିବା ବେଳେ ତାଙ୍କ ନାତି ଦୌଡ଼ି ଆସିବାରୁ ତାଙ୍କୁ ମଧ୍ୟ ମହୁମାଛି କାମୁଡ଼ି ପକାଇଥିଲେ। ନାତି ସେଠାରୁ ଦୌଡି ପଳାଇ ଘରେ କହିବାରୁ ରାମଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ବରହମପୁର ଡାକ୍ତରଖାନା ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ନୀଳଗିରି ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା।



ସିପିଏମ୍ ନେତା ରାମଚନ୍ଦ୍ର ସ।

ରାମଚନ୍ଦ୍ରଙ୍କ ମରଶରୀରକୁ ନୀଳଗିରି ସିପିଏମ କାର୍ଯ୍ୟାଳୟକୁ ନିଆଯାଇ କିଛି ସମୟ ପାଇଁ ସେଠାରେ ରଖି ବହୁ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗ ଖବର ଶୁଣି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିପିଏମ ନେତା ବିଜୟ ପାତ୍ର, ଯୋଗାନନ୍ଦ ଦାସ, ଜ୍ୟୋତିର୍ମୟୀ ରାଉତ ଓ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଶେଷ ଦର୍ଶନ କରି ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ଗ୍ରାମରେ ଶେଷକୃତ୍ୟ କରାଯାଇଥିଲା।

**ସରକାରୀ ଅର୍ଥ ଆତ୍ମସାତ୍ ମାମଲା**

# ୨ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ

କେନ୍ଦୁଝର,୧୦।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରଶ୍ମିତା ଦଲେଇ ମାମଲାର ବିଚାରକରି ସହକାରୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା ଓ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର କରଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା ଓ ଅନାଦାୟେ ୨ ମାସ ଅଧିକ ଦଣ୍ଡ ଆଦେଶ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ୨ ଯନ୍ତ୍ରୀ ୨୦୦୪-୦୫ରେ ଆନନ୍ଦପୁର ବ୍ଲକ୍‌ରେ କାର୍ଯ୍ୟରତ ଥିଲେ। ସେହି ସମୟରେ ଏକ ସରକାରୀ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଧାୟକ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। କାମ ମଦନମୋହନ ମିଶ୍ର ନାମକ ଠିକାଦାରଙ୍କ ଜରିଆରେ କରାଯାଇଥିଲା। ତେବେ କାମ ନ ହୋଇ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ୨ ଯନ୍ତ୍ରୀ ମାପ ବୁପ କରିବା ସହ ବିଲ୍ ପୈଠ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ୧୦ ଏପ୍ରିଲ ୨୦୦୭ରେ ଏକ ଦୁର୍ନୀତି ମାମଲା ରୁଜୁ ହୋଇଥିଲା। ୩୪ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ବୋଲି ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବଦତ୍ତ ବିଶ୍ୱାଳ କହିଛନ୍ତି।

# ଭୁଶୁଡ଼ିଲା ଲେବର କମିଶନରଙ୍କ କାର୍ଯ୍ୟାଳୟ ଛାତ

ବାଲେଶ୍ୱର ଅଫିସ, ୧୦।୫

**ସରକାରୀ କାର୍ଯ୍ୟାଳୟର ଏମିତି ଅବସ୍ଥା**

ବାଲେଶ୍ୱର ସହର ଏଡିଏମ୍ ଛକ ନିକଟସ୍ଥ ଥିବା ଡିଭିଜିନାଲ ଲେବର କମିଶନରଙ୍କ କାର୍ଯ୍ୟାଳୟର ଛାତ ବୁଧବାର ମଧ୍ୟାହ୍ନରେ ହଠାତ୍ ଭୁଶୁଡି ପଡିଥିଲା। ଶ୍ରମ କମିଶନର ଚେୟାରରେ ନ ଥିବାରୁ ସୌଭାଗ୍ୟବଶତଃ ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସରକାରୀ କାର୍ଯ୍ୟାଳୟରେ ଏଭଳି ଦୁର୍ଘଟଣା ସମସ୍ତଙ୍କୁ ଚକିତ କରିଛି।

ଏହି କାର୍ଯ୍ୟାଳୟ ଦୀର୍ଘଦିନର ହୋଇଥିଲେ ମଧ୍ୟ ଆବଶ୍ୟକ ମରାମତି ହୋଇନାହିଁ। ଫଳରେ କାର୍ଯ୍ୟାଳୟର ଛାତ ଦୁର୍ବଳ ହୋଇପଡ଼ିଛି। ଏନେଇ ଡିଭିଜିନାଲ ଲେବର କମିଶନର ଅଜୟ କୁମାର ପ୍ରଧାନ କହିଛନ୍ତି, ତାଙ୍କ କକ୍ଷ ଛାତରୁ କଂକ୍ରିଟ ଖସି ଟେବୁଲ ଉପରେ ପଡ଼ିଥିଲା। ଫଳରେ ଟେବୁଲ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିବା ବେଳେ ଫାଇଲସବୁ ଏଣେତେଣେ ବିଛାଡି ହୋଇପଡ଼ିଥିଲା। ପାଖାପାଖି ଏକ ମାସ ପୂର୍ବରୁ ପିଡବ୍ଲ୍ୟୁଡିକୁ ଏହାର ମରାମତି କରାଯିବା ପାଇଁ ପତ୍ର କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଏହାର ମରାମତି ହୋଇ ନ ପାରିବାରୁ ଏଭଳି ସ୍ଥିତି ଉପୁଜିଲା ବୋଲି ପ୍ରକାଶ କରିଛନ୍ତି।



ଡିଭିଜନାଲ ଲେବର କମିଶନରଙ୍କ କାର୍ଯ୍ୟାଳୟ ଛାତରୁ ଖସିପଡିଥିବା କଂକ୍ରିଟ।

# ଟଙ୍କା ପାଇଁ ମା'ଙ୍କୁ ହତ୍ୟା

**ବଡ଼ପୁଅ ଉପରେ ସନ୍ଦେହ, ପୋଲିସର ତନାଘନା ଜାରି**

ଯାଜପୁର ଅଫିସ,୧୦।୫

ଟଙ୍କା ପାଇଁ ମା'ଙ୍କୁ ବଡ଼ପୁଅ ହତ୍ୟା କରିଛନ୍ତି। ଏଭଳି ଏକ ଅଭିଯୋଗକୁ ନେଇ ସମ୍ପୃକ୍ତ ମହିଳାଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି। ହେଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ମଙ୍ଗଳପୁର ଥାନା ଜାଫରପୁର ଗ୍ରାମରେ ଜଗବନ୍ଧୁ ମଲିକଙ୍କ ସ୍ତ୍ରୀ ସଂଯୁକ୍ତା (୫୦)ଙ୍କ ମୃତଦେହ ନିଜ ଘର ପଛରେ ଥିବା ଛୋଟ ଗାଡ଼ିଆରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡ଼ିଥିଲା। ଜଗବନ୍ଧୁ ବୁଧବାର ଭୋରରୁ ଏହା ଦେଖିବା ପରେ ସାନ ପୁଅ ପ୍ରମୋଦ ଓ ସାହିପଡ଼ିଶାଙ୍କୁ ଖବର ଦେଇଥିଲେ। ସାହିପଡ଼ିଶା ଏ ସଂକ୍ରାନ୍ତରେ ମଙ୍ଗଳପୁର ଥାନାକୁ ଜଣାଇଥିଲେ। ଥାନାଧିକାରୀ ରୀନାରାଣୀ ସାହୁ ଏବଂ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ଉପାଧ୍ୟାୟ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଜିଲା ପୋଲିସ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଅର୍ଦ୍ଧ ପୋଡ଼ା ବାଉଁଶ, ତାଳ ପତ୍ର ଓ ଛଣର ନମୁନା ସଂଗ୍ରହ କରି ଫେରିଛନ୍ତି।

ସଂଯୁକ୍ତାଙ୍କ ବଡ଼ ପୁଅ ବିପିନ୍ ଆଜକୁ ଦେଢ଼ ବର୍ଷ ପୂର୍ବେ ଅନ୍ୟ ଏକ ଜାତିରେ ବିବାହ କରିଥିଲେ। ବିବାହ ପରେ ବିପିନ୍ ଓ ତାଙ୍କ ସ୍ତ୍ରୀଙ୍କ ବାପଘର ସହ ଭଲ ସମ୍ପର୍କ ନ ଥିଲା, ଯାହାକୁ ନେଇ ଘରେ କଳହ ସୃଷ୍ଟି ହୋଇଥିଲା। ପରେ ବିପିନ୍ ସ୍ତ୍ରୀକୁ ଧରି କେରଳ ଯାଇ ଶ୍ରମିକ ଭାବେ କାମ କରୁଥିଲେ। ଅଧିକାଂଶ ସମୟରେ ବିପିନ ଘରକୁ ଆସି ମା' ବାପାଙ୍କୁ ଟଙ୍କା ଦେବାକୁ ଜୋରଜବରଦସ୍ତ କରୁଥିଲେ। ହେଲେ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେମାନେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରୁଥିଲେ। ଏହି ଘଟଣାକୁ ନେଇ ପୂର୍ବରୁ ବି କଳି ଝଗଡ଼ା ଲାଗିବା ସହ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ପରେ ଥାନାରେ ଆପୋସ ବୁଝାମଣା ହୋଇଥିଲା। ଏହାପରେ ବିପିନ ସ୍ତ୍ରୀ ଓ ଛୁଆଙ୍କୁ ନିଜ ଘରେ ଛାଡ଼ି କେରଳ ଯାଇଥିଲେ। ଗତ ୪ ତାରିଖରେ ବିପିନ ଘରକୁ ଫେରି ପୁଣି ଟଙ୍କା ପାଇଁ ମା'ବାପାଙ୍କ ସହିତ ଝଗଡ଼ା କରିଥିଲେ। ଏହାପରେ ୫ ତାରିଖରେ ସ୍ତ୍ରୀ ଓ ପିଲାଙ୍କୁ ଧରି କେଉଁଆଡେ ଚାଲି ଯାଇଥିଲେ। ମାତ୍ର ବିପିନ ପୁନଶ୍ଚ ଗାଁକୁ ଫେରି କୌଣସି ଏକ ଅଜଣା ଜାଗାରେ ଲୁଚି ରହି ମଙ୍ଗଳବାର ରାତିରେ ସଂଯୁକ୍ତାଙ୍କୁ ଆକ୍ରମଣ କରି ମାରି ଦେଇଥିଲେ। ଏହାପରେ ବାଡି ପାଖରେ ଥିବା ଏକ ଗୋବର ଗାଡ଼ିଆରେ ଛଣ ଓ ତାଳପତ୍ରରେ ପୋଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ବୋଲି ମାମୁ ଅଶୋକ ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତା ସଂଯୁକ୍ତାଙ୍କ ସ୍ୱାମୀ କହିଛନ୍ତି, ଘରଠାରୁ ଅଳ୍ପ ଦୂରରେ ଥିବା ଅନ୍ୟ ଏକ ଘରେ ସେ ଶୋଇଥିଲେ। ସାନ ପୁଅ ପ୍ରମୋଦ ଯାତ୍ରା ଦେଖିବାକୁ ଯାଇ ରାତ୍ରି ୨ଟାରେ ଫେରିଥିଲେ। ଘଟଣା ବିଷୟରେ ସେ କିଛି ଜାଣି ନାହାନ୍ତି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଉପାଧ୍ୟାୟଙ୍କ ନିର୍ଦ୍ଦେଶ ମତେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଯାଇଛି। ଏଫ୍‌ଏମ୍‌ଟି ମାଧ୍ୟମରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।



ମୃତା ସଂଯୁକ୍ତା

**୪୨ ଡିଗ୍ରୀ ଉପରେ ୭ ସହର**

# ତାତି ସାଙ୍ଗକୁ ପ୍ରବଳ ଗୁଳୁଗୁଳି

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ରାଜ୍ୟରେ ତାତି ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପାରଦ ୪୨ ଡିଗ୍ରୀ ସେଲ୍‌ସିୟସକୁ ଟପି ଗଲାଣି। ୧୪ ତାରିଖରୁ ଖରା ଆହୁରି ଟାଣ ହେବ। ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଉପରକୁ ଚାଲିଯିବା ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ଉପକୂଳ ଓଡ଼ିଶାରେ ତାତି ସାମାନ୍ୟ କମ୍ ରହିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶା ଉତ୍ତପ୍ତ ହେବ। ବୁଧବାର ୭ ସହରର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୨.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୨.୬, ବୌଦ୍ଧ ୪୨, ତାଳଚେର ୪୨.୨, ଅନୁଗୋଳ ୪୨.୧, ସୁନ୍ଦରଗଡ଼ ୪୨, ବଲାଙ୍ଗୀର ୪୨, ହୀରାକୁଦ ୪୧.୯, ରାଉରକେଲା ୪୧.୮, ବରଗଡ଼ ୪୧, ସୋନପୁର ୪୦.୮, ବାରିପଦା ୪୦.୬, ଟିଟିଲାଗଡ଼ ୪୦.୫, ନୟାଗଡ଼ ୪୦.୨ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଘଣ୍ଟା ପ୍ରତି ୭ କିଲୋମିଟର ବେଗରେ ଗତି କରୁଛି। ଏହା ଦକ୍ଷିଣ-ପୂର୍ବ ପୋର୍ଟବ୍ଲେୟାରଠାରୁ ୫୩୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି। ୧୧ ତାରିଖ ସକାଳ ସୁଦ୍ଧା ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନା ଅଛି। ମଧ୍ୟରାତ୍ରରେ ଏହା ଆହୁରି ତୀବ୍ର ହେବ। ଏହାପରେ ସାମୁଦ୍ରିକ ଝଡ଼ ଉତ୍ତର-ଉତ୍ତର-ପୂର୍ବ ଦିଗକୁ ଯାଇ ଦକ୍ଷିଣ-ପୂର୍ବ ବାଂଲାଦେଶ ଏବଂ ଉତ୍ତର ମ୍ୟାନ୍‌ମାର ଉପକୂଳକୁ ମେ' ୧୪ ପୂର୍ବାହ୍ନରେ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଘଣ୍ଟାପ୍ରତି ପବନର ବେଗ ୯୦ରୁ ୧୦୦ କିଲୋମିଟର ପର୍ଯ୍ୟନ୍ତ ବଢ଼ିପାରେ। ସେହିଭଳି ୧୧ ତାରିଖ ସନ୍ଧ୍ୟା ସୁଦ୍ଧା ପବନର ବେଗ ଘଣ୍ଟା ପ୍ରତି ୧୧୦ ହେବ ବୋଲି ଆକଳନ ହୋଇଛି। ଏହି ସମୟରେ ସମୁଦ୍ରରେ ଉଚ୍ଚ ଲହଡି ଉଠିବା ସହିତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ପ୍ରବେଶ ପାଇଁ ବାରଣ କରାଯାଇଛି।



ଭୁବନେଶ୍ୱରରେ ଦୁଇ ମହିଳା ଛତା ମୁଣ୍ଡାଇ ଯାଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଙ୍କଡ଼ ଗଛରେ କଷି**
**ମାଙ୍କଡ଼ ଯାଇଛି ଯାତରା ଦେଖି**
**ରଙ୍ଗ ପାଲିଙ୍କିରେ ବସି ।**

ଅଯୋଗ୍ୟ ତଥା ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ହୋଇ ନ ଥାଏ । ମାଙ୍କଡ଼ ପାଲିଙ୍କିରେ ବସି ଯାତ୍ରା ଦେଖିବାକୁ ଯିବା ଭଳି ଅଯୋଗ୍ୟ ବ୍ୟକ୍ତିଙ୍କର ଆଡ଼ମ୍ବରପୂର୍ଣ୍ଣ ଯାତ୍ରାକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**କଳି ଯେବେ କରି ବସିବୁ**
**ସଙ୍ଗେ ଥିବ ଭାଇ**
**ଦୁଧ ଯେବେ ଖାଇ ବସିବୁ**
**ଘରେ ଥିବ ଗାଈ।**

ସାଧାରଣତଃ କୌଣସି ଅସୁବିଧା ବା ବିପଦ ବେଳେ ଭାଇଟି ତା'ର ଭାଇ ପ୍ରତି ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥାଏ। ସେହିପରି ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବୁଧବାର ରାଷ୍ଟ୍ରପତି ଭବନରେ ସାକ୍ଷାତ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

# ରାଜଧାନୀ ଏକ୍ସପ୍ରେସ୍‌ରୁ ଇଞ୍ଜିନିୟରଙ୍କ ସ୍ତ୍ରୀ ନିଖୋଜ

### ଅପହରଣ ସନ୍ଦେହ, ପୋଲିସ ସହଯୋଗ କରୁ ନ ଥିବା ଅଭିଯୋଗ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ଆଲ୍ଲାହାବାଦରୁ ଟ୍ରେନ୍‌ରେ କଟକ ଆସୁଥିବାବେଳେ ଜଣେ ଇଞ୍ଜିନିୟରଙ୍କ ସ୍ତ୍ରୀ ନିଖୋଜ ହୋଇଯାଇଛନ୍ତି। ୨ଦିନ ହେବ ତାଙ୍କର କୌଣସି ପତ୍ତା ମିଳୁନାହିଁ। ଏନେଇ ତାଙ୍କ ସ୍ୱାମୀ ଚନ୍ଦ୍ରଜିତ ଯାଦବ କଟକ ଜିଆର୍‌ପି ଥାନାରେ ନିଖୋଜ ଅଭିଯୋଗ କରିଛନ୍ତି। ନିଖୋଜ ମହିଳା ହେଲେ ଉତ୍ତରପ୍ରଦେଶର ମାଧୁରୀ ଯାଦବ। ସେ କଟକରେ ପରିବାର ସହ ରହୁଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କୌଣସି ସୂଚନା ପାଇ ପାରିନାହିଁ। ତାଙ୍କୁ କେହି ଅପହରଣ କରିନେଇଥିବା ପରିବାର ଓ ସମ୍ପର୍କୀୟମାନେ ସନ୍ଦେହ କରୁଛନ୍ତି। ଏନେଇ କଟକ ଜିଆର୍‌ପି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ନାୟକ କହିଛନ୍ତି, ଯେହେତୁ ଘଟଣା ଭୁବନେଶ୍ୱର ପାଖାପାଖି ଘଟିଛି। ତେଣୁ ଭୁବନେଶ୍ୱର ଜିଆର୍‌ପିରେ ଥାନାରେ ମାମଲା ରୁଜୁ ହେବ। ତେଣୁ ଉକ୍ତ ଥାନାକୁ ସମସ୍ତ ରିପୋର୍ଟ ପଠାଇ ଦିଆଯାଇଛି ବୋଲି ସେ କହିଛନ୍ତି। ସୂଚନାନୁସାରେ, ମାଧୁରୀ କୌଣସି କାମରେ ଆଲ୍ଲାହାବାଦ ଯାଇଥିଲେ। ଗତ ୭ ତାରିଖରେ ରାଜଧାନୀ ଏକ୍ସପ୍ରେସ୍‌ରେ କଟକ ଫେରୁଥିଲେ। ସ୍ୱାମୀ ଚନ୍ଦ୍ରଜିତ୍ ଫୋନ୍‌ରେ ତାଙ୍କ ସହ ଯୋଗାଯୋଗରେ ଥିଲେ। ପରଦିନ ଅର୍ଥାତ୍ ୮ତାରିଖ ସୋମବାର ସେ କଟକରେ



ମାଧୁରୀ ଯାଦବ

ପହଞ୍ଚିଥାନ୍ତେ। ଏପରିକି ଭୁବନେଶ୍ୱରରେ ଟ୍ରେନ୍ ପହଞ୍ଚିଥିବା ନେଇ ମାଧୁରୀ ସ୍ୱାମୀଙ୍କୁ ଜଣାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ଫୋନ୍ ବାରମ୍ବାର ସୁଇଚ୍ ଅଫ୍ ହୋଇଥିଲା। ଶେଷରେ ତାଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା କି ସେ କଟକ ରେଳ ଷ୍ଟେଶନରେ ଓହ୍ଲାଇ ନ ଥିଲେ। ମହିଳାଙ୍କ ସ୍ୱାମୀ ବ୍ୟସ୍ତ ହେବା ସହ ବହୁ ଖୋଜାଖୋଜା କରିଥିଲେ ମଧ୍ୟ ତାଙ୍କୁ ନ ପାଇବାରୁ ଶେଷରେ କଟକ ଜିଆର୍‌ପିରେ ୯ ତାରିଖରେ ଅଭିଯୋଗ କରିଥିଲେ। ହେଲେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ସହଯୋଗ କରୁ ନ ଥିବା ଚନ୍ଦ୍ରଜିତ୍ ଅଭିଯୋଗ କରିଛନ୍ତି। କଟକ ପୋଲିସ ଅସହଯୋଗ ପରେ ସେ ଚିହ୍ନା ପରିଚିତ ଥିବା ୟୁପି ପୋଲିସର ସହଯୋଗ ଲୋଡିଥିଲେ। ୟୁପି ପୋଲିସର ସୂଚନାନୁସାରେ, ମାଧୁରୀଙ୍କ ଶେଷ କଲ ଲୋକେଶନ ଢେଙ୍କାନାଳ ଜିଲାରେ ଦେଖାଉଥିବା ତାଙ୍କ ସ୍ୱାମୀ କହିଛନ୍ତି। ତେଣୁ ତାଙ୍କୁ କେହି ଅପହରଣ କରିନେଇଥିବା ସନ୍ଦେହ ହେଉଛି ବୋଲି ସେ କହିବା ସହ ପୋଲିସ୍‌ର ତୁରନ୍ତ ସହଯୋଗ ଲୋଡ଼ିଛନ୍ତି।

# 'ଜୁଡିସିଆଲ୍ ରେକର୍ଡ ସାମାଜିକ ଇତିହାସର ଝରକା ସଦୃଶ'




ଜୁଡିସିଆଲ ଏକାଡେମୀଠାରେ ବୁଧବାର ଅନୁଷ୍ଠିତ ସେଣ୍ଟର ଫର୍ ଜୁଡିସିଆଲ୍ ଆର୍କାଇଭସ୍‌ର ଏକ ବର୍ଷ ପୂର୍ତ୍ତି ଉତ୍ସବରେ ଉପସ୍ଥିତ ବିଚାରପତି।

### ସେଣ୍ଟର ଫର୍ ଜୁଡ଼ିସିଆଲ ଆର୍କାଇଭସ୍‌ର ଏକ ବର୍ଷ ପୂର୍ତ୍ତି

କଟକ ଅଫିସ,୧୦।୫

ଓଡ଼ିଶା ହାଇକୋର୍ଟ ପକ୍ଷରୁ ସେଣ୍ଟର ଫର୍ ଜୁଡିସିଆଲ୍ ଆର୍କାଇଭସ୍‌ର ଏକ ବର୍ଷ ପୂର୍ତ୍ତି ଉତ୍ସବ ଜୁଡିସିଆଲ ଏକାଡେମୀଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପ୍ରଫେସର ଡ. ପ୍ରଭୁ ପ୍ରସାଦ ମହାପାତ୍ର ଯୋଗଦେଇ କହିଲେ, ଜୁଡିସିଆଲ ରେକର୍ଡ ଦେଶର ସାମାଜିକ ଇତିହାସର ଝରକା ସଦୃଶ। ଜୁଡିସିଆଲ ରେକର୍ଡଗୁଡ଼ିକର ଅଧ୍ୟୟନ ବ୍ୟବସ୍ଥା ଭାରତରେ ନାହିଁ। ଜୁଡିସିଆଲ ଆର୍କାଇଭସ୍‌ରୁ ଦେଶର ଇତିହାସ ଜାଣିବାରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ମାଧ୍ୟମରେ ଐତିହାସିକ ଓ ବିଚାରପତି ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇପାରୁଛନ୍ତି, ଯେହେତୁ ଉଭୟ ପରୀକ୍ଷାନିରୀକ୍ଷା ମାଧ୍ୟମରେ ସତ୍ୟର ଉନ୍ମୋଚନ କରିବାକୁ ଚାହାନ୍ତି। ସପ୍ତଦଶରୁ ଊନବିଂଶ ଶତାବ୍ଦୀ ଯାଏ ପ୍ରଚଳିତ ଥିବା ମାଷ୍ଟର ଓ ସର୍ଭେଣ୍ଟ ନିୟମ ସମାଜରେ ଏକ ଅସମାନତା ସୃଷ୍ଟି କରୁଥିଲା। ଏହି ନିୟମ ଦ୍ୱାରା ମାଷ୍ଟର ଓ ସର୍ଭେଣ୍ଟଙ୍କୁ ଭିନ୍ନ ଭାବରେ ବ୍ୟବହାର କରାଯାଉଥିଲା ବୋଲି ସେ କହିଥିଲେ।

ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର କହିଲେ, ଜୁଡ଼ିସିଆଲ ଆର୍କାଇଭ୍‌ସ୍ ଐତିହାସିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ବିଶେଷକରି ଗବେଷକ ଓ ଛାତ୍ରୀଛାତ୍ରମାନେ ଏହାଦ୍ୱାରା ବହୁଳ ଭାବେ ଉପକୃତ ହୋଇପାରିବେ। ରାଜ୍ୟର କେତେକ ଜିଲାରୁ ପୁରୁଣା ରେକର୍ଡ ଅଣାଯାଇଛି। ୧୯୫୦ ମସିହା ପୂର୍ବର ସମସ୍ତ ରେକର୍ଡ ଜିଲା କୋର୍ଟଗୁଡ଼ିକରୁ ଅଣାଯାଇ ଏଠାରେ ସଂରକ୍ଷିତ କରାଯିବାର ଯୋଜନା ରହିଛି ବୋଲି ମୁଖ୍ୟ ବିଚାରପତି ସୂଚନା ଦେଇଥିଲେ। ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର ଅଧ୍ୟକ୍ଷ ବିଚାରପତି ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଦେଇ ମୁଖ୍ୟ ବିଚାରପତିଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠିତ ଜୁଡିସିଆଲ ଆର୍କାଇଭସ୍ ଦେଶରେ ସର୍ବପ୍ରଥମ ବୋଲି କହିଥିଲେ। ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭସ୍‌ର ନିର୍ଦ୍ଦେଶକ ତଥା ଓଏସ୍‌ଡି ଡ. ଲଲାଟେନ୍ଦୁ ଦାସ ମହାପାତ୍ର କହିଥିଲେ, ଓଡ଼ିଶାର ୨୦୦ ବର୍ଷର ପୁରୁଣା ରେକର୍ଡ ସମେତ ୬୩,୮୦୭ଟି ରେକର୍ଡକୁ ଡିଜିଟାଲ ରୂପରେ ସଂରକ୍ଷିତ କରାଯିବା ହାଇକୋର୍ଟ ଇତିହାସରେ ଏକ ନୂଆ ମାଇଲଖୁଣ୍ଟ।

ଏହି ଅବସରରେ ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭସ୍‌ର ୱେବସାଇଟ୍ ଓ ସେଣ୍ଟର କାର୍ଯ୍ୟକ୍ରମ ସମ୍ପର୍କିତ ବୁକ୍‌ଲେଟ୍ ଉନ୍ମୋଚିତ ହୋଇଥିଲା। ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଐତିହାସିକ ଡ. ବସନ୍ତ କୁମାର ମଲ୍ଲିକ, ଆଇନଜ୍ଞ ଡ. ବିଜୟ ଚନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଛାତ୍ରୀଛାତ୍ରଙ୍କ ସମେତ ବହୁ ଐତିହାସିକ ଉପସ୍ଥିତ ଥିଲେ।

# ୯ରୁ ୨୪କୁ ବଢ଼ିବ ଏସ୍‌ଡିସି ଜିଲା

ଭୁବନେଶ୍ୱର,୧୦।୫(ବ୍ୟୁରୋ

ରାଜ୍ୟ ସରକାର ସ୍ୱତନ୍ତ୍ର ବିକାଶ ପରିଷଦ ବା ସ୍ପେଶାଲ ଡେଭଲପମେଣ୍ଟ କାଉନ୍‌ସିଲ(ଏସ୍‌ଡିସି) ଜିଲା ସଂଖ୍ୟା ୯ରୁ ୨୪କୁ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ୫୦ ପ୍ରତିଶତରୁ ଅଧିକ ଆଦିବାସୀ ବସବାସ କରୁଥିବା ଜିଲାରେ 'ଏସ୍‌ଡିସି' ଗଠନ ହୋଇଥିବା ବେଳେ ଏବେ ୫ରୁ ୧୦ ପ୍ରତିଶତ ଆଦିବାସୀ ରହୁଥିବା ଉପକୂଳ ଜିଲାଗୁଡ଼ିକରେ ମଧ୍ୟ ଏସ୍‌ଡିସି ଗଠନ ହେବ ବୋଲି ଜଣାପଡ଼ିଛି । ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୩ ପ୍ରତିଶତ ଆଦିବାସୀ ବର୍ଗର ଲୋକ ରହୁଛନ୍ତି। ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଭଦ୍ରକ ଓ ଗଞ୍ଜାମ ଜିଲାକୁ ବାଦ୍ ଦେଇ ବାକି ୧୫ ଜିଲାରେ ଏହି ପରିଷଦ ଗଠନ ହେବ । ପୂର୍ବରୁ ୯ ଓ ଏବେ ୧୫ ଜିଲାକୁ ମିଶାଇ ମୋଟ ୨୪ ଜିଲାରେ ଏସ୍‌ଡିସି ଗଠନ ହେବ । ମିଳିଥିବା ସୂଚନା ଅନୁସାରେ, ଆସନ୍ତା ୧୪ ତାରିଖରେ ସ୍ଥାନୀୟ ଆଦିବାସୀ ପଡ଼ିଆରେ ଏକ ମେଗା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସ୍ୱତନ୍ତ୍ର ବିକାଶ ପରିଷଦ(ଏସ୍‌ଡିସି) ଜିଲା ସଂଖ୍ୟା ୯ରୁ ୨୪କୁ ବୃଦ୍ଧି କରିବେ ବୋଲି ଜଣାପଡ଼ିଛି ।

ଏଠାରେ ସୂଚନାଯୋଗ୍ୟ ଯେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଆଦି ୯ ଜିଲାର ୧୧୭ ବ୍ଲକ, ୨୦୨୨ ଗ୍ରାମପଞ୍ଚାୟତ ଏବଂ ୧୮,୬୮୭ ଗ୍ରାମର ପ୍ରାୟ ୧୪ ଲକ୍ଷ ଲୋକଙ୍କୁ ଏସ୍‌ଡିସିରେ ଅନ୍ତର୍ଭୁକ୍ତ କରାଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେବା ନେଇ ଚର୍ଚ୍ଚା ହେଉଛି।



ଝାରସୁଗୁଡ଼ା ସହରର ଏକ ପିଙ୍କ୍ କେନ୍ଦ୍ରରେ ଜଣେ ନୂଆ ଭୋଟରଙ୍କୁ ଗୋଲାପ ଦେଇ ସ୍ୱାଗତ କରାଯାଉଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଜେଲ ଗଲେ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗବିହାର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ବିକାଶ ବିଶ୍ୱାଳ। ଏନେଇ ପୋଲିସ ମାମଲା (ନଂ ୧୨୦/୨୩) ରୁଜୁକରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ବିକାଶ କଳିଙ୍ଗନଗର କେ-୫ରେ ଥିବା ଉଦ୍ୟାନ ଫ୍ରେସ୍‌ରେ ମ୍ୟାନେଜର ଭାବେ କାମ କରୁଥିଲେ। ପୀଡିତା ନାବାଳିକା ସେଠାକୁ ପ୍ରାୟ ସମୟରେ ବିଭିନ୍ନ ସାମଗ୍ରୀ କିଣିବାକୁ ଯାଆନ୍ତି। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପରେ ନାନା ଭୟ ଦେଖାଇ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ ବିକାଶ। ଏନେଇ ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଏହା ଜାଣିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସେ ମାହାଙ୍ଗାରେ ଲୁଚିଥିବା ଖବର ପାଇବା ପରେ ପୋଲିସ ସେଠାରେ ଚଢ଼ାଉ କରି ଗିରଫ କରିଥିଲା।

# ମାଓବାଦୀ ନେତା ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ

### ଜଙ୍ଗଲରେ ଗୁଳି ବିନିମୟ ମାମଲା

ଗୁଣପୁର,୧୦।୫(ଡି.ଏନ୍.ଏ.

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟରେ ଚାଲିଥିବା ଏକ ମାମଲାରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଏଡିଜେ ଶେଖ୍ ମହମ୍ମଦ କାଇସି ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ସବ୍ୟସାଚୀଙ୍କ ବିରୋଧରେ ଅନ୍ୟ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ସେ ଜେଲରୁ ମୁକୁଳି ନାହାନ୍ତି। ପ୍ରକାଶ ଯେ, ୨୦୦୬ରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନା ଡିମିରିଗୁଡ଼ା ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସେ ସମୟରେ ପୋଲିସ ଜଙ୍ଗଲରୁ ବିସ୍ଫୋରକ ସାମଗ୍ରୀ, କିଛି ନଥିପତ୍ର, ଏକେ-୪୭, ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ କରିଥିଲା। ଏହି ମାମଲାର ବିଚାର ଗୁଣପୁର ଏଡିଜେ କୋର୍ଟରେ ଚାଲିଥିଲା।

ପ୍ରଥମ ପୃଷ୍ଠାରୁ...

## କର୍ଣ୍ଣାଟକ: କଂଗ୍ରେସକୁ ...

ପଡ଼ିପାରେ ବୋଲି ଏହି ସର୍ଭେ ସଂସ୍ଥା ଭବିଷ୍ୟବାଣୀ କରିଛି। ଏବିପି ନ୍ୟୁଜ୍-ସି ଭୋଟରର ଆକଳନ ହେଉଛି ଭାଜପା ୮୩-୯୫, କଂଗ୍ରେସ ୧୦୦-୧୧୨ ଏବଂ ଜେଡିଏସ୍ ୨୧-୨୯ ଆସନ ଦଖଲ କରିବ। ସଂଗୃହୀତ ମତାମତକୁ ନେଇ ଜି ନ୍ୟୁଜ୍-ମାଟ୍ରିଜ୍ କହିଛି, ଭାଜପା ୭୯-୯୪ରେ ସୀମିତ ରହିବ। କଂଗ୍ରେସ ୧୦୩-୧୧୮ ଆସନ ଦଖଲ କରି ସରକାର ଗଢ଼ିବ। ଜେଡିଏସ୍ ୨୫-୩୩ ଆସନ ଦଖଲ କରିପାରେ। ତେଣୁ ଆବଶ୍ୟକ ସ୍ଥଳେ କଂଗ୍ରେସକୁ ଜେଡିଏସ୍ କିମ୍ବା ଅନ୍ୟ ୨-୫ ବିଧାୟକଙ୍କ ସମର୍ଥନ ଦରକାର ପଡ଼ିପାରେ। ରିପବ୍ଲିକ୍ ଟିଭି-ପି ମାର୍କ ମଧ୍ୟ ଭାଜପାକୁ ୮୫ରୁ ୧୦୦ ଆସନରେ ସୀମିତ ରଖିଛି। କିନ୍ତୁ କଂଗ୍ରେସକୁ ୯୪-୧୦୮ ଆସନ ଦେଇଛି। ଏହି ସଂସ୍ଥାର ହିସାବ ଅନୁସାରେ ଜେଡିଏସ୍ ୨୪-୩୨ ଏବଂ ଅନ୍ୟ ୨-୬ ଆସନ ପାଇବେ। ନ୍ୟୁଜ୍ ନେଶନ୍-ସିଜିଏସ୍ ଭାଜପାକୁ ସର୍ବାଧିକ ୧୧୪ ଆସନ ଦେଇଥିବାବେଳେ କଂଗ୍ରେସ ୮୬, ଜେଡିଏସ୍ ୨୧ ଓ ଅନ୍ୟ ୩ ଆସନ ଜିତିବା ନେଇ ଆକଳନ କରିଛି। ସେହିପରି ସୁବର୍ଣ୍ଣ ନ୍ୟୁଜ୍-ଜନ୍ କୀ ବାତ୍ ଭାଜପା ୯୪ରୁ ୧୧୭ ଆସନ ଦଖଲ କରିବା ଅନୁମାନ କରିଛି। କଂଗ୍ରେସ ୯୧-୧୦୬, ଜେଡିଏସ୍ ୧୪-୨୪ ଏବଂ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ସର୍ବାଧିକ ୨ ଆସନରେ ସୀମିତ ରହିବା ନେଇ ଏହି ସଂସ୍ଥା ପୂର୍ବାନୁମାନ କରିଛି। ଟିଭି୯ ଭାରତବର୍ଷ-ପୋଲଷ୍ଟାର୍ଟର ଆକଳନ ହେଲା ଭାଜପା ୮୮-୯୮, କଂଗ୍ରେସ ୯୯-୧୦୯, ଜେଡିଏସ୍ ୨୧-୨୬ ଓ ଅନ୍ୟ ୦-୪ ଆସନ ପାଇପାରନ୍ତି। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଏକ୍‌ଜିଟ୍ ପୋଲ୍ ଅନୁସାରେ ଭାଜପା ୮୦-୯୦ରେ ସୀମିତ ରହିବ। କଂଗ୍ରେସ ୧୧୦-୧୨୦ ଆସନ ଦଖଲ କରିବ। ଜେଡିଏସ୍‌କୁ ୨୦-୨୪ ଆସନ ମିଳିପାରେ। ଇଣ୍ଡିଆ ଟୁଡେ-ଏକ୍ସିସ୍ ମାଇଁ ଇଣ୍ଡିଆ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଭାଜପା ମାତ୍ର ୬୨-୮୦ରେ ସୀମିତ ରହିପାରେ। କଂଗ୍ରେସ ୧୨୨-୧୪୦ ଆସନ ଦଖଲ ସହ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବ। ଜେଡିଏସ୍‌କୁ ୨୦-୨୫ ଓ ଅନ୍ୟମାନଙ୍କୁ ୦-୩ ଆସନ ମିଳିପାରେ। ତେବେ ଏକ୍‌ଜିଟ୍ ପୋଲ୍‌ର ଭବିଷ୍ୟବାଣୀ ସବୁବେଳେ ସମ୍ପୂର୍ଣ୍ଣ ସତ ହୋଇ ନ ଥାଏ। ତେଣୁ ଆସନ୍ତା ୧୩ ତାରିଖ (ଶନିବାର) ଭୋଟ ଗଣତି ପରେ ଫଳାଫଳକୁ ଅପେକ୍ଷା।

## ଝାରସୁଗୁଡ଼ା ଉପନିର୍ବାଚନ: ...

ପ୍ରଥମ ଥର ପାଇଁ ସବୁ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯାଇଛି। ସମସ୍ତ ବୁଥ୍‌ରେ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ୨୬ଟି ପିଙ୍କ୍ ଓ ମ୍ୟୁନିସିପାଲିଟି ଅଞ୍ଚଳକୁ ଛାଡ଼ି ବିଭିନ୍ନ ପଞ୍ଚାୟତରେ ୪୦ଟି ମଡେଲ ବୁଥ୍ କରାଯାଇଥିଲା । ଭିନ୍ନକ୍ଷମ ଭୋଟରଙ୍କ ପାଇଁ ହ୍ୱିଲଚେୟାର ଏବଂ ରାମ୍ପ୍ ବ୍ୟବସ୍ଥା କରାଯାଇଥିଲା। ଯୁବ ଭୋଟରଙ୍କୁ ଉତ୍ସାହିତ କରିବାକୁ ସେଲ୍‌ଫି ପଏଣ୍ଟ କରାଯାଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ଇଭିଏମ୍‌ଗୁଡ଼ିକୁ ରଖାଯାଇଛି। ଆସନ୍ତା ୧୩ ତାରିଖରେ ଭୋଟ ଗଣତି ହେବ।

## ୩ ଜଣଙ୍କ ଡିଏନ୍‌ଏରେ ...

ଜଣେ ମହିଳାଙ୍କ ଗର୍ଭରେ ଅବସ୍ଥାପନ କରାଯାଏ। ଦାନ କରାଯାଇଥିବା ଶୁକ୍ରାଣୁରୁ ସଂଗୃହୀତ ଆନୁବଂଶିକ ଉପାଦାନ ଜରିଆରେ ୧%ରୁ କମ୍ ଶିଶୁ ଜନ୍ମ ହୋଇଥାଆନ୍ତି ବୋଲି ଫର୍ଟିଲିଟି ରେଗୁଲେଟର ବୁଧବାର ଏକ ବିବୃତିରେ କହିଛନ୍ତି। ଉକ୍ତ ଚିକିତ୍ସାରେ ସାମିଲ ଥିବା ନ୍ୟୁକ୍ୟାଶେଲ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏହା ଉପରେ ଖୁବ୍‌ଶୀଘ୍ର ବିସ୍ତୃତ ରିପୋର୍ଟ ପ୍ରକାଶ କରିବେ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଏଭଳି ଉପାୟରେ ଜନ୍ମିତ ଶିଶୁଙ୍କ ଭବିଷ୍ୟତକୁ ନେଇ ଅନୁଧ୍ୟାନ କରିବା ଏକ ଜଟିଳ ବ୍ୟାପାର ବୋଲି ଲଣ୍ଡନସ୍ଥିତ ବାୟୋମେଡିକାଲ ରିସର୍ଚ୍ଚ ସେଣ୍ଟର ଫ୍ରାନ୍ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଷ୍ଟେମ୍ ସେଲ୍ ବିଶେଷଜ୍ଞ ରୋବିନ୍ ଲୋଭେଲ୍-ବେଜ୍ ସତର୍କ କରାଇଛନ୍ତି। ଆମେରିକୀୟ ଡାକ୍ତରମାନେ ମାଇଟୋକୋଣ୍ଡ୍ରିଆ ଡୋନେଶନ୍ ଟେକ୍‌ନିକ୍ ଜରିଆରେ ବିଶ୍ୱର ଶିଶୁ ଜନ୍ମ କରାଇଥିବା ନେଇ ୨୦୧୬ରେ ଦାବି କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କେନ୍ଦ୍ରରେ ଗ୍ରହଙ୍କ ଅବସ୍ଥିତି କାରଣରୁ ଏକ ଅପୂର୍ବ ସୁଯୋଗର ସ୍ମରଣୀୟ ମୁହୂର୍ତ୍ତ ଅଭୁଲା ରହିବ। ପାରିବାରିକ ଓ କର୍ମକ୍ଷେତ୍ରର ପରିସ୍ଥିତି ଭଲ ରହିବ। ଅର୍ଥ ଲାଭ ସାଙ୍ଗକୁ ଯାତ୍ରା, ବ୍ୟବସାୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ଶୁକ୍ର ଗଳାସ୍ଥାନ ତୃତୀୟରେ ଥିବାରୁ କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ନୀଚସ୍ଥ ମଙ୍ଗଳ ଦୃଷ୍ଟିରେ ଚନ୍ଦ୍ର ସ୍ମୃତି ବିଭ୍ରମ ଏବଂ ସନ୍ତାନ ହେତୁକ ଅଶାନ୍ତି ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ**
ଚିନ୍ତାଧାରା ଉନ୍ନତ ଥିଲେ ମଧ୍ୟ ଦ୍ୱିତୀୟସ୍ଥ ମଙ୍ଗଳ ପ୍ରଭାବରେ ବ୍ୟବହାରରେ ବ୍ୟତିକ୍ରମଜନିତ କଳହର ସମ୍ମୁଖୀନ ହେବେ। ଭାବୁଥିବେ ଗୋଟିଏ, ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଓ ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**କର୍କଟ**
ଗ୍ରହସ୍ଥିତିର ସାମ୍ୟତା ଦୈହିକ ଓ ମାନସିକ ସୁସ୍ଥତା ପ୍ରଦାନ ସାଙ୍ଗକୁ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ବିଭିନ୍ନ ଯୋଜନା କରିବା ସହ ଗୃହ କିମ୍ବା ଯାନବାହନ ପ୍ରାପ୍ତ ହୋଇପାରେ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯଦ୍ୱାରା ଦ୍ୱନ୍ଦ୍ୱରେ ପଡି ଠିକ୍ ନିଷ୍ପତ୍ତି ନେଇପାରିବେନି। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ।

**ସିଂହ**
ଆଜି ଭାଗ୍ୟଭାବରେ ରାଶ୍ୟଧିପତି ଅନ୍ୟଗ୍ରହଙ୍କ ସାନ୍ନିଧ୍ୟରେ ରାଜଯୋଗ ସୃଷ୍ଟି କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ସାହାଯ୍ୟ କରିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟରେ ବିବାଦ ସୃଷ୍ଟି ହୋଇପାରେ।

**କନ୍ୟା**
ଅଷ୍ଟମସ୍ଥ ଏକାଧିକଗ୍ରହ ଆପଣଙ୍କୁ ବିଭିନ୍ନ ଦିଗରୁ ଅର୍ଥଲାଭ କରାଇଲେ ମଧ୍ୟ ସମସ୍ୟା ପିଛା ଛାଡ଼ିବ ନାହିଁ। ଦୂରଭ୍ରମଣର ସୁଯୋଗ ଆପଣାଛାଏ ଜୁଟିଯିବାର ସମ୍ଭାବନା ରହିଛି। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଅନୁଭବ କରିପାରନ୍ତି। କିନ୍ତୁ ଏହାସାଙ୍ଗୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**
ଶାରୀରିକ ଅସୁସ୍ଥତା ସାଙ୍ଗକୁ ନିଅଣ୍ଟିଆ ଆର୍ଥିକ ପରିସ୍ଥିତି ମାନସିକସ୍ଥିତିକୁ ଦୁର୍ବିଷହ କରିପାରେ। ବହୁତ ଦିନରୁ ପାଇବାକୁ ଆଶା ରଖିଥିବା ପ୍ରାପ୍ୟ ନ ପାଇ ନିରାଶ ହୋଇପାରନ୍ତି। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସୁଫଳ ମିଳିବ।

**ବିଛା**
ଭାଗ୍ୟସ୍ଥ ରାଶ୍ୟାଧିପତି ଚନ୍ଦ୍ରଙ୍କ ଦୃଷ୍ଟିରେ ରହିଥିବାରୁ ଚେଷ୍ଟା ନିଷ୍ଫଳ ହେବନାହିଁ। ସାମୟିକଭାବରେ ଅତୀତ ଘଟଣା କିମ୍ବା ବିଭିନ୍ନ ସମସ୍ୟା ସକାଶେ ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହ ସମ୍ଭାବନା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା ଓ ସାମ୍ବାଦିକତାରେ ଉନ୍ନତି କରିବେ।

**ଧନୁ**
ଗ୍ରହମାନଙ୍କ ଅନୁକୂଳତା ହେତୁ କାର୍ଯ୍ୟକଳାପରେ ଶୃଙ୍ଖଳା ସାଙ୍ଗକୁ ଉତ୍ତମ ଚିନ୍ତାଧାରା ସୃଷ୍ଟି ହେବ। ପାରିବାରିକ କ୍ଷେତ୍ର, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା ରହିଛି।

**ମକର**
ବିବାଦୀୟ ପରିସ୍ଥିତି ଦୂରେଇଯିବାର ଅନୁଭବ କରିବେ। ବିଶୃଙ୍ଖଳିତ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ରରେ ସ୍ଥିରତା ଆସିବା ଅନୁମେୟ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ପାଇବେ। ଧନିଷ୍ଠା ନକ୍ଷତ୍ର କାରଣ ନ ଥାଇ ମଧ୍ୟ ଦୋଷୀ ସାବସ୍ତ୍ୟ ହେବେ। ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ**
ଉତ୍ତମ ଗ୍ରହାବସ୍ଥାନର ସୁଫଳ ସ୍ୱରୂପ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ**
ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଦକ୍ଷତାବଳରେ ପ୍ରତ୍ୟେକ ପରିସ୍ଥିତିକୁ ସାମନା କରିପାରିବେ। କିନ୍ତୁ ଉତ୍ତରଭାଦ୍ରପଦ ନକ୍ଷତ୍ର ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ ଏବଂ ଜମିଜମା କାରବାରରେ ସଫଳତା ହାସଲ କରିବେ। ଆଜିର ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ଗୁରୁବାର, ମେ' ୧୧ ତାରିଖ, ରାଷ୍ଟ୍ରୀୟ ପ୍ରଯୁକ୍ତିବିଦ୍ୟା ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଷଷ୍ଠୀର ଏକୋଦ୍ଦିଷ୍ଟ ଏବଂ ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ସକାଳ ଘ.୦୫।୧୬ ଗତେ ଘ.୦୬।୫୯ ମଧ୍ୟେ, ଘ.୧୦।୨୫ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୧୯ ଗତେ ଘ୦୨।୫୬ ମଧ୍ୟେ ରାହୁକାଳ।



ଗଜପତି ଜିଲା ଜିରାଙ୍ଗସ୍ଥିତ ବୁଦ୍ଧମନ୍ଦିରରେ ବୌଦ୍ଧଭିକ୍ଷୁ ଓ ବୌଦ୍ଧ ଲାମାଙ୍କ ଗହଣରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

# ଖୁବ୍‌ଶୀଘ୍ର ବାୟୋଟେକ୍ନୋଲୋଜି ନୀତି

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ବିଜ୍ଞାନ ଓ ବୈଷୟିକ ବିଭାଗ ଆନୁକୂଲ୍ୟରେ ରାଜ୍ୟର ନୂତନ ବାୟୋଟେକ୍ନୋଲୋଜି ନୀତି ନେଇ ଏକ ପରାମର୍ଶଦାତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଶିକ୍ଷଣ ପ୍ରତିଷ୍ଠାନ, ଶିଳ୍ପାନୁଷ୍ଠାନ ଓ ସରକାରଙ୍କ ତରଫରୁ ୫୦ରୁ ଅଧିକ ପ୍ରତିନିଧି ଯୋଗଦେଇ ସେମାନଙ୍କ ମୂଲ୍ୟବାନ୍ ମତାମତ ରଖିଛନ୍ତି । ଆସନ୍ତା ୨ ମାସ ମଧ୍ୟରେ ବାୟୋଟେକ୍ନୋଲୋଜି ନୀତି ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହେବ ବୋଲି କୁହାଯାଇଛି।

ଭିତ୍ତିଭୂମିର ଉନ୍ନତି, ଗବେଷଣା ତଥା ବିକାଶକୁ ଆଧାରକରି ରାଜ୍ୟରେ ବାୟୋଟେକ୍ନୋଲୋଜି ପରିମଣ୍ଡଳକୁ ସୁଦୃଢ଼ କରିବା ଉପରେ ସମସ୍ତ ଅଂଶୀଦାର ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟ ଶିଳ୍ପନୀତି-୨୦୨୨ରେ ଓଡ଼ିଶା ସରକାର ବାୟୋଟେକ୍ନୋଲୋଜିକୁ ଏକ ପ୍ରମୁଖ କ୍ଷେତ୍ର ଭାବେ ଚିହ୍ନିତ କରିଥିଲେ। ସମସ୍ତ ଯୋଗ୍ୟ ବାୟୋଟେକ୍ନୋଲୋଜି ଉଦ୍ୟୋଗୀଙ୍କୁ ପର୍ଯ୍ୟାପ୍ତ ସରକାରୀ ସମର୍ଥନ ଓ ସହାୟତା ଦେବାକୁ ଅଂଶୀଦାରମାନେ ମତବ୍ୟକ୍ତ କରିଛନ୍ତି। ଏହା ବ୍ୟତୀତ ରାଜ୍ୟରେ ନିବେଶ ବୃଦ୍ଧି ନିମନ୍ତେ ଶିଳ୍ପ ବିଶେଷଜ୍ଞମାନେ ସାମୁଦ୍ରିକ ବାୟୋଟେକ୍ନୋଲୋଜି, ବାୟୋମେଡିକାଲ ଇଞ୍ଜିନିୟରିଂ, ଡାଇଗ୍ନୋଷ୍ଟିକ୍, ଜୈବ ଖଣିଜ ପ୍ରକ୍ରିୟାକରଣ, ଜୈବ ବିବିଧତା ପରି ପ୍ରମୁଖ ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ଉଲ୍ଲେଖ କରିଛନ୍ତି । ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନ ଓ ଭାରତ ସରକାରଙ୍କ ପ୍ରତିନିଧିମାନେ ଯଥାର୍ଥ ସେବା ପ୍ରଦାନ ଓ ପ୍ରଶାନସିକ ସୁବିଧା ନିମନ୍ତେ ସୁଦୃଢ଼ କାର୍ଯ୍ୟାନ୍ୱୟନ ଢାଞ୍ଚା, ସାଙ୍ଗଠନିକ ବ୍ୟବସ୍ଥା, ତଦାରଖ ଓ ମୂଲ୍ୟାୟନ ବ୍ୟବସ୍ଥା, ଡିଜିଟାଲ ପ୍ଲାଟ୍‌ଫର୍ମ, ତଥ୍ୟ ସଂଗ୍ରହଣ ଓ ଆନ୍ତଃସଂଯୁକ୍ତ ବ୍ୟବସ୍ଥାଗୁଡ଼ିକ ଉପରେ ମତ ଦେଇଛନ୍ତି । ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରତିନିଧି ତଥା ଅଂଶୀଦାରମାନଙ୍କ ସହିତ ମତ ବିନିମୟ ସମୟରେ ବାୟୋଟେକ୍ନୋଲୋଜି ନୀତିରେ ବାୟୋ- ସାମୁଦ୍ରିକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବା ଏବଂ ସେ ଦିଗରେ ରାଷ୍ଟ୍ରୀୟ ସମୁଦ୍ର ବିଜ୍ଞାନ ପ୍ରତିଷ୍ଠାନ ସହିତ ସମ୍ପର୍କ ରଖିବା ଉପରେ ପରାମର୍ଶ ଦେଇଛନ୍ତି। ବିଭାଗୀୟ କମିଶନର ଭାସ୍କର ଶର୍ମାଙ୍କ ସମେତ ବରିଷ୍ଠ ଅଧିକାରୀବୃନ୍ଦ କର୍ମଶାଳାରେ ଉପସ୍ଥିତ ଥିଲେ।

# ବନ୍ଦେ ଭାରତ ଏକ୍ସପ୍ରେସ୍ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇପାରନ୍ତି ପ୍ରଧାନମନ୍ତ୍ରୀ: ଭାଜପା

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିପାରନ୍ତି। ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ଦୀର୍ଘଦିନ ହେବ ଆଲୋଚନା ଚାଲିଛି। କିଛିଦିନ ତଳେ ମୋଦି ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି କଟକ ଆସିପାରନ୍ତି ବୋଲି ଦଳର କେତେଜଣ ବରିଷ୍ଠ ନେତାଙ୍କ ମୁହଁରୁ ଶୁଣିବାକୁ ମିଳୁଥିଲା। ହେଲେ ସେନେଇ କିଛି ସ୍ପଷ୍ଟ ସୂଚନା କେହି ଦେଇପାରିଲେ ନାହିଁ। ତେବେ ପୁରୀରେ ହେବାକୁ ଥିବା 'ବନ୍ଦେ ଭାରତ ଏକ୍ସପ୍ରେସ୍'ର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ଆସିପାରନ୍ତି ବୋଲି ଭାଜପା ନେତା ତଥା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ବୁଧବାର ପୃଥ୍ୱୀରାଜ କହିଛନ୍ତି, ମୋଦିଙ୍କ ଓଡ଼ିଶା ଗସ୍ତର ସମ୍ଭାବନା ଅଛି। ବନ୍ଦେ ଭାରତ ଏକ୍ସପ୍ରେସ୍ ଯେତେବେଳେ ଆରମ୍ଭ ହେବ ସେତେବେଳେ ସମସ୍ତେ ଆଶା କରିଛନ୍ତି ପ୍ରଧାନମନ୍ତ୍ରୀ ତାକୁ ଓଡ଼ିଶାରେ ଆସି ଲୋକାର୍ପଣ କରନ୍ତୁ। ରାଜ୍ୟରେ ପ୍ରଥମ କରି ବନ୍ଦେ ଏକ୍ସପ୍ରେସ୍ ଚାଲିବାକୁ ଥିବାରୁ ଏହା ଓଡ଼ିଶା ପାଇଁ ଏକ ନୂଆ ମାଇଲଖୁଣ୍ଟ। ଯେହେତୁ ଯେଉଁସବୁ ସ୍ଥାନରେ ଏହି ଏକ୍ସପ୍ରେସ୍ ପ୍ରଧାନମନ୍ତ୍ରୀଙ୍କ ହାତରେ ଲୋକାର୍ପଣ ହେଉଛି ତେଣୁ ଏଠାକୁ ସେ ଆସିବେ ବୋଲି ଆଶା କରାଯାଉଛି। ତେବେ ବନ୍ଦେ ଭାରତ ଏକ୍ସପ୍ରେସ୍ ଲୋକାର୍ପଣ କେବେ କରାଯିବ ତା'ର ତାରିଖ ଆସି ନ ଥିବା ପୃଥ୍ୱୀରାଜ କହିଛନ୍ତି। ରଥଯାତ୍ରା ପୂର୍ବରୁ ଏହା କରାଯିବ ବୋଲି ସେ କହିଛନ୍ତି। ତେବେ ଜଣେ ରେଳ ଅଧିକାରୀଙ୍କ ସୂଚନା ମୁତାବକ, ଆସନ୍ତା ୧୫ରୁ ପୁରୀରୁ ହାଓଡାକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବ। ତେବେ ଟ୍ରେନ୍ ଯାତ୍ରା ସାରଣୀ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଖୁବ୍‌ଶୀଘ୍ର ଏନେଇ ସୂଚନା ପ୍ରକାଶ ପାଇବ। ପ୍ରଧାନମନ୍ତ୍ରୀ ଭର୍ଚୁଆଲରେ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇପାରନ୍ତି ବୋଲି ସେ କହିଛନ୍ତି।

# ଡିସେମ୍ବର ସୁଦ୍ଧା ସମସ୍ତ ହାଇସ୍କୁଲ ରୂପାନ୍ତରିତ ହେବ

- **'ମୋ ସ୍କୁଲ ଅଭିଯାନ'ର ୪୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**
- **୫୨୯.୫୬ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ**

ଭୁବନେଶ୍ୱର,୧୦।୫(ବ୍ୟୁରୋ)

'ମୋ ସ୍କୁଲ ଅଭିଯାନ'ର ୪୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥି ଏସ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ୨୦୨୩ ଡିସେମ୍ବର ସୁଦ୍ଧା ରୂପାନ୍ତରିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଚତୁର୍ଥ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ପ୍ରସ୍ତାବିତ ସମୟସୀମା ପୂର୍ବରୁ ଶେଷ କରିବା ନେଇ ଆଲୋଚନା ହୋଇଛି। ଏହି ପର୍ଯ୍ୟାୟରେ ୧୫୦୦ରୁ ଊର୍ଦ୍ଧ୍ୱ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହେବ। ଫଳସ୍ୱରୂପ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାର, ଉନ୍ନତ କ୍ରୀଡ଼ା ଭିତ୍ତିଭୂମି, ଶିଶୁ ସୁଲଭ ସ୍କୁଲ କ୍ୟାମ୍ପସ୍ ସହ ଶୁଦ୍ଧ ପାନୀୟ ଜଳ ଓ ପୃଥକ୍ ଶୌଚାଳୟର ସୁବିଧା ପାଇପାରିବେ। ଏହା ବ୍ୟତୀତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲ କ୍ଲବ୍ ପ୍ରଚଳନର ସମସ୍ତ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ 'ମୋ ସ୍କୁଲ ଅଭିଯାନ' ଏହାର ହିତାଧିକାରୀ ଓ ବିଭିନ୍ନ ଅନୁଷ୍ଠାନ ସହିତ ନିର୍ଦ୍ଧାରିତ ୪ଟି କ୍ଲବ୍ ତଥା କୌଶଳୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା ଓ ସାହିତ୍ୟ ସୃଜନୀ କ୍ଲବ୍ ପାଇଁ ଆବଶ୍ୟକ ଶିକ୍ଷଣ ସାମଗ୍ରୀ ଏବଂ ଏହାର ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଅନ୍ୟପକ୍ଷରେ ବୈଠକରେ ଓଡ଼ିଶାର ୩୦ ଜିଲାର ମୋଟ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ଏକମାସ ମଧ୍ୟରେ ୭,୩୫୮ ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ି ହୋଇଛନ୍ତି। ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୬ କୋଟି ୬୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୧୬୫ କୋଟି ୫ ଲକ୍ଷ ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରୀଛାତ୍ର ଓ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ଏହା ୨୪୦୨ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ବିନିଯୋଗ ହେବ। ବାଲେଶ୍ୱରରେ ସର୍ବାଧିକ ୨ କୋଟି ୪ ଲକ୍ଷ, ଗଞ୍ଜାମରେ ୬୦ ଲକ୍ଷ, କଟକରେ ୪୮ ଲକ୍ଷ ୧୩ ହଜାର, ବଲାଙ୍ଗୀରରେ ୪୭ ଲକ୍ଷ ୪୩ ହଜାର ଏବଂ ଭଦ୍ରକରେ ୩୮ ଲକ୍ଷ ୮୭ ହଜାର ଟଙ୍କା ପୁରାତନ ଛାତ୍ରୀଛାତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୭ ଲକ୍ଷ ୯୦ ହଜାର ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ସ୍କୁଲ୍‌ଗୁଡ଼ିକୁ ଆର୍ଥିକ ସହାୟତା ସହ ଯୋଡ଼ି ହୋଇଛନ୍ତି। ଏହି ବୈଠକରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଟିଇ ଆଣ୍ଡ୍ ଏସ୍‌ସିଇଆର୍‌ଟି ଏବଂ ମୋ ସ୍କୁଲ୍ ଅଭିଯାନର ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

## କାର୍‌ରେ ଗଞ୍ଜେଇ ଚୋରାଚାଲାଣ, ୫ ଗିରଫ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣବେଳେ ଭରତପୁର ଥାନା ପୋଲିସ ମଙ୍ଗଳବାର ଘାଟିକିଆ ଗାଁ ନିକଟରେ ଚଢ଼ାଉ କରି ୫ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳର ରବୀନ୍ଦ୍ର ବିଶୋଇ, ସନୁଜ କୁମାର ନାୟକ, କେନ୍ଦୁଝରର ଅକ୍ଷୟ କୁମାର ନାଥ, ଗଞ୍ଜାମର ବାପି ନାୟକ ଓ ବୌଦ୍ଧର ଅକ୍ଷାୟୁ କହଁର। ଏମାନଙ୍କଠାରୁ ୩୦ କେଜି ୪୦୦ ଗ୍ରାମ ଗଞ୍ଜେଇ, ୬ ମୋବାଇଲ ଫୋନ୍ ଓ ଚୋରା ଚାଲାଣରେ ବ୍ୟବହୃତ କାର୍‌କୁ ଜବତ କରିଛି ପୋଲିସ। ଏନେଇ ଏକ ମାମଲା (ନଂ.୨୦୦/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ଓ ଏହା ବୌଦ୍ଧରୁ ବାଲେଶ୍ୱର ଚୋରାଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି।

## ମେ' ଶେଷ ସୁଦ୍ଧା ସବୁ ଜିଲାକୁ ଧଣିଚା ବିହନ ଯୋଗାଅ: ମନ୍ତ୍ରୀ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ଚଳିତ ଖରିଫ ଚାଷ ନିମନ୍ତେ ଚାଷୀଙ୍କୁ ଠିକ୍ ସମୟରେ ଆବଶ୍ୟକ ପରିମାଣର ବିହନ ଓ ସାର ଅନ୍ୟ କୃଷି ସାମଗ୍ରୀ ଯୋଗାଇବା ସହିତ ସବୁଜ ସାର ଭାବେ ରାଜ୍ୟରେ ଧଣିଚା ଚାଷକୁ ବ୍ୟାପକ କରାଯାଇ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମେ ମାସ ଶେଷ ସୁଦ୍ଧା ସମସ୍ତ ଜିଲାକୁ ଧଣିଚା ବିହନ ଯୋଗାଇଦେବାକୁ ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

କୃଷି ଭବନଠାରେ ବୁଧବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ କୃଷି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଶାରେ ଚଳିତ ବର୍ଷ ରେକର୍ଡ ୧୩ ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। ଚାଷୀଙ୍କୁ ବିହନ, ସାର, କୀଟନାଶକ ଯୋଗାଇ କ୍ଷେତ୍ରରେ କୌଣସି ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ। ଅସାଧୁ ଡିଲର ଓ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ କ୍ଷେତ୍ରସ୍ତରରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ଦ୍ୱାରା ଆବଶ୍ୟକ ହେଉଥିବା ବିହନକୁ ଠିକ୍ ସମୟରେ ଉପଲବ୍ଧ କରାଇବା ଦିଗରେ ଗୋ-ସୁଗମ ପୋର୍ଟାଲ ମାଧ୍ୟମରେ ଆଗୁଆ ବୁକିଂର ବ୍ୟବସ୍ଥା ରହିଛି। ଏହାସହ ଡ୍ରୋନ୍ ମାଧ୍ୟମରେ କୀଟନାଶକ ଓ ତରଳ ସାର ପ୍ରୟୋଗକୁ ଅଗ୍ରାଧିକାର ଦେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ସମ୍ପ୍ରତି କୃଷି ଯାନ୍ତ୍ରିକୀକରଣ କ୍ଷେତ୍ରରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ରୂପେ ପରିଗଣିତ ହୋଇଛି। ନାନୋ ୟୁରିଆର ବ୍ୟବହାରିତାକୁ ଦେଖି ଚାଷ କ୍ଷେତ୍ରରେ ତାହାର ପ୍ରୟୋଗକୁ ବ୍ୟାପକ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ଆରମ୍ଭ ହେଲା ପୁଷ୍ପା-୨ ଶୁଟିଂ

ମାଲକାନଗିରି, ୧୦।୫ (ଡି.ଏନ.ଏ.)

ବୁଧବାର ବହୁଚର୍ଚ୍ଚିତ ଚଳଚ୍ଚିତ୍ର ପୁଷ୍ପା-୨ ମାଲକାନଗିରି ଜିଲାର କାଲିମେଲା ବ୍ଲକ ଅନ୍ତର୍ଗତ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପଲୁରୁ ଅଞ୍ଚଳରେ ଶୁଟିଂ ଆରମ୍ଭ ହୋଇଛି। ଏଥିପାଇଁ ଟିମ୍ ପକ୍ଷରୁ ନକଲି ଚନ୍ଦନକାଠ, ଗଛ, ଷ୍ଟେଜ୍ ଆଦି ବିଭିନ୍ନ ସାମଗ୍ରୀ ଆସିଥିବା ଜଣାପଡ଼ିଛି। ଶୁଟିଂ ସମୟରେ ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନି, ଏସ୍‌ଡିପିଓ ସଚିନ ପଟେଲ, ଉପ ଜିଲାପାଳ ଅକ୍ଷୟ ଖେମୁଡୁ ଓ କାଲିମେଲା ତହସିଲଦାର ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ମାଲକାନଗିରି ଜିଲାରେ ଏହି ଚଳଚ୍ଚିତ୍ର ଶୁଟିଂ ପାଇଁ ଏହାର ନିର୍ଦ୍ଦେଶକ ସୁକୁମାର ଓ ଟିମ୍ ସ୍ଥାନ ନିରୂପଣ କରିଥିଲେ। ଜିଲାପାଳ ଓ ଏସ୍‌ପିଙ୍କ ଅନୁମତି ଲୋଡ଼ିଥିଲେ। ଶୁଟିଂ ଦେଖିବା ପାଇଁ ଅନେକ ଦର୍ଶକ ସେଠାରେ ଭିଡ ଜମାଇଥିଲେ। ସୂଚନାଯୋଗ୍ୟ, ପୁଷ୍ପା-୨ ଚଳଚ୍ଚିତ୍ର ଲାଗି ପ୍ରାୟ ୫୦୦ କୋଟି ଟଙ୍କାର ବଜେଟ ହୋଇଛି। ଏଥିରେ ସାଉଥ୍ ସୁପରଷ୍ଟାର ଆଲୁ ଅର୍ଜୁନ ଏବଂ ନାୟିକା ରଶ୍ମିକାଙ୍କ ସହ ସାଇ ପଲ୍ଲବୀ, ସୁନୀଲ, ଅନସୂୟା, ସାହାଦ୍ ଅସିମ, ଜଗଦିଶ ପ୍ରସାଦ, ଅଜୟ ଘୋଷଙ୍କ ଭଳି କଳାକାର ଅଭିନୟ କରିବେ।



ଟିମ୍ ପକ୍ଷରୁ ଶୁଟିଂ ପାଇଁ ବ୍ୟବସ୍ଥା କରାଯାଉଛି।

SMILE
JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड
(झारखण्ड सरकार का उपक्रम)
का0: अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0, 455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in/mdjsfdc@gmail.com Mob. No. – 7033594477/9304727852

ई–निविदा सूचना संख्या ल0 व0 प0 प0 (के0 प0)–05/2023
वर्ष 2023 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा
अतिअल्पकालीन ई–निविदा सूचना

विगत वर्ष की भांति वर्ष 2023 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण के अनुसार प्राप्त की जायेंगी।

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| पन्द्रहवाँ चक्र (KL/15/2023) | प्रारम्भ 11.00 बजे पूर्वा0<br>अन्त 5.00 बजे अप0 | 19.05.2023<br>26.05.2023 | 29.05.2023 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत च।छ की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, ळैज निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के ळैज रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाह्न) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–
(1) उप निदेशक (मुख्यालय), राँची, 8789362839
(2) श्री प्रसून कुमार, FPI, राँची, 7909091131
(3) श्री ब्रायन माईल्स, राँची, 9153989368

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0,राँची

PR 297005 Jharkhand State Forest Development Corp Ltd(23-24).D

कार्यपालक अभियंता का कार्यालय, ग्रामीण विकास विशेष प्रमंडल सं0-02, गढ़वा
ई-निविदा आमंत्रण सूचना
ई–निविदा सूचना संख्या– RDD/SD/GARHWA/05/2023-24

1. कार्य की विस्तृत विवरणी :

| क्र. सं. | कार्य का नाम | प्रशासनिक स्वीकृति की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | गढ़वा जिला के चिनियाँ प्रखण्ड में खुरी पंचायत अन्तर्गत ग्राम–नगसीली एवं खुरी के बीच कांके नदी पर पुल निर्माण। | 3,26,97,400.00 | 6,54,000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि –12.05.2023
3. ई–निविदा प्राप्ति की अंतिम तिथि एवं समय दिनांक–12.05.2023 से दिनांक–20.05.2023 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय दिनांक–12.05.2023 से 24.05.2023 (कार्यालय अवधि तक)
5. निविदा शुल्क एवं अग्रधन की राशि जमा करने का स्थान :–
   1. जिला नियंत्रण कक्ष, गढ़वा।
   2. जिला नियंत्रण कक्ष, पलामू।
6. निविदा शुल्क, अग्रधन की राशि एवं Affidavit जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल सं0–02, गढ़वा।
8. निविदा खोलने की तिथि एवं समय –25.05.2023 अपराह्न 2:00 बजे।
09. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल सं0–02, गढ़वा।
10. ई–निविदा प्रकोष्ठ का दूरभाष सं० – 7004019730
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल सं0–02, गढ़वा के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है, तद्नुसार परिमाण विपत्र की राशि का 02 प्रतिशत राशि अग्रधन की राशि के रुप में जमा करना होगा।
13. विशेष परिस्थिति में बिना कारण बताए निविदा रद् करने अथवा स्थगित करने का अधिकार अधोहस्ताक्षरी को सुरक्षित होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल सं0–02, गढ़वा

PR 297066 Rural Development (23-24)_D

ପୂର୍ବ ତଟ ରେଳପଥ
ପାର୍କିଂ ଷ୍ଟାଣ୍ଡର ଇ-ନିଲାମ
ଷ୍ଟେସନ ଏବଂ ସ୍ଥାନ : (1) ଖୋର୍ଦ୍ଧା ରୋଡ଼ - 2 ଚକିଆ (କଲ୍ୟାଣ ମଣ୍ଡପ ବିପରିତ ପାର୍ଶ୍ୱ), (2) ସୋମପେଟା- ମିଶ୍ରିତ - 2 ଚକିଆ - ସହିତ- 4 ଚକିଆ (ଷ୍ଟେସନ ବିଲ୍ଡିଂ ସାଇଡ଼)
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.16.05.2023 ରିଖ 1100 ଘଟିକା।
ନିଲାମ ଶେଷ ତାରିଖ ଓ ସମୟ : ତା.16.05.2023 ରିଖ 1130ଘଟିକା(କ୍ରମ ନଂ. 1 ପାଇଁ), 1140 ଘଟିକା(କ୍ରମ ନଂ. 2 ପାଇଁ)।
ପେ ଏବଂ ୟୁଜ୍ କ୍ଲକ ରୁମର ଇ-ନିଲାମ
ଷ୍ଟେସନ ଏବଂ ସ୍ଥାନ : (1) ବ୍ରହ୍ମପୁର - (ପ୍ଲାଟଫର୍ମ-1 ଠାରେ, ରିଜର୍ଭ ଲାଉଞ୍ଜ ର ପଛରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.19.05.2023 ରିଖ 1200 ଘଟିକା।
ନିଲାମ ଶେଷ ତାରିଖ ଓ ସମୟ : ତା.19.05.2023 ରିଖ 1230 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ୍‌ରମାନଙ୍କୁ ୱେବ୍‌ସାଇଟ୍ http://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-155/O/23-24

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-50KMPH-19_STN-318, ତା: 04.05.2023
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର 19 ସଂଖ୍ୟକ ଷ୍ଟେସନ (NTPC, ବୁଢ଼ାପଙ୍କ, ମେରାମଣ୍ଡଳୀ, ହିନ୍ଦୋଳ ରୋଡ଼, ସଦାଶିବପୁର, ଢେଙ୍କାନାଳ, ଯୋରନ୍ଦା ରୋଡ଼, ମାଛପୁର, ଗୁରୁଡ଼ିଝାଟିଆ, ଚାରବାଟିଆ, ଶାଳଗାଁ, ନିର୍ଗୁଣ୍ଡି, କେନ୍ଦ୍ରାପଡ଼ା ରୋଡ଼, କଟକ, କନ୍ଦରପୁର, ରଘୁନାଥପୁର, ଗୋରଖନାଥ, ରାହାମା ଏବଂ ବଡ଼ବନ୍ଧ) ର ଲୁପ୍ ଲାଇନ୍ ଠାରେ 50 KMPH ପର୍ଯ୍ୟନ୍ତ ଗତି ର ବୃଦ୍ଧି ପାଇଁ ଇନଡ଼ୋର ଏବଂ ଆଉଟଡ଼ୋର କାର୍ଯ୍ୟ ର ସମ୍ପାଦନ।
ଟେଣ୍ଡର ମୂଲ୍ୟ(ଟଙ୍କାରେ): ₹11,32,26,647/-, EMD (ଟଙ୍କାରେ): ₹ 7,16,100/-
ବିଡ୍ ଆରମ୍ଭ ହେବା ତାରିଖ : ତା.12.05.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.05.2023 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-152/O/23-24

ପୂର୍ବ ତଟ ରେଳପଥ
(1) ଇ-ଟେଣ୍ଡର ସଂ. 04-SBP-TRD-OT-2023-24, ତା.03.05.2023ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଅମୃତ ଭାରତ ଯୋଜନା ଅଧୀନରେ ବଲାଙ୍ଗୀର, ବରପାଲି ଏବଂ ବରଗଡ଼ ରୋଡ଼ ଠାରେ ପ୍ଲାଟଫର୍ମର ସଂପ୍ରସାରଣ ଏବଂ ଉଚ୍ଚତା ବଢ଼ାଇବା, ପ୍ଲାଟଫର୍ମ ସେଲ୍ଟର, ଫୁଟ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ।
ଆନୁମାନିକ ମୂଲ୍ୟ : ₹ 78,60,481.10, EMD : ₹1,57,200/-
(2) ଇ-ଟେଣ୍ଡର ସଂ. 05-SBP-TRD-OT-2023-24, ତା.03.05.2023ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଅମୃତ ଭାରତ ଯୋଜନା ଅଧୀନରେ ଝାରସୁଗୁଡ଼ା ରୋଡ଼, ସମ୍ବଲପୁର ସିଟି, ରେଢ଼ାଖୋଲ ଏବଂ ହୀରାକୁଦ ଠାରେ ପ୍ଲାଟଫର୍ମର ସଂପ୍ରସାରଣ ଏବଂ ଉଚ୍ଚତା ବଢ଼ାଇବା, ପ୍ଲାଟଫର୍ମ ସେଲ୍ଟର, ଫୁଟ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ।
ଆନୁମାନିକ ମୂଲ୍ୟ : ₹ 90,92,046.01, EMD : ₹1,81,900/-
କାର୍ଯ୍ୟ ଶେଷ ହେବା ଅବଧି: 6 ମାସ (ଉଭୟ ଟେଣ୍ଡର ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.05.2023ରିଖ 1530 ଘଟିକା (ଉଭୟ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-150/O/23-24

ସମାଜର ପ୍ରଧାନ ଆବଶ୍ୟକତା ହେଉଛି– ବର୍ତ୍ତମାନ ମଣିଷ ଏକ ଆଧ୍ୟାତ୍ମିକ ମଣିଷରେ ବିବର୍ତ୍ତିତ ଅଥବା ପରିବର୍ତ୍ତିତ ହେବ। ଯେପରି କ୍ରମବିବର୍ତ୍ତନରେ ପଶୁ ମଣିଷ ବହୁ ପରିମାଣରେ ବର୍ତ୍ତମାନ ଏକ ଉଚ୍ଚମନଯୁକ୍ତ ମଣିଷରେ ପରିଣତ ହୋଇଛି। –ଶ୍ରୀମା



# ମନସ୍ତାତ୍ତ୍ୱିକ ବିବର୍ତ୍ତନର ସିଦ୍ଧାନ୍ତ



ଦେବଦତ୍ତ ପଟ୍ଟନାୟକ

ହିନ୍ଦୁ ଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି ଯେ, ଜୈନଧର୍ମ ସେମାନଙ୍କ ଧର୍ମର ଏକ ଶାଖା। ହିନ୍ଦୁମାନେ ବହୁ ସମୟରେ ଏହି ଦୁଇ ଧର୍ମକୁ ଏକାଠି କରିବାକୁ ସନାତନ ଧର୍ମ ଭଳି ଖଣ୍ଡବାକ୍ୟ ବି ବ୍ୟବହାର କରିଥାନ୍ତି। ଏହା ନିଃସନ୍ଦେହ ଯେ, ଜୈନ ଓ ହିନ୍ଦୁଧର୍ମ ମଧ୍ୟରେ ଅନେକ ବିଷୟରେ ସମାନତା ଅଛି। କିନ୍ତୁ ଏହି ଦୁଇ ଧର୍ମ ମଧ୍ୟରେ ବି ଅନେକ ବିଷୟରେ ପ୍ରଭେଦ ରହିଛି, ଯାହା ସେମାନଙ୍କୁ ପୃଥକ୍ କରିଛି। ହିନ୍ଦୁଧର୍ମ ଶାସ୍ତ୍ରଗୁଡ଼ିକରେ ଉଲ୍ଲିଖିତ ଧର୍ମୀୟ ବିଚାରକୁ ଯେଭଳି ବୁଝାଯାଇଛି ତାହାକୁ ଜୈନମାନେ ଗ୍ରହଣ କରନ୍ତି ନାହିଁ। ଜୈନ ବିଚାରରେ ଧର୍ମ ହେଉଛି ବିଭିନ୍ନ ବିଷୟର ଏକ ସମାୟୋଜିତ ପଦ୍ଧତି, ଯାହା ଏକ ଅଭିଯାନକୁ ସୂଚିତ କରେ ଓ ତାହାକୁ ଦ୍ରବ୍ୟ କୁହାଯାଏ। ଦ୍ରବ୍ୟ ହେଉଛି ବ୍ରହ୍ମାଣ୍ଡର ପ୍ରମୁଖ ମୌଳିକ ସଞ୍ଚାଳନକାରୀ ସିଦ୍ଧାନ୍ତ। କିନ୍ତୁ ଅପରପକ୍ଷରେ ହିନ୍ଦୁଧର୍ମରେ ଥିବା ବ୍ୟବସ୍ଥିତ ସିଦ୍ଧାନ୍ତ ଅନୁଯାୟୀ, ଧର୍ମ ହେଉଛି ଏକ ସଂସ୍କୃତିଗତ ମୂଲ୍ୟବୋଧ। ଏହା ବର୍ଣ୍ଣ(ବଂଶାନୁଗତ ବୃତ୍ତି) ଓ ଆଶ୍ରମ(ଜୀବନର ଅବସ୍ଥା) ଧାରଣ କରି ସମାଜରେ କେବଳ ନିଜେ ବଞ୍ଚି ରହିବା ଭଳି ସ୍ୱାର୍ଥବାଦୀ ମନୋଭାବକୁ ଆୟତ୍ତ କରିବା ପାଇଁ ମଣିଷର ଦକ୍ଷତାକୁ ସୂଚିତ କରେ। ଉଭୟ ଜୈନ ଓ ହିନ୍ଦୁମାନେ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି। ଉଭୟ ଧର୍ମର ଲୋକେ ମଧ୍ୟ ବିଶ୍ୱାସ କରନ୍ତି ଯେ, ବ୍ରହ୍ମାଣ୍ଡର ପ୍ରତ୍ୟେକ ଜୀବଙ୍କ ମଧ୍ୟରେ ଆତ୍ମା ଅଛି। ତେବେ ଜୈନମାନେ ଭଗବାନ ଶିବ କିମ୍ବା ବିଷ୍ଣୁଙ୍କ ଭଳି ପରମାତ୍ମା ବିଚାରଧାରାରେ ବିଶ୍ୱାସ କରନ୍ତି ନାହିଁ। ସେମାନେ ପବିତ୍ର ତଥା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ଭାବେ ତୀର୍ଥଙ୍କରଙ୍କୁ ବିଶ୍ୱାସ କରନ୍ତି, ଯିଏ ସମୟକ୍ରମେ ଆବିର୍ଭାବ ହୋଇ ଦିବ୍ୟ ବା ସନାତନ ଜୈନ ସିଦ୍ଧାନ୍ତର ସନ୍ଧାନ କରନ୍ତି ଓ ଏହାକୁ ପ୍ରଚାର କରିଥାନ୍ତି।

ଏହି ଯୁଗର ପ୍ରଥମ ତୀର୍ଥଙ୍କର ହେଉଛନ୍ତି ଋଷଭନାଥ। ଅନେକ ହିନ୍ଦୁ ଶିବଙ୍କ ସହ ଋଷଭନାଥଙ୍କୁ ସମାନ ବୋଲି ବିଚାର କରିଥାନ୍ତି, କାରଣ ଋଷଭଙ୍କ ପ୍ରତୀକ ହେଉଛି ଷଣ୍ଢ। ବହୁ ଜୈନଧର୍ମାବଲମ୍ବୀ ବିଶ୍ୱାସ କରନ୍ତି , ହରପ୍ପା ସଭ୍ୟତାରେ ଥିବା ଷଣ୍ଢର ମୋହର ସେ ସମୟରେ ସେଠାରେ ଜୈନମାନେ ଥିବା ପ୍ରମାଣ ଦିଏ। କିନ୍ତୁ ଋଷଭନାଥ ଓ ଶିବଙ୍କ ମଧ୍ୟରେ ଏକ ପାର୍ଥକ୍ୟ ରହିଛି। ତପସ୍ୱୀ ଶିବ ଗୃହସ୍ଥ ଜୀବନ ପାଇଁ ପାର୍ବତୀଙ୍କୁ ବିବାହ କରିଥିଲେ। କିନ୍ତୁ ଋଷଭନାଥ ଜଣେ ସନ୍ନ୍ୟାସୀ ହେବା ଲାଗି ବିବାହ ଓ ବିଷୟାସକ୍ତ ଜୀବନକୁ ତ୍ୟାଗ କରିଥିଲେ। ଅନେକ ବର୍ଷଧରି ଜଣେ ରାଜା ଭାବେ ସେ ଶାସନ କରିଛନ୍ତି। କିନ୍ତୁ ପରେ ଋଷଭନାଥ ଇନ୍ଦ୍ରଲୋକରେ ଜଣେ ଅପ୍‌ସରାଙ୍କ ମୃତ୍ୟୁ ହେବା ଏବଂ ଇନ୍ଦ୍ର ତାଙ୍କ ମାୟା ଶକ୍ତି ବଳରେ ପୁନର୍ବାର ତାଙ୍କୁ ନଚାଇବା ଦେଖି ଜଣେ ସନ୍ନ୍ୟାସୀ ହେବାକୁ ଚାହିଁଥିଲେ ଓ ତାହା ହୋଇ ଶେଷରେ ଜଣେ ତୀର୍ଥଙ୍କର ପାଲଟିଯାଇଥିଲେ। ତାଙ୍କ ପୁତ୍ର ଏବଂ ଉତ୍ତରାଧିକାରୀ ଥିଲେ ଭରତ, ଯିଏ କି ଜଣେ ବିଶ୍ୱ ବିଜୟୀ ସମ୍ରାଟ ହୋଇଥିଲେ। ଏହି ସମ୍ରାଟ ଭରତଙ୍କ ନାମାନୁସାରେ ଦେଶର ନାମ ଭାରତ ହୋଇଛି। କିନ୍ତୁ ହିନ୍ଦୁମାନେ କହନ୍ତି ଯେ, ଦେଶର ନାମକରଣ ଶକୁନ୍ତଳାଙ୍କ ପୁତ୍ର ଭରତଙ୍କ ନାମାନୁସାରେ ହୋଇଛି। ଋଷଭ ତାଙ୍କ ଝିଅ ସୁନ୍ଦରୀକୁ ଗଣିତ ପଢ଼ାଇଥିଲେ ଏବଂ ଅନ୍ୟ ଜଣେ ଝିଅ ବ୍ରାହ୍ମୀଙ୍କୁ ଲେଖା ଶିଖାଇଥିଲେ। ସେଥିପାଇଁ ଭାରତର ପୁରାତନ ଲିପି ନାମ ବ୍ରାହ୍ମୀ।



ହିନ୍ଦୁମାନଙ୍କ ଭଳି ଜୈନମାନଙ୍କର ରାମାୟଣ ଓ ମହାଭାରତ ଅଛି। କିନ୍ତୁ ଏଥିରେ ବିରାଟ ପ୍ରଭେଦ ରହିଛି। ଜୈନ ରାମାୟଣରେ ଶ୍ରୀରାମଙ୍କୁ ଭିନ୍ନ ଭାବେ ଉପସ୍ଥାପନ କରାଯାଇଛି। ରାମ ସେଥିରେ ପୌମା ବା ପଦ୍ମ ଭାବେ ଜଣାଶୁଣା। ସେହି ରାମାୟଣରେ ରାବଣଙ୍କୁ ଲକ୍ଷ୍ମଣ ବଧ କରିଥିବା ଉଲ୍ଲେଖ କରାଯାଇଛି। ଏଥିରେ ରାମଙ୍କୁ ଜଣେ ଅହିଂସକ ଚରିତ୍ର ଭାବେ ଦର୍ଶାଯାଇଛି, ଯାହା ଜୈନଧର୍ମର ଉଚ୍ଚତମ ମୂଲ୍ୟବୋଧକୁ ବଜାୟ ରଖିଛି। ଏଣୁ ରାମ ମୋକ୍ଷ (ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି) ଏବଂ କେବଳଜ୍ଞ (ସର୍ବଜ୍ଞ) ପ୍ରାପ୍ତି କରିଥିବାବେଳେ ଲକ୍ଷ୍ମଣ ଓ ରାବଣ ନର୍କ ପଥର ଯାତ୍ରୀ ହୋଇ ସେଠାରେ କିଛି ଦିନ ଜୀବନ ବିତାଇବା ପରେ ମୋକ୍ଷ ଲାଭ କରିଛନ୍ତି।

ଜୈନ ମହାଭାରତ ହରିବଂଶ ଭାବେ ଖ୍ୟାତ। ଏଥିରେ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ନୁହେଁ, ବରଂ କୃଷ୍ଣ -ଜରାସନ୍ଧ ମଧ୍ୟରେ ଯୁଦ୍ଧ କଥା ଉଲ୍ଲେଖ କରାଯାଇଛି। ସେଥିରେ ଉଗ୍ର ସ୍ୱଭାବୀ ଲକ୍ଷ୍ମଣଙ୍କ ଭଳି କୃଷ୍ଣଙ୍କୁ ଦର୍ଶାଯାଇଛି। ଏଣୁ କୃଷ୍ଣ ତତ୍‌କ୍ଷଣାତ ମୋକ୍ଷ ଲାଭ ନ କରି ପରବର୍ତ୍ତୀ ଜୀବନରେ ଏହା ପାଇଛନ୍ତି। ଆମକୁ କୁହାଯାଇଛି ଯେ, କୃଷ୍ଣଙ୍କ ସମ୍ପର୍କୀୟ ଭାଇ ନେମୀ ମାଂସ ପାଇଁ ଅଣାଯାଉଥିବା ପ୍ରାଣୀଙ୍କ କ୍ରନ୍ଦନ ଶୁଣି ବିବାହ କରିବାକୁ ମନା କରିଦେଇଥିଲେ। ହେଲେ ସେ ଏହି ଯୁଗରେ ଆଉ ଜଣେ ତୀର୍ଥଙ୍କର ହୋଇପାରିଛନ୍ତି। ଜୈନଶାସ୍ତ୍ର ଅନୁଯାୟୀ, ୯ ଜଣ ବାସୁଦେବଙ୍କ ମଧ୍ୟରୁ ଦୁଇଜଣ ହେଉଛନ୍ତି ଲକ୍ଷ୍ମଣ ଓ କୃଷ୍ଣ। ସେମାନେ ପ୍ରତି ଯୁଗରେ ସେମାନଙ୍କ ଭାଇ ରାମ ଓ ବଳରାମ (ବଳଦେବ ବା ବଳଭଦ୍ର)ଙ୍କ ସହ ରହି ରାବଣ ଓ ଜରାସନ୍ଧଙ୍କ ସହ ଯୁଦ୍ଧ କରିଛନ୍ତି।

ଜୈନମାନେ ବିଶ୍ୱାସ କରନ୍ତି , କୃଷ୍ଣଙ୍କ ଭଉଣୀ ସୁଭଦ୍ରାଙ୍କ ନାକକୁ କଂସ କାଟି ବିକୃତ କରିଥିଲେ। ଏଣୁ ସେ ବିବାହ କରିପାରି ନ ଥିଲେ ଓ ଜଣେ ଜୈନ ସନ୍ନ୍ୟାସିନୀ ପାଲଟିଯାଇଥିଲେ। ଜଙ୍ଗଲରେ ଥିବା ଜନଜାତିର ଲୋକେ ଭାବନ୍ତି ଯେ, ସେ ହେଉଛନ୍ତି ଦେବୀ। ଉପବାସ ବ୍ରତର ଶପଥ ନେଇଥିବାରୁ ଦେବୀ ଫଳମୂଳ ଓ ପରିବା ନ ଖାଇ ସେସବୁ ସେମାନଙ୍କୁ ଦେଇଦିଅନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି। କୁହାଯାଇଛି ଯେ, ଆଦିବାସୀମାନେ ଫେରିବାବେଳେ ଦେବୀ ରହିଥିବା ସ୍ଥାନରେ ରକ୍ତ ଦେଖି ତାଙ୍କୁ ବାଘ ଖାଇଦେଇଥିବା ମନେକରିଛନ୍ତି। ଏହାସହ ଦେବୀ ଫଳ ଖାଉ ନ ଥିବାରୁ ସେ ରକ୍ତ ଚାହାନ୍ତି ବୋଲି ସେମାନେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଜୈନ ବିଶ୍ୱାସ ଅନୁଯାୟୀ ଏହା ହିଁ ହେଉଛି ଗ୍ରାମଦେବୀଙ୍କୁ ରକ୍ତ ସମର୍ପଣ କରିବାର ମୂଳ ଉତ୍ସ।

ଅନେକ ପୁରୁଣା ତାମିଲ ମହାକାବ୍ୟଗୁଡ଼ିକରେ ଜୈନ ଧର୍ମର ସ୍ରଷ୍ଟା ଓ ଚରିତ୍ର ବିଷୟ ଉଲ୍ଲେଖ କରାଯାଇଛି। ଏହା ଅନୁମାନ କରାଯାଏ ଯେ, ତାମିଲ ପରମ୍ପରାରେ ଦେଖିବାକୁ ମିଳୁଥିବା ୬୩ ନାୟାନାର ବା ଶିବ ଉପାସକମାନେ ଜୈନଶାସ୍ତ୍ରରେ ରହିଥିବା ୬୩ ମହାପୁରୁଷଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ଜୈନ ମହାପୁରୁଷଙ୍କ ମଧ୍ୟରେ ଅଛନ୍ତି ୨୪ ତୀର୍ଥଙ୍କର, ୧୨ ଚକ୍ରବର୍ତ୍ତୀ ଏବଂ ୯ ବାସୁଦେବ, ୯ ବଳଦେବ ଏବଂ ୯ ପ୍ରତିବାସୁଦେବ।

ହିନ୍ଦୁ ଧର୍ମ ରୂପୀ ବୃକ୍ଷର ଜୈନଧର୍ମ ଏକ ଶାଖା କି ନାହିଁ କିମ୍ବା ସନାତନ ଧର୍ମ ରୂପକ ଜଙ୍ଗଲରେ ଏକ ବୃକ୍ଷ ଭାବେ ରହିବାର ଏହାର ନିଜସ୍ୱ ଅଧିକାର ରହିଛି କି ନାହିଁ ତାହା ଉପରେ ସବୁଦିନ ପାଇଁ ଯୁକ୍ତି ଉଠିପାରେ। କିନ୍ତୁ ଜୈନମାନେ ସରଳରେ ଗୋଟିଏ ଧାଡ଼ିରେ ଅନେକାନ୍ତବାଦ ଦର୍ଶନ ଉପସ୍ଥାପନ କରନ୍ତି। ଏହି ଦର୍ଶନ କହେ, ବିଭିନ୍ନ ଲୋକଙ୍କ ମନସ୍ତାତ୍ତ୍ୱିକ ବିବର୍ତ୍ତନର ସ୍ତର ଅନୁଯାୟୀ ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ବିଭିନ୍ନ ସିଦ୍ଧାନ୍ତ ରହିଆସିଛି, ଯାହା ଶାସ୍ତ୍ରଗୁଡ଼ିକରେ ପ୍ରକାଶ ପାଇଛି।

–devduttofficial@gmail.com

## ଗୋଇନ୍ଦା ପାରା



ଅଭିମନ୍ୟୁ ଧଳ

"ମନପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ''ଆହାକି ସୁନ୍ଦର ତୋର ଘୁମୁରାରେ'' ''ମୁଁ ତ ବଡ଼ ଦେଉଳର ପାରାରେ''; ଭଜନ ସମ୍ରାଟ ସ୍ୱର୍ଗତ ଭିକାରୀ ଚରଣ ବଳଙ୍କ ସୁମଧୁର କଣ୍ଠସ୍ୱର ଚିରଦିନପାଇଁ ଲକ୍ଷଲକ୍ଷ ଜଗନ୍ନାଥପ୍ରେମୀଙ୍କ ହୃଦୟରେ ଭକ୍ତିର ଅମୃତ ପରଶ ଆଣୁଥିବ। ଶ୍ରୀମନ୍ଦିର କାହିଁକି ପ୍ରତ୍ୟେକ ମନ୍ଦିରରେ ପାରାମାନଙ୍କର ରହଣି। ଏମାନେ ମନ୍ଦିର ପାରା ହୋଇଥିବାରୁ ମନ୍ଦିର ଛାଡ଼ି ଯାଆନ୍ତି ନାହିଁ। ପରନ୍ତୁ ଏହି ପାରା ମଣିଷଙ୍କ ଏତେ ନିକଟତର ଯେ ଏହା କଥା କହି ପାରୁ ନ ଥିଲେ ମଧ୍ୟ ଚିଠି ମାଧ୍ୟମରେ ବିଭିନ୍ନ ବାର୍ତ୍ତା ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ଧୁରନ୍ଧର। ପୁରାଣରେ ରାଧାକୃଷ୍ଣଙ୍କ ପ୍ରେମର ବାର୍ତ୍ତାବହ ଥିଲା ପାରା। ରାଜା, ମହାରାଜାମାନେ ଏହି ପାରାକୁ ଖବର ପ୍ରେରଣ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଏସବୁ ପାରା ତାଲିମପ୍ରାପ୍ତ। ବର୍ତ୍ତମାନ ମଣିଷ ଏହି ପାରାକୁ ଗୋଇନ୍ଦାଗିରି କାର୍ଯ୍ୟରେ ବ୍ୟବହାର କରୁଛି। ଚାନ୍ଦିପୁର କ୍ଷେପଣାସ୍ତ୍ରଘାଟି ଓ ପାରାଦୀପ ବନ୍ଦରର ତଥ୍ୟ ନେବାପାଇଁ ବିଦେଶର ପାରାମାନେ ସନ୍ଦିଗ୍ଧ ଅବସ୍ଥାରେ ପାଞ୍ଚଥର ଧରାପଡ଼ିଲେଣି। ନିକଟରେ ପାରାଦୀପ ଓ ପୁରୀଠାରେ ଏହି ପାରା ଧରାପଡ଼ିଛନ୍ତି। ଏବେ ଅସ୍ତରଙ୍ଗ ବ୍ଲକ ନାନପୁର ମୌଜାରୁ ଏକ ସନ୍ଦିଗ୍ଧ ପାରା ଉଦ୍ଧାର ହୋଇଛି। ଉକ୍ତ ପାରାର ଦୁଇଗୋଡ଼ରେ ଦୁଇଟି ନଳୀ ଲାଗିଥିବା ବେଳେ ଡେଣାରେ ଅଜଣା ଭାଷାରେ କିଛି ଲେଖାଯାଇଥିବା ଦେଖିବାକୁ ମିଳିଛି। ଏହା ଏକ ଗୁପ୍ତ କ୍ୟାମେରା କିମ୍ବା ମେମୋରି ଚିପ୍ ବୋଲି ଅନୁମାନ କରାଯାଉଛି। ପୋଷାପାରାଙ୍କ ଗହଣରେ ବସିଥିବା ଏହି ପାରାକୁ ଜାଲ ପକାଇ ଧରାଯାଇଥିଲା। ପୋଷାପାରାଙ୍କୁ ଗୋଇନ୍ଦା କାମରେ ବ୍ୟବହାର କରିବା ଆରମ୍ଭ ହୋଇଥିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ। ଏକ ଗୋଇନ୍ଦା ପାରା 'ଚେର୍‌ଆମୀ'' ହିରୋ ଭୂମିକା ନିର୍ବାହ କରି ଚର୍ଚ୍ଚିତ ଥିଲା। ଏହି ସମୟରେ ସେ ୧୨ଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ପାରାର ଗୁପ୍ତଚରଗିରି ବେଶ୍ ପ୍ରଶଂସନୀୟ ଥିଲା। ଏହି ଗୋଇନ୍ଦା ପାରାଙ୍କୁ ''ହୋମିଙ୍ଗ ପିଜନ'' କୁହାଯାଏ। ଏମାନେ ଘଣ୍ଟାକୁ ୧୬୦ କି.ମି. ଉଡୁଥିବା ବେଳେ ଏକାଥରେ ୧୮୦୦ କି.ମି. ଉଡ଼ନ୍ତି। ପୃଥିବୀରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପାରା ଥିଲେ ମଧ୍ୟ ''ହୋମିଙ୍ଗ ପିଜନ'' ଗୋଇନ୍ଦାଗିରି କରିବାକୁ ସମର୍ଥ। ଗୋଇନ୍ଦାଗିରି ପାଇଁ କଲମ୍ବିଆ, ବେଲଜିୟମ ପାରା ବଛାଯାଏ।

ସାଧାରଣତଃ ପାରାମାନେ ପରିବ୍ରାଜକ ପକ୍ଷୀ ନୁହନ୍ତି କିମ୍ବା ଏହା ପରିବ୍ରାଜନରେ ଏ ଦେଶରୁ ସେ ଦେଶକୁ ଉଡ଼ନ୍ତି ନାହିଁ। ଏମାନେ ନିଜ ବାସସ୍ଥାନ ବାହାରକୁ ଯାଆନ୍ତି ନାହିଁ। ତେଣୁ ଯେଉଁ ସ୍ଥାନର ଗୁପ୍ତ ରିପୋର୍ଟ ଦରକାର ସେହି ସ୍ଥାନରେ ପାରାକୁ ଛାଡ଼ି ଦିଆଯାଏ। କେତେ ଦିନ ତଳେ ଏକ ଆମେରିକାନ ପାରା କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟିଛି। ପାରାଟି ଆମେରିକାରୁ ଉଡ଼ି ପହଞ୍ଚିଛି ଅଷ୍ଟ୍ରେଲିଆରେ। ମେଲବୋର୍ନର ବାସିନ୍ଦା କେଭିନ ସୋଲ-ବାର୍ ପକ୍ଷୀଟିକୁ ନିଜ ଉଦ୍ୟାନରେ ଠାବ କରିଥିଲେ। ପାରାଟି ମଣିଷ ସହ ଚଳିବାରେ ଅଭ୍ୟସ୍ତ ଥିବାରୁ ଆପେ ଧରା ଦେଇଥିଲା। ତା'ପାଦରେ ବନ୍ଧାଯାଇଥିବା ଟ୍ୟାଗ୍‌ରୁ କେଭିନ ଜାଣିଲେ ଏହା ଆମେରିକା ଅନ୍ତର୍ଗତ ଆଲାବାମାର ଜଣେ ବ୍ୟକ୍ତି ତାହାର ମାଲିକ। ୧୩୦୦୦ କି.ମି. ଅତିକ୍ରମ କରି ଅଷ୍ଟ୍ରେଲିଆରେ ପହଞ୍ଚିବା ଏକ ରେକର୍ଡ। ଅଷ୍ଟ୍ରେଲିଆର ଆଇନ ଅନୁସାରେ ଅନ୍ୟ ଦେଶର ପଶୁପକ୍ଷୀ ବିନା ଅନୁମତିରେ ଅଷ୍ଟ୍ରେଲିଆ ଆଣିବା ମନା। ତେଣୁ ଉକ୍ତ ପାରାଟିକୁ ଏକ ପଞ୍ଜୁରିରେ ବନ୍ଦୀଭାବେ ରଖାଯାଇଛି। ଏହା କେବେ ମୁକ୍ତିପାଇ ମାଲିକଙ୍କ ପାଖକୁ ଫେରିବ ତାହା ଚୂଡ଼ାନ୍ତ ହୋଇନାହିଁ।

ଆମ ପ୍ରତିରକ୍ଷା ବାହିନୀ ମଧ୍ୟ ତାଲିମପ୍ରାପ୍ତ ପାରା ଖବର ସଂଗ୍ରହ ପାଇଁ ରଖିଛି ଓ ସୀମାନ୍ତରେ ସନ୍ଦିଗ୍ଧ ଡ୍ରୋନ୍‌କୁ ଅକାମୀ କରିଦେବା ପାଇଁ ବାଜପକ୍ଷୀଙ୍କୁ ତାଲିମ ଦିଆଯାଇ ରଖାଯାଇଛି। 'ହୋମିଙ୍ଗ ପିଜନ'ର ଗୁପ୍ତଚର କାମପ୍ରତି ପୋଲିସ ସତର୍କ ରହିବା ଦରକାର। ଏଭଳି ସନ୍ଦିଗ୍ଧ ପାରା ସାମ୍ନାକୁ ଆସିଲେ ପୋଲିସକୁ ଖବର ଦେବା ଉଚିତ। ଏବେ ପୋଲିସ ପାରାଙ୍କୁ ତାଲିମ ଦେଇ ଏହି ଜାତୀୟ ଗୋଇନ୍ଦା ପାରାଙ୍କୁ ଧରାପକାଇବା ପାଇଁ ଯୋଜନା ହୋଇଛି।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

**ମୋ: ୯୮୬୧୦୪୮୦୫୨**

## ଏଇ ଭାରତରେ

୨୦ ବର୍ଷ ଧରି ଜଣେ ଛାତ୍ର ଏମ୍‌ବିବିଏସ୍ ପଢୁଛନ୍ତି, ହେଲେ ପାସ୍ କରିପାରିନାହାନ୍ତି। ନା ଡାକ୍ତର ହେଉଛନ୍ତି ଅବା ସିଟ୍ ଖାଲି ହେଉଛି। ବାସ୍ତବରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ କାନପୁରରେ। ଶାହାଜାହାନପୁରର ବାସିନ୍ଦା ଜିତେନ୍ଦ୍ର ସିଂ ୨୦୦୩ରେ କାନପୁରର ଜିଏସ୍‌ଭିଏମ୍ ମେଡିକାଲ କଲେଜରେ ନାମ ଲେଖାଇଥିଲେ। ବେଳେବେଳେ ସେ ପରୀକ୍ଷା ଦେଉଛନ୍ତି ତ ପୁଣି ତିନି-ଚାରି ବର୍ଷ ପାଇଁ ନିଖୋଜ ହୋଇଯାଉଛନ୍ତି। ସେଥିପାଇଁ ମେଡିକାଲ କଲେଜର ଗୋଟିଏ ସିଟ୍ ତାଙ୍କ ଯୋଗୁ ଗତ ୨୦ ବର୍ଷ ଧରି ଖାଲି ହୋଇପାରୁନାହିଁ। ଜିତେନ୍ଦ୍ରଙ୍କ ଏହି ଅଜବ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଡିଜିଏମ୍‌ଇ(ଡାଇରେକ୍ଟର ଜେନେରାଲ ମେଡିକାଲ ଏଜୁକେଶନ)କୁ ପଠାଯାଇଛି। ଜିତେନ୍ଦ୍ର ୨୦୦୩ରେ ନାମ ଲେଖାଇବାର କିଛିଦିନ ପରେ କାହାକୁ କିଛି ନ ଜଣାଇ କେଉଁଆଡ଼େ ଚାଲିଗଲେ। ଚାରିବର୍ଷ ପରେ ସେ ୨୦୦୭ରେ ଫେରି ନୂତନ ବ୍ୟାଚ୍ ଛାତ୍ରମାନଙ୍କ ସହ ମିଶି ଅଧ୍ୟୟନ କଲେ। ଦୁଇ ବର୍ଷ ଅଧ୍ୟୟନ କରିବା ପରେ ପୁଣି ହଠାତ୍ ୨୦୦୯ରେ କୁଆଡ଼େ ଚାଲିଗଲେ। ଫେରିଲେ ୨୦୧୪ରେ ଏବଂ ଦୁଇଟି ଇଣ୍ଟରନାଲ ଟର୍ମ ପରୀକ୍ଷା ଦେବା ପରେ ପୁଣି ନିଖୋଜ ହୋଇଗଲେ। ପୁନର୍ବାର ୨୦୧୭ରେ ଫେରି ଜିତେନ୍ଦ୍ର ତୃତୀୟ ଟର୍ମ ପରୀକ୍ଷା ଦେଲେ ଓ ପାସ୍ କଲେ। ୨୦୧୮ରେ ଏମ୍‌ବିବିଏସ୍‌ର ଚତୁର୍ଥ ବର୍ଷରେ ଦୁଇଟି ଟର୍ମ ପରୀକ୍ଷା ଦେଇଥିଲେ ବି ଜିତେନ୍ଦ୍ର ଏଯାବତ୍ ପାସ୍ କରିପାରି ନାହାନ୍ତି।

# ଭୋଜନ ଟେବୁଲରେ ଜଳବାୟୁ ଚିନ୍ତା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବର୍ତ୍ତମାନର ବିଶ୍ୱ ସମ୍ମୁଖରେ ପରିବେଶ ପ୍ରଦୂଷଣର ସବୁଠାରୁ ବିପଜ୍ଜନକ ତଥା ଘାତକ ପରିଣାମ ରୂପେ ଉଭା ହୋଇଛି ଜାଗତିକ ଉଷ୍ମତା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ। ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ୍ ଅକ୍‌ସାଇଡ୍ ଏବଂ ଓଜୋନ୍ ଭଳି ସବୁଜଗୃହ ବାଷ୍ପର ନିର୍ଗମନ ନିୟନ୍ତ୍ରଣ ମାଧ୍ୟମରେ ଏ ସମସ୍ୟାର ସମାଧାନ ଲାଗି ଆନ୍ତର୍ଜାତିକ ସ୍ତରଠାରୁ ଜାତୀୟସ୍ତର ପର୍ଯ୍ୟନ୍ତ ଏବେ ଚାଲିଛି ଆଲୋଚନା। ୧୯୯୫ରେ ବର୍ଲିନଠାରେ ଅନୁଷ୍ଠିତ ପ୍ରଥମ 'କନ୍‌ଫରେନ୍ସ ଅଫ୍ ପାର୍ଟିଜ୍' ବା କପ୍-୧' ଠାରୁ ଆରମ୍ଭକରି ୨୦୨୨ ରେ ମିଶରର ଶର୍ମ-ଏଲ୍-ଶେଖ୍‌ର 'କପ୍-୨୭' ପର୍ଯ୍ୟନ୍ତ ସବୁଠାରେ ବିଶ୍ୱର ୧୯୦ରୁ ଊର୍ଦ୍ଧ୍ୱ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନାକରି ନୂତନ ପଦକ୍ଷେପ କଥା ସ୍ଥିରକରି ଆସୁଛନ୍ତି। ଏବେ ଏଥିରେ ଅନେକ ଦେଶ ୨୦୫୦ ସୁଦ୍ଧା ସବୁଜଗୃହ ବାଷ୍ପ ନିର୍ଗମନକୁ ଶୂନ୍ୟସ୍ତରକୁ ଆଣିବାର ପ୍ରତିଶ୍ରୁତି ଦେଇଛନ୍ତି(ଭାରତ ୨୦୭୦ ମସିହାରେ)। ଅତଏବ ଜାଗତିକ ଉଷ୍ମତା ବୃଦ୍ଧି ସହନୀୟ ସୀମା, ଅର୍ଥାତ୍ ଶିଳ୍ପଯୁଗ ପୂର୍ବରୁ ଥିବା ବିଶ୍ୱର ତାପମାତ୍ରାଠାରୁ ଅତିବେଶିରେ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରହିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବିଭିନ୍ନ ଦେଶରେ ଏ ଦିଗରେ କାର୍ଯ୍ୟକ୍ରମ ମାନ ଅଳ୍ପ ବହୁତେ ଆରମ୍ଭ ହେଲାଣି।

ଇତିମଧ୍ୟରେ ୧୫ ଏପ୍ରିଲ୨୦୨୩ରେ ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି 'ବ୍ୟକ୍ତିଗତ ଭାବେ ଆଚରଣଗତ ପରିବର୍ତ୍ତନ ଦ୍ୱାରା କିପରି ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିହେବ' କାର୍ଯ୍ୟକ୍ରମ। ତହିଁରେ ଅଂଶଗ୍ରହଣ କରି ଭାରତର ପ୍ରଧାନମନ୍ତ୍ରୀ ମତପ୍ରକାଶ କରିଛନ୍ତି, ଯେତେବେଳେ ଆମେ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ କରିବା ଚିନ୍ତାଧାରାକୁ 'ଆଲୋଚନା ଟେବୁଲ'ରୁ ପ୍ରତ୍ୟେକ 'ଭୋଜନ ଟେବୁଲକୁ ନେଇପାରିବା ସେତେବେଳେ ଏହା ଏକ ଗଣ ଆନ୍ଦୋଳନରେ ପରିଣତ ହେବ ଏବଂ ଲୋକେ ସଚେତନ ହୋଇପାରିବେ ଯେ, ସେମାନଙ୍କ ଦୈନନ୍ଦିନ ଜୀବନର ପ୍ରତିଟି ସାଧାରଣ କାର୍ଯ୍ୟ ଏକତ୍ର ପରିବେଶକୁ ସୁରକ୍ଷା ଦେବା ପାଇଁ ଯଥେଷ୍ଟ ଶକ୍ତିଶାଳୀ ହୋଇପାରିବ। ପ୍ରକୃତରେ ଏ ମନ୍ତବ୍ୟର ପ୍ରୟୋଗାତ୍ମକତା ଅତ୍ୟନ୍ତ ସୁଦୂର ପ୍ରସାରଣ।

'ଭୋଜନ ଟେବୁଲ୍'କୁ ପରିବାରର ଲୋକେ ବ୍ୟବହାର କରିଥାନ୍ତି ଏକତ୍ର ଭୋଜନ କରିବା ପାଇଁ। ଏଠାରେ ଅଧିକାଂଶ ସମୟରେ ଆଲୋଚନା ହୋଇଥାଏ ବିଭିନ୍ନ ରୁଚିର ଖାଦ୍ୟ ସମ୍ପର୍କରେ। ତେଣୁ ଚାଲନ୍ତୁ, ପ୍ରଧାନମନ୍ତ୍ରୀଙ୍କ ଉକ୍ତିକୁ ମନରେ ରଖି ବିଚାରକୁ ନେବା ଯେ ଆମ ଖାଦ୍ୟାଭାସରେ ପରିବର୍ତ୍ତନ କିପରି ଏ ଲକ୍ଷ୍ୟ ସାଧନରେ ସହାୟକ ହୋଇପାରିବ। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଶିଳ୍ପ ଓ ଯାନବାହନକୁ ବାଦ୍ ଦେଲେ ଆମକୁ ଖାଦ୍ୟ ଯୋଗାଉଥିବା କୃଷି ଓ ପଶୁପାଳନ ହେଉଛି ସର୍ବାଧିକ ସବୁଜଗୃହ ବାଷ୍ପ ନିର୍ଗମନକାରୀ (ସମୁଦାୟର ୨୬ ଶତାଂଶ)। 'ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ'ର ପୂର୍ବତନ ଅଧ୍ୟକ୍ଷ ରଜେନ୍ଦ୍ର ପଚୌରୀଙ୍କ ମତଥିଲା ଯେ, ଆମେ ଯଦି ଆମ ଖାଦ୍ୟାଭ୍ୟାସକୁ ନିରାମିଷ ଦିଗାଭିମୁଖୀ କରିପାରିବା ତାହା ଏହି ନିର୍ଗମନ ହ୍ରାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ତେଣୁ ସେ ଥରେ କହିଥିଲେ, ଯଦି ସମଗ୍ର ବିଶ୍ୱର ଲୋକେ ସପ୍ତାହକୁ ଦିନେ ବା ଦୁଇଦିନ ସମ୍ପୂର୍ଣ୍ଣ ନିରାମିଷ ଭୋଜନ କରନ୍ତି ତେବେ ଏ ବାଷ୍ପମାନଙ୍କ ନିର୍ଗମନ ୧୦ରୁ ୨୦ ପ୍ରତିଶତ ହ୍ରାସ ପାଇପାରିବ। ତାଙ୍କ ଉକ୍ତିର ସତ୍ୟତା ଉପଲବ୍ଧି କରିହୁଏ ଯେତେବେଳେ ଆମେ ବିବିଧ



ଖାଦ୍ୟ ଉତ୍ପାଦନ ତଥା ପ୍ରକ୍ରିୟାକରଣ ଆଦି ହେତୁ ଘଟୁଥିବା ବାଷ୍ପୀୟ ନିର୍ଗମନ କଥା ବିଚାରକୁ ନେଉ।

ଏହି ତାଲିକାର ସର୍ବାଗ୍ରେ ରହିଛି ଗୋମାଂସ। ସାଧାରଣତଃ ଏଥିରୁ ୧ କି.ଗ୍ରା. ଉତ୍ପାଦନ ପାଇଁ ୯୯.୪୮ କି.ଗ୍ରା. ଅଙ୍ଗାକାମ୍ଳ ସମତୁଲ୍ୟ ବିବିଧ ସବୁଜଗୃହ ବାଷ୍ପର ନିର୍ଗମନ ଘଟେ। ସେହିପରି ମେଣ୍ଢା ବା ଛେଳିମାଂସ, ଚିଙ୍ଗୁଡ଼ି, ଘୁଷୁରି ମାଂସ, କୁକୁଡ଼ାମାଂସ ଓ ମାଛ ପାଇଁ ତାହା ହେଉଛି ଯଥାକ୍ରମେ ୩୯.୭୨, ୨୬.୮୭, ୧୨.୩୧, ୯.୮୯ ଏବଂ ୭.୬୦ କି.ଗ୍ରା.। ଅନ୍ୟପକ୍ଷରେ, ପଶୁପକ୍ଷୀମାନଙ୍କଠାରୁ ଉତ୍ପାଦିତ ଖାଦ୍ୟ ମଧ୍ୟରୁ ଛେନା ପାଇଁ ଏହା ସର୍ବାଧିକ ୨୩.୮୮ ହେଲାବେଳେ ଅଣ୍ଡା ପାଇଁ ୪.୬୭ ଏବଂ ଗାଈ ବା ମଇଁଷି କ୍ଷୀର ପାଇଁ ୩.୧୫। ଅନ୍ୟପକ୍ଷରେ ଚାଉଳ (୪.୪୫ କି.ଗ୍ରା./କି.ଗ୍ରା.) ଭଳି ଅଳ୍ପ କେତେକ ଉଦ୍ଭିଦଜ ପଦାର୍ଥକୁ ଛାଡ଼ିଦେଲେ ଅନ୍ୟ ସବୁ କ୍ଷେତ୍ରରେ ତାହା ଅପେକ୍ଷାକୃତ କମ୍, ଯେପରିକି ଟମାଟୋ (୨.୦୯), ମକା (୧.୭୦), ଗହମ (୧.୫୭), ଲେମ୍ବୁ (୧.୨୨), ମଟର (୦.୯୮), ଆପଲ୍ (୦.୯୦), ପାଚିଲା କଦଳୀ (୦.୮୬), ବାଦାମ (୦.୫୬), ଆଳୁ (୦.୪୬), ଡାଲି (୫.୦) ଏବଂ ବିବିଧ କୋଳି (୦.୪୩)। ଅତଏବ ଆମ ଖାଦ୍ୟାଭ୍ୟାସ ପ୍ରାଣିଜରୁ ଉଦ୍ଭିଦଜ ଦିଗରେ ଗତିକଲେ ତାହା ଜାଗତିକ ଉଷ୍ମତା ହ୍ରାସରେ ସହାୟକ ହେବ ବୋଲି ଡ. ପଚୌରୀ ଦେଇଥିବା ମତ ଅକ୍ଷରେ ଅକ୍ଷରେ ସତ୍ୟ।

ପ୍ରାଣିଜ ଖାଦ୍ୟ ଅଧିକ ସବୁଜଗୃହ ବାଷ୍ପ ଉତ୍ପାଦନକାରୀ ହେବାର କାରଣ ହେଲା ପଶୁପାଳନ ପାଇଁ ଅରଣ୍ୟ ଧ୍ୱଂସକରି ସୃଷ୍ଟି କରାଯାଉଥିବା ବ୍ୟାପକ ତୃଣଭୂମି। ପୁନଶ୍ଚ ଘାସ ଓ ଅନ୍ୟାନ୍ୟ ଗୋଖାଦ୍ୟ ଉତ୍ପାଦନ ଲାଗି ବ୍ୟବହୃତ ରାସାୟନିକ ସାରରୁ ନିର୍ଗମନ ଘଟୁଥିବା ପ୍ରଚୁର ନାଇଟ୍ରସ୍ ଅକ୍‌ସାଇଡ୍ ମଧ୍ୟ ଏହି ଶ୍ରେଣୀର। ଅନ୍ୟପକ୍ଷରେ ମାଛ ଓ ଚିଙ୍ଗୁଡ଼ିଚାଷ ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରୁ ଧ୍ୱଂସ କରାଯାଉଛି ଶକ୍ତିଶାଳୀ ଅଙ୍ଗାରକାମ୍ଳ ଶୋଷଣକାରୀ ଲୁଣା ଜଙ୍ଗଲ। ଏସବୁ ତୁଳନାରେ ଖାଦ୍ୟଶସ୍ୟ, ପନିପରିବା, ଫଳମୂଳ ଆଦି ଉଦ୍ଭିଦଜ ଖାଦ୍ୟ ଉତ୍ପାଦନ ପାଇଁ ଆବଶ୍ୟକ ହୋଇଥାଏ ଅପେକ୍ଷାକୃତ କମ୍ ଶକ୍ତି, ଭୂମି ଓ ଜଳ ଏବଂ ଏଗୁଡ଼ିକ ସୀମିତ ପରିମାଣରେ ସବୁଜଗୃହ ବାଷ୍ପର ନିର୍ଗମନ ଘଟାନ୍ତି। ଅବଶ୍ୟ ଚାଉଳ(ଧାନ) ଭଳି କେତେକ ଶସ୍ୟ ଏଥିରେ ବ୍ୟତିକ୍ରମ । ଏହାର ଚାଷଜମିରୁ ବହୁମାତ୍ରାରେ ମିଥେନ୍‌ର ନିର୍ଗମନ ଘଟେ। ଏଣୁ ଏହା ବଦଳରେ ଏବେ କମ୍ ନିର୍ଗମନକାରୀ ତଥା ପରିବେଶ ସହାୟକ ମିଲେଟ୍ ଭଳି ଶସ୍ୟର ଚାଷକୁ ଗୁରୁତ୍ୱ ପ୍ରଦାନ କରାଯାଉଛି।

ପ୍ରସଙ୍ଗକ୍ରମେ ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖଯୋଗ୍ୟ। ତା'ହେଲା, ଆମେ ବେପରୁଆଭାବେ ନଷ୍ଟ କରୁଥିବା ଖାଦ୍ୟ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନ ଅନୁସାରେ ବାର୍ଷିକ ପ୍ରାୟ ୧ ବିଲିୟନ ଟନ୍ ଖାଦ୍ୟ ନଷ୍ଟ ହୋଇଥାଏ, ଯାହାକି ବିଶ୍ୱର ସମସ୍ତ ଉତ୍ପାଦନର ୧୭ ଶତାଂଶ ଏବଂ ଏହା ୮ ଶତାଂଶ ଜାଗତିକ ଉଷ୍ମତା ବୃଦ୍ଧିକାରୀ ସବୁଜଗୃହ ବାଷ୍ପ ନିର୍ଗମନର କାରଣ। ପ୍ରାଣିଜ ଖାଦ୍ୟର ସପକ୍ଷବାଦୀମାନେ ଏହାର ପ୍ରୋଟିନ୍‌ର ଉଚ୍ଚମାନ ଏବଂ ଏଥିରେ ଥିବା ବିବିଧ ପୁଷ୍ଟିକର ତତ୍ତ୍ୱ ସମ୍ପର୍କରେ ଯୁକ୍ତି ବାଢ଼ିଥାନ୍ତି। ତେବେ ଏହା କଲାବେଳେ ସେମାନେ ଭୁଲିଯାଆନ୍ତି ତହିଁରେ ଥିବା କୋଲେଷ୍ଟରଲ, ପରିପୃକ୍ତ ଚର୍ବି ଆଦି ଅସ୍ୱାସ୍ଥ୍ୟକର ଉପାଦନ କଥା। ଏଣୁ ଏହାକୁ ସୀମିତ ମାତ୍ରାରେ ହିଁ ଭୋଜନ କରିବା ଉଚିତ। ଆମକୁ ମନେରଖିବାକୁ ହେବ ଯେ ମଣିଷ ମୂଳତଃ ଶାକାହାରୀ। ଅବସ୍ଥା ଚକ୍ରରେ ପଡ଼ି ସେ ମାଂସାହାରୀ ପାଲଟିଛି, ଯାହାକି ଏବେ ପରିବେଶ ଓ ପରିସଂସ୍ଥା ପାଇଁ ଘାତକ ସାବ୍ୟସ୍ତ ହୋଇଛି। ଏଣୁ ଚାଲନ୍ତୁ ଭୋଜନ ଟେବୁଲ ନିକଟରେ ବସି ଏସବୁ ବିଷୟରେ ଚିନ୍ତା କରିବା।

**ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର**

**ମୋ: ୯୯୩୭୩୦୧୪୬୦**

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୧ ମେ ୧୯୯୮

- ଚିଟାଗଙ୍ଗ ଅଭିମୁଖେ ଯାତ୍ରା କରୁଥିବା ଏକ ଦ୍ରୁତଗାମୀ ଯାତ୍ରୀବାହୀ ଟ୍ରେନ ଲାକ୍ଷମଠାରେ ଏକ ମାଲଗାଡ଼ି ପଛପଟରୁ ଧକ୍କା ଦେବାରୁ ୧୭ ଜଣଙ୍କ ମୃତ୍ୟୁ।
- ଚାଇନାର ଉତ୍ତର-ପଶ୍ଚିମରେ ଥିବା ବାଦନଜିଲିନ ମରୁଭୂମି ଅଞ୍ଚଳରେ ଏକ ନୂଆ ଧରଣର ଆକାଶରୁ ଆକାଶକୁ ନିକ୍ଷେପଣଯୋଗ୍ୟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ।
- ଉତ୍ତର ପ୍ରଦେଶର ପ୍ରସିଦ୍ଧ କେଦାରନାଥ ମନ୍ଦିରରୁ କେତେକ ତୀର୍ଥଯାତ୍ରୀଙ୍କୁ ଧରି ଫେରୁଥିବା ଏକ ବସ୍ ରାସ୍ତାକଡ଼ର ଗଭୀର ଖାତ ମଧ୍ୟକୁ ଖସିପଡ଼ିବା ଫଳରେ ୨୫ ତୀର୍ଥଯାତ୍ରୀ ମୃତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 8 | | | |
| | 6 | | | | | | | |
| 4 | | 8 | 1 | | | | | |
| | | 5 | 4 | | | | | 8 |
| | 4 | 9 | | | | | | |
| | | | | 9 | 2 | 1 | | 5 |
| | | 7 | | | | | 8 | |
| | 3 | | | | | 2 | 6 | |
| 8 | 1 | | 3 | | 7 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 9 | 4 | 6 | 7 | 5 | 2 | 3 |
| 7 | 6 | 5 | 3 | 1 | 2 | 8 | 4 | 9 |
| 2 | 4 | 3 | 5 | 8 | 9 | 1 | 6 | 7 |
| 9 | 7 | 4 | 2 | 5 | 1 | 3 | 8 | 6 |
| 6 | 8 | 2 | 7 | 4 | 3 | 9 | 5 | 1 |
| 3 | 5 | 1 | 6 | 9 | 8 | 2 | 7 | 4 |
| 5 | 9 | 7 | 1 | 2 | 6 | 4 | 3 | 8 |
| 1 | 2 | 6 | 8 | 3 | 4 | 7 | 9 | 5 |
| 4 | 3 | 8 | 9 | 7 | 5 | 6 | 1 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀ ଧର୍ମଶାଳା ପ୍ରତି ଦୃଷ୍ଟିପଡୁ

ମହାଶୟ,

ସାକ୍ଷୀଗୋପାଳ ବା ସତ୍ୟବାଦୀ ଏକ ଐତିହାସିକ ପର୍ଯ୍ୟଟନ ଓ ଦେବସ୍ଥଳୀ। ପ୍ରତିଦିନ ଟ୍ରେନ୍, ବସ୍ ପ୍ରଭୃତିରେ ଭକ୍ତ, ପର୍ଯ୍ୟଟକ ଓ ଗବେଷକ ଏଠାକୁ ଆସୁଛନ୍ତି। ଏଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ଯୋଗୁ ଅନେକ ଭାଷା ଗବେଷକମାନଙ୍କର କର୍ମଭୂମି ହେବ। କିନ୍ତୁ ଦୁଃଖର ବିଷୟ ଏଠାରେ ରହଣି ପାଇଁ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ସମସ୍ତେ ହଇରାଣ ହେଉଛନ୍ତି। ପାଖରେ ଥିବା ଧର୍ମଶାଳା ସତ୍ୟବାଦୀ ଗୋପୀନାଥଦେବଙ୍କ ଦଖଲରେ ଥିଲେ ମଧ୍ୟ ଏହା ଏକ ଅଳିଆଗଦାରେ ପରିଣତ ହୋଇଛି। ଏବେ ମନ୍ଦିର ପରିଚାଳନା କମିଟି ଏହାର ଦାୟିତ୍ୱ ନେଇ ପୁନରୁଦ୍ଧାର କରିବା ଆବଶ୍ୟକ। ଦୁଃଖର କଥା ସ୍ଥାନୀୟ ଲୋକପ୍ରତିନିଧି ପରିଚାଳନା କମିଟିର ମୁଖ୍ୟ ଥିଲେ ମଧ୍ୟ ଧର୍ମଶାଳା ପ୍ରତି କୌଣସି ଦୃଷ୍ଟି ଦେବା ପରି ମନେହେଉ ନାହିଁ। ଏହା ମରାମତି ହୋଇ କାର୍ଯ୍ୟକ୍ଷମ ହେଲେ ପୂର୍ବପରି ହଜାର ହଜାର ଭକ୍ତ, ଯାତ୍ରୀ, ପର୍ଯ୍ୟଟକ ଓ ଅଞ୍ଚଳର ଲୋକେ ବହୁ ଭାବରେ ଉପକୃତ ହୁଅନ୍ତେ। ଏଥିପ୍ରତି ସରକାର ମଧ୍ୟ ଧ୍ୟାନ ଦେବା ଜରୁରୀ ମନେହେଉଛି।

**–ବନମାଳୀ ବେହେରା, ସାକ୍ଷୀଗୋପାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନ-ସମସ୍ୟା ଯେଣୁ ଦିନୁଁ ଦିନୁଁ
ହୁଅଇ ଜଟିଳ
ଆଚାର-ବିଧାନ-ଗ୍ରନ୍ଥି ହେଉଅଛି
ଅଧିକ ଶିଥିଳ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ଭଣ୍ଡାରିପୋଖରୀ,(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଝିଅ ଶୌଚ ହେବା ପାଇଁ ବାହାରକୁ ଯାଇଥିବା ବେଳେ ଜଣେ ଯୁବକ ଟେକିନେଇ ବଳାତ୍କାର କରିଥିବା ନାବାଳିକାଙ୍କ ବାପା ଏତଲାରେ ଦର୍ଶାଇଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୪୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଯୁବକ ଫେରାର ଥିବା ପୋଲିସ କହିଛି।



**ସଂକ୍ଷେପରେ**

## ବୋଲେରୋ ଓଲଟି ୧୬ ଗୁରୁତର



ଠାକୁରମୁଣ୍ଡା,୧୦ା୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା - ଆନନ୍ଦପୁର ରାସ୍ତାର ପଥୁରିଆ ସାହି ନିକଟରେ ବୁଧବାର ମଧାହ୍ନରେ ଏକ ବୋଲେରୋ ଓଲଟି ୧୬ ଯାତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧରେ ଶିଶୁ,ମହିଳା ଓ ପୁରୁଷ ରହିଥିବା ଜଣାପଡିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୨ଟି ଗାଡ଼ିରେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୂଚନା ଅନୁଯାୟୀ, ଝିଅ ଘରକୁ ସାଦ ଖୁଆଇବା ପାଇଁ କପ୍ତିପଦା ବ୍ଲକ ପୋଡ଼ାଡ଼ିହା ଅଞ୍ଚଳରୁ ଗୋଟିଏ ପରିବାରର ବନ୍ଧୁବାନ୍ଧବ ମିଶି ଏକ ବୋଲେରୋ ଯୋଗେ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବାଉଁଶଗଡ଼ ଗ୍ରାମକୁ ଯାଉଥିଲେ। ପଥୁରିଆ ସାହି ନିକଟରେ ବୋଲେରୋଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଧିକ ଚିକିତ୍ସା ପାଇଁ ସମସ୍ତଙ୍କୁ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ପାନ ଦୋକାନରୁ ଭାଙ୍ଗ, ଗଞ୍ଜେଇ ଜବତ: ୨ ଗିରଫ

ଧାମନଗର, ୧୦ା୫ (ସ୍ୱ.ପ୍ର./ଡି.ଏନ.ଏ.)- ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଞ୍ଚଳ ବିଜୁ ପଟ୍ଟନାୟକ ଛକରେ ଥିବା ଏକ ପାନ ଦୋକାନରେ ଅବକାରୀ ବିଭାଗ ବୁଧବାର ଚଢ଼ାଉ କରିଛି। ଉକ୍ତ ଦୋକାନରୁ ସୁରା, ଭାଙ୍ଗ ସହ ଦୋକାନ ପଛପଟେ ଥିବା ଗଞ୍ଜେଇ ଗଛ, ଗଞ୍ଜେଇ ପୁଡ଼ିଆ ଆଦି ଜବତ କରାଯାଇଛି। ଏଥିସହ ଦୁଇଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନେ ହେଲେ ବିକ୍ରେତା ରବୀନ୍ଦ୍ର ସାହୁ ଓ ଦୀପକ ସାହୁ। ଏନେଇ ଦୁଇଟି ମାମଲା ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଦୋକାନରେ ଦୀର୍ଘଦିନ ହେବ ବେଆଇନ ଭାବେ ବିଭିନ୍ନ ପ୍ରକାର ଅବକାରୀ ଜିନିଷ ବିକ୍ରି ହେଉଥିଲା। ଦୋକାନ ପଛପଟେ ଅନେକଗୁଡ଼ିଏ ବଡ଼ ଗଞ୍ଜେଇ ଗଛ ଥିଲା। କୌଣସି ସୂତ୍ରରୁ ଖବରପାଇ ଅବକାରୀ ବିଭାଗ ଚଢ଼ାଉ କରି ୨ କିଗ୍ରା ଭାଙ୍ଗ ଓ ୧୧.୨୫୦ ଲିଟର ସୁରା ଜବତ କରିଛି। ଭାରପ୍ରାପ୍ତ ଅଧିକାରୀ ସନ୍ଦୀପ କୁମାର ପାଢ଼ୀ, ଏଏସ୍‌ଆଇ ଭବେଶ ଦାସ, କନଷ୍ଟେବଲ ଶିବ ସାହୁ, ସୂର୍ଯ୍ୟକାନ୍ତ କିସ୍କୁ, ରମାକାନ୍ତ ବାରିକ, ସନ୍ଧ୍ୟାରାଣୀ ସେନାପତି ଓ ଅଜିତ ସିଂ ଚଢ଼ାଉରେ ସାମିଲ ଥିଲେ।

## ଶିକ୍ଷାବିତ୍‌ଙ୍କ ପରଲୋକ

ଢେଙ୍କିକୋଟ,୧୦ା୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପଞ୍ଚାୟତ କପସପଡ଼ା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍



ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିନମଣୀ ବେହେରା(୭୯)ଙ୍କ ମଙ୍ଗଳବାର ପରଲୋକ ହୋଇଛି। କିଛି ଦିନ ହେଲା ମଧୁମେହ ରୋଗରେ ପୀଡ଼ିତ ହୋଇ ଶଯ୍ୟାସାଇ ଥିଲେ। ସେ ଜଣେ ସୁବକ୍ତା, ପ୍ରବଚକ, ଦକ୍ଷ ଶିକ୍ଷକ, ସଂସ୍କୃତି ରକ୍ଷକ, ପାଲା ଗାୟକ ଏବଂ ଢେଙ୍କିକୋଟ ପାରିଜାତ କ୍ଲବ୍‌ର ସଭାପତି ଥିଲେ। ମୃତ୍ୟୁ ଶର୍ଯ୍ୟା ନିକଟରେ ସାନପୁଅ ସ୍ମୃତିରଞ୍ଜନ ବେହେରା ଉପସ୍ଥିତ ଥିଲେ।

## ଧାରଣାରେ ବସିଲେ ଭାଜପା ନେତା

ଉଦଳା,୧୦ା୫(ଡି.ଏନ.ଏ.)- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ଦିନିଆ ମୟୂରଭଞ୍ଜ ଜିଲା ଗସ୍ତ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ କରି ଉଦଳା ଭାଜପା ନେତାମାନେ ବୁଧବାର ଧାରଣା ଦେଇଥିଲେ। ଅପରାହ୍ନ ୫ଟାରୁ ୬ଟା ପର୍ଯ୍ୟନ୍ତ ଉଦଳା ଥାନା ଛକରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ମୌନଧାରଣା ଦିଆଯାଇଥିଲା। କପ୍ତିପଦା ଉପଖଣ୍ଡ ନାଗରିକ ମଞ୍ଚ ପକ୍ଷରୁ ମୁହଁରେ କଳାପଟି ବାନ୍ଧି ଧାରଣାରେ ବସିଥିଲେ ଶତାଧିକ ଭାଜପା ନେତା ଏବଂ କର୍ମୀ। ଏହି ଧାରଣାରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବରିଷ୍ଠ ନେତା କମଳ ଧଳ, ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦିଙ୍କ ସମେତ କପ୍ତିପଦା, ଉଦଳା, ଗୋପବନ୍ଧୁନଗର ମଣ୍ଡଳ ଅଞ୍ଚଳରୁ ଶତାଧିକ କର୍ମୀ ଯୋଗଦେଇଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ନିହାର ରଞ୍ଜନ ପ୍ରକାଶ କରିଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିରେ ମୌନ ଧାରଣା

## ରାଷ୍ଟ୍ରପତିଙ୍କ ଭାଷଣ ବେଳେ ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ



ମୌନ ଧାରଣାରେ ସାମିଲ ହୋଇଥିବା ବିଭିନ୍ନ ସଂଗଠନର ସଦସ୍ୟମାନେ।

**ବାରିପଦା ଅଫିସ,୧୦ା୫**

ମୟୂରଭଞ୍ଜ ନାଗରିକ ମଞ୍ଚ ପକ୍ଷରୁ ବାରିପଦା ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ତଳେ ୨ ଘଣ୍ଟା ମୌନ ଧାରଣା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୫ଟା ୩୦ରୁ ୭ଟା୩୦ ପର୍ଯ୍ୟନ୍ତ ଶତାଧିକ ନାଗରିକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରତିବାଦ ଜଣାଇଛନ୍ତି। ୩ ଦିନିଆ ଜିଲା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନ୍ଧାରରେ ଭାଷଣ ଦେବା ଘଟଣାକୁ ନେଇ ଜିଲା ପ୍ରଶାସନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଏହି ଧାରଣା ଦିଆଯାଇଥିବା ମଞ୍ଚର କାର୍ଯ୍ୟକର୍ତ୍ତା କହିଛନ୍ତି। ଜିଲାପାଳ, ଏସ୍‌ପି ଓ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ଯୋଗୁ ଏପରି ଅବ୍ୟବସ୍ଥା ହୋଇଛି ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ନାଗରିକ, ବୁଦ୍ଧିଜୀବୀ, ବଣିକ ସଂଘ, ଖବରଦାତା, ଠିକାଦାର ସଂଘ, ବ୍ୟବସାୟୀ ମହାସଂଘ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ଶ୍ରମିକ ସଙ୍ଗଠନ, ଚାଳକ ସଂଘ ତଥା ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ମାନବାଧିକାର କମିଶନଙ୍କ ନୋଟିସ୍

## ଜମି ବିବାଦକୁ ନେଇ କଙ୍ଗାରୁ କୋର୍ଟ ମାମଲା

**କେନ୍ଦୁଝର,୧୦ା୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲାପାଳଙ୍କୁ ଏକ କଙ୍ଗାରୁ କୋର୍ଟ ମାମଲାରେ ଜାତୀୟ ମାନବାଧିକାର କମିଶନ ସର୍ତ୍ତମୂଳକ ବ୍ୟକ୍ତିଗତ ହାଜର ପାଇଁ ଆଦେଶ କରିଛନ୍ତି। ଘଟଣାକୁ ନେଇ କମିଶନ ନିକଟରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ କମିଶନ ୨୬ ଏପ୍ରିଲ ୨୦୨୧ରେ ଜିଲାପାଳଙ୍କୁ ଚିଠି କରି ପଦକ୍ଷେପ ନେବା ସହ ସର୍ବିଶେଷ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦେବାକୁ କହିଥିଲେ। ଏହାର ଖିଲାପ ହେବାରୁ ପୁଣି ନୋଟିସ୍ କରିଛନ୍ତି। ପ୍ରକାଶ ଯେ, ନନ୍ଦିପଦା ଥାନା ଅନ୍ତର୍ଗତ ନୂଆ ରମ୍ପାସ ଗ୍ରାମରେ ଜମି ବିବାଦକୁ ନେଇ ଦମ୍ପତିଙ୍କୁ କଙ୍ଗାରୁ କୋର୍ଟ କରି ୧ହଜାର ଟଙ୍କା ଜରିମାନା ସହ ଗାଁରୁ ବାହାର କରିଦେଇଥିଲେ। ଏ ନେଇ ଅଭିଯୋଗ ପରେ କମିଶନ କମିଶନ ୨୬ ଏପ୍ରିଲ ୨୦୨୧, ୨୧ ଅକ୍ଟୋବର ୨୦୨୨ରେ ଚିଠି କରିବା ସହ ୨୪ ଫେବୃୟାରୀ ୨୦୨୩ରେ ସର୍ତ୍ତମୂଳକ ସମନ କରିଥିଲେ। ଜିଲାପାଳଙ୍କୁ ଚିଠି କରି ୨୮ ଏପ୍ରିଲ ୨୦୨୩ ସୁଦ୍ଧା କମିଶନଙ୍କୁ ନିର୍ଦ୍ଧାରିତ ରିପୋର୍ଟ ଦେବା ପାଇଁ କହିଥିଲେ। ଏହା ସତ୍ତ୍ୱେ ନିର୍ଦ୍ଧାରିତ ସମୟ ମଧ୍ୟରେ କମିଶନ ନିକଟରେ ରିପୋର୍ଟ ଦେଇ ନ ଥିବାରୁ ୭ ଜୁଲାଇ ୨୦୨୩ ମଧ୍ୟାହ୍ନ ୧୧ଟାରେ ରିପୋର୍ଟ ଧରି ହାଜର ହେବା ପାଇଁ କମିଶନ ତାଙ୍କୁ ସର୍ତ୍ତମୂଳକ ବ୍ୟକ୍ତିଗତ ହାଜର ପାଇଁ ଆଦେଶ କରିଛନ୍ତି। ନଚେତ୍ ରୁଲ ୧୦, ରୁଲ୍ ୧୨ ଅଫ ଅର୍ଡରେ ଏକ୍ସଭିଆଇ ଅଫ ସଭିଲ ପ୍ରୋସିଜିୟର କୋର୍ଡ ୧୯୦୮ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନଙ୍କ ଡେପୁଟି ରେଜିଷ୍ଟ୍ରର କେକେ ଶ୍ରୀବାସ୍ତବ କହିଛନ୍ତି। ଏ ନେଇ ଗୃହ ବିଭାଗର ପ୍ରମୁଖ ଶାସନ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ କପି ପ୍ରଦାନ କରିଛନ୍ତି।

# ଯାତ୍ରୀ ବିଶ୍ରାମାଗାର ଲୋକାର୍ପିତ

**ଖଇରା, ୧୦ା୫(ଡି.ଏନ.ଏ.)**




ଲୋକାର୍ପଣ ଉତ୍ସବରେ ଅତିଥି ସହ ଖଇରା ପଞ୍ଚାୟତବାସୀ।

ସୋର-କୁପାରୀ ରାସ୍ତାର ଖଇରା ବଜାର ସଂଲଗ୍ନ ଆଲଦା ଛକରେ ନିର୍ମିତ ଯାତ୍ରୀ ବିଶ୍ରାମାଗାର ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଉକ୍ତ ଛକରେ ବିଶ୍ରାମାଗାର ଅଭାବରୁ ଯାତ୍ରୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଆସୁଥିଲେ। ଏଥିପାଇଁ ସ୍ଥାନୀୟ ସରପଞ୍ଚ ମାଳତୀ ସେଠୀ ଓ ବିଧାୟକଙ୍କ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲା। ଯାତ୍ରୀମାନଙ୍କୁ ଆଉ ଖରାବର୍ଷାରେ କଷ୍ଟ ଭୋଗିବାକୁ ପଡିବ ନାହିଁ ବୋଲି ବିଧାୟକ ପାଣିଗ୍ରାହୀ ପ୍ରକାଶ କରିଥିଲେ। ଲୋକାର୍ପଣ ଉତ୍ସବରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ବିଜୟ କୁମାର ସାହୁ, ସୁଦର୍ଶନ ମହାରଥା ଓ ଶଶାଙ୍କ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ହତ୍ୟା ମାମଲାରେ ଦମ୍ପତିଙ୍କୁ ୮ବର୍ଷ ଜେଲ

**ବାରିପଦା ଅଫିସ,୧୦ା୫:** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ(୨) କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ. ଦୀପକ ରଞ୍ଜନ ସାହୁ ଏହାର ବିଚାର କରି ଦୋଷୀ ଦମ୍ପତିଙ୍କୁ ୮ବର୍ଷ ଲେଖାଏ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ଉଭୟଙ୍କୁ ୫ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୬ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ହତ୍ୟାକାରୀ ଦମ୍ପତି ହେଲେ ରାସଗୋବିନ୍ଦପୁର ଥାନା ଅଧୀନ ବୁଦ୍ଧିମୁହାଣ ଗ୍ରାମର ଜଗନ୍ନାଥ ସିଂ(୪୪) ଓ ସ୍ତ୍ରୀ ରେବତୀ ସିଂ(୩୯)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ଜାନୁୟାରୀ ୫ତାରିଖରେ ସେହି ଗ୍ରାମର ବାସୁଦେବ ସିଂଙ୍କୁ ପୂର୍ବ ଶତ୍ରୁତାକୁ ନେଇ ଉକ୍ତ ଦମ୍ପତି ଘର ସମ୍ମୁଖରେ ଏକ ଗଛରେ ବାନ୍ଧି ବାଡ଼େଇଥିଲେ। ଫଳରେ ବାସୁଦେବଙ୍କ ମୃତ୍ୟୁ ହୋଇଥିଲା। ଏନେଇ ବାସୁଦେବଙ୍କ ସ୍ତ୍ରୀ ସସ୍ମିତା ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧/୧୯) ରୁଜୁ କରି ଅଭିଯୁକ୍ତ ଦମ୍ପତିଙ୍କ ସମେତ ସେହି ଗ୍ରାମର ବିକ୍ରମ ସିଂ(୫୨)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ତେବେ ପ୍ରମାଣ ଅଭାବରୁ କୋର୍ଟ ବିକ୍ରମ ସିଂଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅତିରିକ୍ତ ସରକାରୀ ଓକିଲ ବଟହରି ମହାକୁଡ଼ ମାମଲା ପରିଚାଳନା କରୁଥିଲେ।

## ମା' ସୁବର୍ଣ୍ଣମୁଖୀ ବାଦୀପାଲା

ଧାମନଗର, ୧୦ା୫ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦୋବଲ ପଞ୍ଚାୟତ ସୋଧ ଗ୍ରାମସ୍ଥିତ ସର୍ବପୁରାତନ ମା' ସୁବର୍ଣ୍ଣମୁଖୀ ପାଲା ଅନୁଷ୍ଠାନ ପକ୍ଷରୁ ଚାଲିଥିବା ବାର୍ଷିକ ବାଦୀପାଲା ପାଞ୍ଚଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାତି ଗାୟିକା ସୁର ତରଙ୍ଗିଣୀ ଭଦ୍ରକର ସସ୍ମିତା ରାଉତ ଓ କଟକ ସାଲେପୁରର ପ୍ରଭାତୀ ସ୍ୱାଇଁଙ୍କ ମଧ୍ୟରେ ବାଦୀପାଲା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଉଭୟ ଗାୟିକାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଭୟ ଗାୟିକା ବିଭିନ୍ନ ପ୍ରସଙ୍ଗ ଉପରେ ମନମୁଗ୍ଧକର ପାଲା ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ପାଲା ଉତ୍ସବକୁ ରାଜକିଶୋର ସାହୁ, ଭୋଳାନାଥ ସାହୁ, ଶରତ ସାହୁ , କୃଷ୍ଣଚନ୍ଦ୍ର ପତି, ପ୍ରତାପ ମହାନ୍ତି, ହୃଦାନନ୍ଦ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବନ୍ତ ବଜାରରୁ ଜବରଦଖଲ ଉଚ୍ଛେଦ



ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

**ବନ୍ତ,୧୦ା୫ (ଡି.ଏନ୍.ଏ.)**

ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବନ୍ତ ସଦରମହକୁମାରେ ପ୍ରଶାସନ ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ବ୍ଲକ ଛକଠାରୁ ଜଳସେଚନ ବିଭାଗ ଅଫିସ ପର୍ଯ୍ୟନ୍ତ ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ସ୍ଥାୟୀ ଏବଂ ଉଠା ଦୋକାନ କରିଥିଲେ। ଫଳରେ ରାସ୍ତାପାର୍ଶ୍ୱରେ ଗହଳି ଲାଗିବା ସହ ଦୁର୍ଘଟଣା ଘଟୁଥିଲା। କିଛିଦିନ ତଳେ ଏଠାରେ ସଡ଼କ ଦୁର୍ଘଟଣାରେ ଜଣେ ଫଳ ଦୋକାନୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ବନ୍ତ ବଜାରରୁ ଜବରଦଖଲ ଉଚ୍ଛେଦ ଦାବିରେ ରାସ୍ତାରୋକୋ କରିଥିଲେ। ସେତେବେଳେ ଉପଜିଲାପାଳ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ତହସିଲ ପକ୍ଷରୁ ବଜାରରୁ ଜବରଦଖଲ ହଟାଯାଇଛି। ତହସିଲଦାର ଅଙ୍କିତା ବାରିକ, ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ, ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ବନ୍ତ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା, ଆଗରପଡ଼ା ଥାନାଧିକାରୀ ମୋନାଲିସା କର, ଭଣ୍ଡାରିପୋଖରୀ ଥାନାଧିକାରୀ ତପନ ପ୍ରଧାନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏସ୍‌ଡିଓ ପ୍ରିୟଙ୍କା ସାହୁ ଉପସ୍ଥିତ ଥିଲେ। ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ସଂସ୍କୃତ ଭାଷାରେ ହିଁ ସଂସ୍କୃତି ଜଡିତ



ଅତିଥିମାନେ ଅବସରପ୍ରାପ୍ତ ପ୍ରଧାନାଚାର୍ଯ୍ୟଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରୁଛନ୍ତି।

**ଖଇରା, ୧୦ା୫(ଡି.ଏନ.ଏ.)**

**ବଳଭଦ୍ରପୁର ସଂସ୍କୃତ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବଳଭଦ୍ରପୁରସ୍ଥିତ ଉପେନ୍ଦ୍ର ପ୍ରସାଦ ସଂସ୍କୃତ ବିଦ୍ୟାପୀଠର ପ୍ରଧାନଚାର୍ଯ୍ୟ ତଥା ସହକାରୀ ଅଧୀକ୍ଷକ କମଳାକାନ୍ତ ରାଉତଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପରିଚାଳନା କମିଟି ସଭାପତି ସୁଦାମ ଚରଣ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ସଂସ୍କୃତ ମଣ୍ଡଳର ପ୍ରାକ୍ତନ ସମ୍ପାଦକ ରମାକାନ୍ତ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାରେ ହିଁ ଆମ୍ଭର ସଂସ୍କୃତି ଜଡିତ ବୋଲି ପ୍ରକାଶ କରିଥିଲେ। ସିଆରସିସି ପ୍ରକାଶ କୁମାର ସାମଲ, ଗୋବିନ୍ଦପୁର ସମିତି ବୋର୍ଡ ସଭାପତି ରବୀନ୍ଦ୍ର ବେହେରା, ସମିତିସଭ୍ୟା ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ, ଜିଲା ସଂସ୍କୃତ ମଣ୍ଡଳ ସମ୍ପାଦକ ରମେଶ ପ୍ରଧାନ, ପ୍ରାକ୍ତନ ବିଇଓ ପିତାମ୍ବର ବାରିକ, ଉଗରପଡା ସମିତିସଭ୍ୟ ବିମ୍ବାଧର ଦଳେଇ, ଶରତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନବକୁମାର ପଣ୍ଡା, ଶୈଳେନ୍ଦ୍ର ପାଢୀ, ନାରାୟଣ ଦାସ, ଚିତ୍ତରଞ୍ଜନ ଷଡଙ୍ଗୀ ଓ ଗଣେଶ୍ୱର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ସନାତନ ପୃଷ୍ଟି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

# ହାତୀ ଦ୍ୱାରା କ୍ଷତିଗ୍ରସ୍ତ ପରିବାରକୁ ସହାୟତା

**ମୋରଡ଼ା,୧୦ା୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଘୋଳମୁହାଁ ପଞ୍ଚାୟତର ଆଣ୍ଡୁଆ ଗ୍ରାମରେ ୮ ତାରିଖ ବିଳମ୍ବିତ ରାତିରେ ୯ ଟିକିଆ ହାତୀପଲ ପଶି ଗ୍ରାମର ବୈଦ୍ୟନାଥ ମହାନ୍ତଙ୍କ ଘର ଭାଙ୍ଗି ଦେବା ସହ ଚାଉଳ, ଧାନ ଖାଇ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥିଲେ । ବୁଧବାର ଉକ୍ତ ପରିବାରକୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ବିଜୁ ଜନତା ଦଳ ପକ୍ଷରୁ ମିଳିଥିବା ବେଳେ ବନବିଭାଗ ପକ୍ଷରୁ ୫ହଜାର, ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ତରଫରୁ ୨ହଜାର ଏବଂ ଜଣେ ସ୍ଥାନୀୟ ଜନନେତା ୧ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ଜରିଆରେ ମୋରଡ଼ା ବିଧାୟକ, ଜିଲାପରିଷଦ ସଭ୍ୟା, ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ ପ୍ରମୁଖ କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ତେବେ ବୈଦ୍ୟନାଥଙ୍କ ପରିବାର ଭୟରେ ଉକ୍ତ ଗ୍ରାମର ଅନ୍ୟ ଜଣଙ୍କ ଘରେ ରହୁଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ସେମାନଙ୍କ ଖାଦ୍ୟପାନୀୟର ବ୍ୟବସ୍ଥା କରାଯାଉଛି । ସୂଚନାଯୋଗ୍ୟ, ହାତୀ ଉପଦ୍ରବକୁ ନେଇ ଉତ୍ତ୍ୟକ୍ତ ଗ୍ରାମବାସୀ ମଙ୍ଗଳବାର ବନ ବିଭାଗ ଅଧିକାରୀଙ୍କୁ ଦୀର୍ଘ ୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଟକ ରଖିଥିଲେ।

# ପ୍ରୋଜେକ୍ଟ ଫି' ଅଧିକ ଆଦାୟକୁ ବିରୋଧ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କଲେଜ ଛାତ୍ରୀଛାତ୍ର

**ଭଦ୍ରକ ଅଫିସ,୧୦ା୫**

ଭଦ୍ରକ ଉତ୍ତରବାହିନୀସ୍ଥିତ ସାଳନ୍ଦୀ ଡିଗ୍ରୀ କଲେଜରେ ସେମିଷ୍ଟାର ପ୍ରୋଜେକ୍ଟ ଫି' ଅଧିକ ନେଉଥିବା ପ୍ରତିବାଦରେ ବୁଧବାର ଛାତ୍ରୀଛାତ୍ର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଫକୀର ମୋହନ ୟୁନିଭର୍ସିଟି ଅନୁସାରେ ସେମିଷ୍ଟାର ପ୍ରୋଜେକ୍ଟ ଫି' ୧ ଶହ ଟଙ୍କା ନେବାକୁ ଧାର୍ଯ୍ୟ ହୋଇଛି। ସାଳନ୍ଦୀ କଲେଜରେ ଅଧିକ ୬ ଶହ ଟଙ୍କା ଅର୍ଥାତ୍ ୭ଶହ ଟଙ୍କା ନିଆଯାଉଛି। ଏହା ବଦଳରେ କୌଣସି ରସିଦ୍ ମଧ୍ୟ ଦିଆଯାଉ ନାହିଁ। ଏନେଇ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ପୂର୍ଣ୍ଣିମା ଜେନା, ପ୍ରିୟଙ୍କା ପରିଡ଼ା, ରୀନାରାଣୀ ନାୟକ, ପୂଜା ଚାନ୍ଦ, ସମୀର ପୃଷ୍ଟି, ଅସିତ ମଲ୍ଲିକ, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।



ସାଳନ୍ଦୀ ଡିଗ୍ରୀ କଲେଜ ଛାତ୍ରୀଛାତ୍ର ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

# କୁପୋଷଣର ଶିକାର ହେଉଛନ୍ତି ଶିଶୁ

**ଯୋଡ଼ା,୧୦ା୫(ଡି.ଏନ୍.ଏ.)**

**ମୌଳିକ ସୁବିଧାରୁ ବଞ୍ଚିତ ପୀଢ଼ପୋଖରୀ**

- ଭାତ ସହ ଖାଉଛନ୍ତି ଗଛର ମୂଳ, ପତ୍ର
- ମିଳୁନି ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା



କୁପୋଷଣର ଶିକାର ଶିଶୁମାନେ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଡ଼ କାଳିମାଟି ପଞ୍ଚାୟତ ଅଧୀନରେ ଥିବା ପୀଢ଼ପୋଖରୀ ଗାଁ ସରକାରୀ ଅବହେଳାର ଶିକାର ହୋଇଛି। ଏହି ଗାଁର ଅଧିକାଂଶ ଲୋକ ଦାରିଦ୍ର୍ୟ ସୀମାରେଖା ମଧ୍ୟରେ କାଳାତିପାତ କରୁଛନ୍ତି। ବ୍ଲକ୍‌ଠାରୁ ସ୍ୱଳ୍ପ ଦୂରରେ ଏହି ଗାଁ ଅବସ୍ଥିତ ଥିବା ବେଳେ ଗାଁକୁ ବିକାଶ ପହଞ୍ଚିପାରିନି। ମୌଳିକ ସୁବିଧାରୁ ବଞ୍ଚିତ ହେବା ସହ ଗ୍ରାମର ଲୋକେ ଅନାହାରରେ ଜୀବନ ବିତାଉଛନ୍ତି। ଗ୍ରାମବାସୀ ଭାତ ସହ କଅଁଳିଆ ପତ୍ର ଓ ଗଛମୂଳ ଖାଉଥିବା ଦେଖିବାକୁ ମିଳିଛି। ସୁଷମ ଖାଦ୍ୟ ଅଭାବରୁ ଗାଁର ଅନେକ ଶିଶୁ କୁପୋଷଣର ଶିକାର ହେଉଛନ୍ତି।

ପ୍ରକାଶ ଯେ, ପୀଢ଼ପୋଖରୀ ଗାଁ ଯୋଡ଼ା ମୁଖ୍ୟ ସହର ତଥା ବ୍ଲକ୍ କାର୍ଯ୍ୟାଳୟଠାରୁ ୨୫ କି.ମି. ଏବଂ ବଡ଼ କାଳିମାଟି ପଞ୍ଚାୟତଠାରୁ ମାତ୍ର ୮ କି.ମି. ଦୂରରେ ଅବସ୍ଥିତ। ଏଠାକାର ଅଧିବାସୀ ଆଦିବାସୀ ଶ୍ରେଣୀର। ଗ୍ରାମର ଅଳ୍ପ ଦୂରରେ ଦୁଇଟି ଖଣି କାର୍ଯ୍ୟକ୍ଷମ ରହିଥିଲେ ମଧ୍ୟ ଗ୍ରାମବାସୀଙ୍କୁ କୌଣସି ନିଯୁକ୍ତି ମିଳିନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ଗାଁର ସ୍ଥିତି ଓ ବସବାସ କରୁଥିବା ଲୋକଙ୍କ ଜୀବନଶୈଳୀକୁ ନେଇ ଖବର ପ୍ରକାଶ ପରେ କିଛି ଦିନ ହେବ ଡିଏମ୍‌ଏଫ୍ ପକ୍ଷରୁ ଗ୍ରାମରୁ ନୂତନ ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ମାତ୍ର ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଗ୍ରାମ ଏବେ ବି ବହୁ ପଛରେ। ଖଣି ଦ୍ୱାରା ପ୍ରଭାବିତ ହେଉଥିଲେ ବି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ସରକାରୀ ଯୋଜନାରେ ପାଉଥିବା ଚାଉଳ ହିଁ ତାଙ୍କର ଅଧା ମାସର ଆହାର ସାଜିଛି। ରୋଜଗାର କିଛି ନ ଥିବାରୁ ଭାତ ସାଙ୍ଗକୁ ଜଙ୍ଗଲୀ ଶାଗ(ପତ୍ର), ମୂଳ ଆହାର ଭାବେ ଗ୍ରହଣ କରୁଛନ୍ତି। ମା'ମାନେ ପୁଷ୍ଟିକର ଖାଦ୍ୟ ନ ପାଇବା ଦ୍ୱାରା ଜନ୍ମିତ ଶିଶୁମାନେ ମୁଖ୍ୟତଃ ରୁଗ୍‌ଣ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଗ୍ରାମର ଶିଶୁମାନେ କୁପୋଷଣର ଶିକାର ହେଉଛନ୍ତି। ଉତ୍ତମ ଓ ସୁଷମ ଖାଦ୍ୟ ନ ପାଇବା ଦ୍ୱାରା ଶିଶୁମାନଙ୍କର ଶାରୀରିକ ଓ ମାନସିକ ବିକାଶ ହୋଇପାରୁନାହିଁ। କିଛିଦିନ ପୂର୍ବେ ଯୋଡ଼ା ଖଣି ଅଞ୍ଚଳର ଶିଶୁମାନଙ୍କ ଅପପୁଷ୍ଟିର ଶିକାରକୁ ନେଇ ଖବର ପ୍ରସାରଣ ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ଅପପୁଷ୍ଟିର ଶିକାର ଶିଶୁମାନଙ୍କୁ ଚିହ୍ନଟ କରାଯାଇ ବଡ଼ବିଲସ୍ଥିତ ପୁଷ୍ଟି ସାଧନକେନ୍ଦ୍ରରେ ରଖାଯାଇଥିଲା। ପୁନର୍ବାର ଯୋଡ଼ା ବ୍ଲକ୍ ଅଧୀନ ପୀଢ଼ପୋଖରୀରେ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଯୋଡ଼ା ବ୍ଲକ୍ ସିଡିପିଓ ସୁକାନ୍ତି ପାତ୍ର କହିଛନ୍ତି, ଖୁବ୍‌ଶୀଘ୍ର ସେ ଅଞ୍ଚଳକୁ ଯାଇ ଯାଞ୍ଚ କରିବେ। କୁପୋଷଣର ଶିକାର ହୋଇଥିବା ଶିଶୁମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ନିମନ୍ତେ ବ୍ୟବସ୍ଥା କରାଯିବ।

## ଗୋରୁ ବୋଝେଇ ଗାଡ଼ି ଜବତ

ଖୁଣ୍ଟା/ଗୋପବନ୍ଧୁ ନଗର,(ଡି.ଏନ୍.ଏ.)- ଉଦଳା-ବାରିପଦା ୧୯ନଂ. ରାଜ୍ୟ ରାଜପଥରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ବେଳେ ଖୁଣ୍ଟା ପୋଲିସ ଏକ ପିକ୍‌ଅପ ଭ୍ୟାନ ସମେତ ୧୧ ଗୋରୁ ଜବତ କରିଛି। ଏହି ରାସ୍ତା ଦେଇ ମଙ୍ଗଳବାର ବିଳମ୍ବିତ ରାତିରେ ଉଦଳା ସାପ୍ତାହିକ ହାଟରୁ ଉକ୍ତ ପିକ୍‌ଅପ୍ ଯୋଗେ ଗୋରୁ ବୋଝେଇ କରି ବାରିପଦା ଅଭିମୁଖେ ନିଆ ଯାଉଥିବା ବେଳେ କନ୍ହେଇବନ୍ଧଠାରେ ପୋଲିସ ଧରିଥିଲା। ତେବେ ଚଢ଼ାଉ ସମୟରେ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୧/୨୩)ରୁଜୁ ହୋଇଛି।

## ସଂକ୍ଷେପରେ

### ରୋଗ ଯନ୍ତ୍ରଣା ସହି ନ ପାରି ବୃଦ୍ଧଙ୍କ ଆତ୍ମହତ୍ୟା

ପଦ୍ମପୁର, ୧୦।୫ (ଡି.ଏନ.ଏ.)- ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଗୋରାମାଟି ପଞ୍ଚାୟତ ଚକପୁର ଗ୍ରାମର ଜଣେ ବୃଦ୍ଧ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୁଶଭଦ୍ର ଜେନା। ମଙ୍ଗଳବାର ରାତିରେ ସେ ନିଜ ଶୋଇବା ଘରେ ବେକରେ ରଶି ଲଗାଇ ଦେଇଥିଲେ। ବୁଧବାର ସକାଳେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହକୁ ସାବରଙ୍ଗ ପୋଲିସ ଜବତ କରିଛି। କୁଶଭଦ୍ର ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ରୋଗ ଯନ୍ତ୍ରଣା ସହି ନ ପାରି ସେ ଆତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ତଦନ୍ତକାରୀ ଅଧିକାରୀ ଜୟଶ୍ରୀ ଦାସ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୩) ରୁଜୁ ହୋଇଛି।

### ନଦୀରୁ ମିଳିଲା ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ

ପଦ୍ମପୁର, ୧୦।୫ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ଯାଇଥିବା ଗମେଇ ନଦୀରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ବୁଧବର ପୋଲିସ ଜବତ କରିଛି। ଚୁଡ଼ାମଣି ଘାଟଠାରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବାସୁଦେବପୁର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୭/୨୩) ରୁଜୁ ହୋଇଛି।

### ଯାତ୍ରା ସଙ୍ଗୀତ ନିର୍ଦ୍ଦେଶକ କୈଳାସ ପତିଙ୍କ ଦେହାନ୍ତ

ବାହାନଗା, ୧୦।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ଗ୍ରାମର ବର୍ଷୀୟାନ ଯାତ୍ରା ସଙ୍ଗୀତ ନିର୍ଦ୍ଦେଶକ କୈଳାସ ପତିଙ୍କ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ପତି ଜିଲା ସମେତ ଜିଲା ବାହାରେ ବହୁ ଅନୁଷ୍ଠାନରୁ



ସମ୍ମାନିତ ହୋଇଥିଲେ। ସେ ପ୍ରଥମେ ଅଭଣାସ୍ଥିତ ନବୀନ ନାଟ୍ୟମଣ୍ଡଳରେ ୧୪ବର୍ଷରେ ଗୀତ ଗାଇବାର କ୍ୟାରିୟର ଆରମ୍ଭ କରିଥିଲେ। ପରେ ମଙ୍ଗଳପୁରସ୍ଥିତ ରାଇପିତାମ୍ବର ନାଟ୍ୟ ସଂସ୍ଥାରେ ଗୀତ ଗାଇବା ଆରମ୍ଭ କରିଥିଲେ। ଜନତା ଗଣନାଟ୍ୟ, ଜନନୀ ଗଣନାଟ୍ୟ, ବିଶ୍ୱଜନନୀ ଗଣନାଟ୍ୟ, ଓଡିଶା ଅପେରା ଆଦି ଯାତ୍ରା ପାର୍ଟିରେ ସେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିପାରିଥିଲେ। ପଞ୍ଚସଖା ଯାତ୍ରା ଏକାଡେମୀ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# କଳାବ୍ୟାଜ୍ ପିନ୍ଧି କାମ କଲେ ପ୍ରାଣୀଧନ ନିରୀକ୍ଷକ

ଭଦ୍ରକ ଅଫିସ, ୧୦।୫

ରାଜ୍ୟ ଅଣଗେଜେଟେଡ୍ ବୈଷୟିକ କର୍ମଚାରୀ ସଂଘ ନିର୍ଦ୍ଦେଶକ୍ରମେ ପ୍ରାଣୀଧନ ନିରୀକ୍ଷକମାନେ ବୁଧବାରଠାରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଛନ୍ତି। ୧୫ ଦିନ ପର୍ଯ୍ୟନ୍ତ ଏଭଳି ଜାରି ରହିବ। ଦରମାରେ ଥିବା ଅସଙ୍ଗତି ଦୂର, କ୍ୟାଡର ପୁନର୍ଗଠନ ଓ କାର୍ଯ୍ୟ ସାରଣୀର ସଂଶୋଧନ, ନିଯୁକ୍ତି ନିୟମ ସଂଶୋଧନ, ଦୁଇବର୍ଷିଆ ଡିପ୍ଲୋମା ପୁନଃ ପ୍ରଚଳନ, ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ନିୟମିତ ଭାବେ ଗଣନା କରିବା ଆଦି ଦାବି ନେଇ ଭଦ୍ରକ ଜିଲା ସଂଘ ସଭାପତି ପ୍ରିୟବ୍ରତ ରାଉତଙ୍କ ନିର୍ଦ୍ଦେଶରେ ଜିଲାର ସମସ୍ତ ପ୍ରାଣୀଧନ ନିରୀକ୍ଷକ କଳାବ୍ୟାଜ୍ ପରିଧାନ କରିଛନ୍ତି। ସଂଘର ସମ୍ପାଦକ ଭାସ୍କର ଚନ୍ଦ୍ର ସେଠୀ, ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ଦାସ, ବ୍ରଜକିଶୋର ଦାସ, ଆର୍ଥିକ ସମ୍ପାଦକ ଭକ୍ତ ରଞ୍ଜନ ମଲ୍ଲିକ, ଉପସଭାପତି ବିଶ୍ୱପ୍ରତାପ ବଳ, ବିଶ୍ୱଭୂଷଣ ଦାସଙ୍କ ସମେତ ଜିଲା ଓ ବ୍ଲକର ସଙ୍ଗଠକମାନେ ଏନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭ୍ରେନ୍ଦୁ କୁମାର ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭ୍ରେନ୍ଦୁ କୁମାର ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଟ୍ରାନ୍ସଫର୍ମର, ତାର ଚୋରି ଘଟଣାରେ ୯ ଗିରଫ



ଗିରଫ ୯ ଅଭିଯୁକ୍ତ।

ରାଇରଙ୍ଗପୁର, ୧୦।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଞ୍ଚଳରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ତାର ଚୋରି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିପୁଳ ପରିମାଣରେ ଚୋରି ଇଲେକ୍ଟ୍ରି ସାମଗ୍ରୀ ଓ ଚୋରିରେ ବ୍ୟବହୃତ ଦୁଇଟି ପିକ୍‌ଅପ୍ ଭ୍ୟାନ୍, ମାରୁତି ସୁଇଫ୍ଟ ଡିଜାୟାର, ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ତାର ଜବତ ହୋଇଥିବା ନେଇ ଏସଡିପିଓ ଗୋକୁଳାନନ୍ଦ ସାହୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍ଗିରିପୋଷି ଥାନା ଗୋସାଣୀ ପାଳ ଗ୍ରାମର ଅସୀତ କୁମାର ସାହୁ, ବାପୁନ ମାରାଣ୍ଡି, ଯିତେନ ସିଂ, ସୁକୁନ ସିଂ, ରୁଇଟୁ ସିଂ, ଆଶିଷ ସିଂ, କରଞ୍ଜିଆ ଥାନା ଅନ୍ତର୍ଗତ ଘୋଷଡା ଗ୍ରାମର ଏମ୍‌ଡି ଇମାନିନ ଖାନ ଓ ଜାଭେଦ ଖାନ ଏବଂ କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ପୁରୁମୁଣ୍ଡା ଗ୍ରାମର ଚନ୍ଦନ କୁମାର ସାହୁ। ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୭୬/୨୩) ରୁଜୁ ହୋଇଛି। ଥାନା ଅଧିକାରୀଣି ମିନି ଭୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିବା ସୂଚନା ମିଳିଛି।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଅନାବରଣ



ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରୁଛନ୍ତି।

ନୀଳଗିରି, ୧୦।୫(ସ୍ୱ.ପ୍ର.)

ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତି କମିଟି ପକ୍ଷରୁ ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତର ସାନ୍ତାଳୀ ଭାଷାଭାଷୀ ପୁରୁଷ ଓ ମହିଳାଙ୍କ ଗହଣରେ ଜିଲାପାଳଙ୍କ ଦ୍ୱାରା ସାନ୍ତାଳୀ ଭାଷା ଓ ଲିପିର ପ୍ରତିଷ୍ଠାତା ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ସାନ୍ତାଳୀ ଭାଷାର ପ୍ରାଣପ୍ରତିଷ୍ଠାତା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଞ୍ଚଳବାସୀ ଏକ ପ୍ରତିମୂର୍ତ୍ତି ସ୍ଥାପନ ନେଇ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଠାରେ ବହୁ ଦାବି ହୋଇ ଆସୁଥିଲା। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତି କମିଟି ଓ ବିଧାୟକ ନାୟକଙ୍କ ସହଯୋଗରେ ନୀଳଗିରି ବ୍ଲକ ଅଧୀନ ୧୯ନଂ. ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ତେଲିପାଳଠାରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ବୁଧବାର ବିଭିନ୍ନ

**ମାଦଳ, ନୃତ୍ୟ ସଙ୍ଗୀତରେ କମ୍ପିଲା ତେଲିପାଳ**

ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା, ପୁରୁଷ ପାରମ୍ପରିକ ମାଦଳ ବଜାଇ ନୃତ୍ୟ ସଙ୍ଗୀତର ତାଳେ ତାଳେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ, ତହସିଲଦାର ରଞ୍ଜନ ବେହେରା, ବିଡିଓ ରାହୁଲ ମଣ୍ଡଳ, ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କୁ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ। ପରେ ଜିଲାପାଳ ଶିନ୍ଦେ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉନ୍ମୋଚନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଆବାହକ ଗୋବିନ୍ଦ ହାଁସଦା, ଉପେନ୍ଦ୍ର ଦାସ, କରୁଣାକର ପଣ୍ଡା, ପୂର୍ବତନ ଜେଲ ଡିଆଇଜି ରଘୁନାଥ ମାଝି, ବାହିମଣି ମାରାଣ୍ଡି, ସେରାଲ ବାସ୍କେ, ଚାନ୍ଦମଣି ମୁର୍ମୁ, ମୀନତି ମୁର୍ମୁ, ହରେକୃଷ୍ଣ ହେମ୍ବ୍ରମ, ଗଙ୍ଗାଧର ମିଶ୍ର, କୁଳମଣି ନାୟକ, ଛୋଟରାୟ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଜବରଦଖଲ ଉଚ୍ଛେଦ କଲେ ତହସିଲଦାର

ସୋର, ୧୦।୫(ଡି.ଏନ.ଏ.)

ସୋର ଗୋପୀନାଥପୁର ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ପାଇଁ ବୁଧବାର ରାସ୍ତା କଡ଼ରେ ହୋଇଥିବା ସମସ୍ତ ଜବରଦଖଲକୁ ସୋର ତହସିଲ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। ଏହି ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବା ବେଳେ ଗତ ନଭେମ୍ବରରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ପରେ ବିଭିନ୍ନ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ୩ ମାସରେ ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ଉଠିଥିଲେ। କିନ୍ତୁ ପ୍ରତିଶ୍ରୁତି ପରେ ମଧ ରାସ୍ତା କାମରେ ଅହେତୁକ ବିଳମ୍ବ ହେବାରୁ ଗତ ୨ ତାରିଖରେ ମଧ ବାଗୁଡି ବଜାରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତାରୋକୋ କରାଯାଇଥିଲା। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଲୋକେ ଧାରଣାରୁ ଉଠିଥିଲେ। ଏହି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ସୋର ବରଫକଳ ଛକରୁ ବାଗୁଡି ବଜାର ପର୍ଯ୍ୟନ୍ତ ଜବରଦଖଲ କରିଥିବା ୩୦ଟି ଦୋକାନକୁ ଉଚ୍ଛେଦ କରି ସମ୍ପୂର୍ଣ୍ଣ ଅବରୋଧମୁକ୍ତ କରିଛି ସୋର ତହସିଲ ପ୍ରଶାସନ । ସୋର ତହସିଲଦାର ବସନ୍ତ କୁମାର ସାହାଣୀ ୨ ପ୍ଲାଟୁନ ପୋଲିସଫୋର୍ସ ସହ ଏହି ଉଚ୍ଛେଦ କରିଥିବା ବେଳେ ଆରଆଇ ବିଷ୍ଣୁପଦ ଗିରି, ଅମିନ ସୁଧାଂଶୁ ପ୍ରଧାନ ସହଯୋଗ କରିଥିଲେ।

# ଗୋପାଳପୁର ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ବାହାନଗା, ୧୦।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ସେବା ସମବାୟ ସମିତିରେ ରବି ଧାନମଣ୍ଡି ଜିଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ରବି ଋତୁର ନୂତନ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାଏ, ଡିଆରସିଏସ ଗଜେନ୍ଦ୍ର କୁମାର ପଣ୍ଡା, ଏଆରସିଏସ ଅମୂଲ୍ୟ ସେଠୀ, ଆରଏମ୍‌ସି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ସେବା ସମବାୟ ସମିତି ସଭାପତି, ବେଣୁଧର ଜେନା, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବାହାନଗା ଶାଖା ପରିଚାଳକ ନାରାୟଣ ମହାପାତ୍ର, ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରବି ଋତୁରେ ୨୨୪ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି ନିମନ୍ତେ ଅନଲାଇନରେ ଆବେଦନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ହଜାରେ କୁଇଣ୍ଟାଲ ଧାନ ବିକ୍ରି ନିମନ୍ତେ ଟାର୍ଗେଟ ଆସିଛି।

# ବାଇକ୍ ଦୁର୍ଘଟଣାରେ ସହକାରୀ ଯନ୍ତ୍ରୀଙ୍କ ମୃତ୍ୟୁ

କେନ୍ଦୁଝର, ୧୦।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ସହକାରୀ ଯନ୍ତ୍ରୀ ନନୀନ୍ଦ୍ରନାଥ ନାୟକ(୪୭)ଙ୍କର ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସକାଳେ ସେ ତାଙ୍କ ବାସଭବନ ଉଦୟପୁର ପିଙ୍ଗୁଆରୁ ବାଇକ୍‌ରେ ଝୁମ୍ପୁରା ବ୍ଲକକୁ ଯାଉଥିଲା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ କଲଭର୍ଟରେ ବାଡେଇ ହୋଇ ଯାଇଥିଲେ। ଫଳରେ ସେ କଲଭର୍ଟର ୧୨ ଫୁଟ ତଳକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରୁ କଟକ ସ୍ଥାନାନ୍ତର କରାଯାଉଥିଲା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ଝୁମ୍ପୁରା ବିଡିଓ ବିଚିତ୍ର କୁମାର କର, ଜେଇ ମନ୍ମୟ କୁମାର ରାଉତରାୟ, ରଣଜିତ କୁମାର ନାୟକ, ସ୍ନେହାଶିଷ ମହାପାତ୍ର, ଅଶୋକ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀମାନେ ଶୋକବ୍ୟକ୍ତ କରିଛନ୍ତି।

# 'ଅନ୍ଧବିଶ୍ୱାସ ସମାଜ ପାଇଁ କ୍ଷତିକାରକ'

**ଭଦ୍ରକ ଅଫିସ/ସ୍ୱ.ପ୍ର., ୧୦।୫:** ଅନ୍ଧବିଶ୍ୱାସ ନିରାକରଣ ଓ ସଚେତନତା ଉଦ୍ଦେଶ୍ୟରେ ବୁଧବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ସମାଜ ମଙ୍ଗଳ ବିଭାଗ ଜରିଆରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଯୋଗଦେଇ କହିଥିଲେ, ଅନ୍ଧବିଶ୍ୱାସ ସମାଜ ପାଇଁ କ୍ଷତିକାରକ। ଆମ ବିଶ୍ୱାସକୁ କେବେ ଅନ୍ଧବିଶ୍ୱାସ ଦ୍ୱାରା କବଳିତ ହେବାକୁ ଦେବା ନାହିଁ। ଡାହାଣୀ ପ୍ରଥା, ଚେଙ୍କ ଚିକିତ୍ସା, ଗୁଣିଗାରେଡ଼ିରୁ ସମାଜକୁ ମୁକ୍ତ କରିବା ଲାଗି ତୃଣମୂଳ ସ୍ତରରୁ ସଚେତନତା ଆବଶ୍ୟକ। ସ୍ୱତନ୍ତ୍ର ଅତିଥି ଭାବେ କ୍ରାଇମ ଡିଏସ୍‌ପି ରଶ୍ମିରଞ୍ଜନ ସେନାପତି, ରିସୋର୍ସ ପର୍ସନ ଭାବେ ଭଦ୍ରକ ୱାନ୍‌ଷ୍ଟପ୍ ସେଣ୍ଟରର ଉପଦେଷ୍ଟା ଲଲାଟେନ୍ଦୁ ମହାନ୍ତି, ବାଲ୍ୟବିବାହ ନିଷେଧ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅସିମ୍ ଅମିତାଭ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

**ରାଇବଣିଆ, ୧୦।୫:** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଖୁଆଡ଼ ଗ୍ରାମରେ ଚଳିତ ମେ' ୨୧ ଓ ୨୨ ତାରିଖରେ ଗ୍ରାମରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଜଗନ୍ନାଥ ମନ୍ଦିର ଲାଗି ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଗନ୍ନାଥ କମିଟି କର୍ମକର୍ତ୍ତା ସହିତ ସମସ୍ତ ଜଗନ୍ନାଥପ୍ରେମୀ ଯୋଗ ଦେଇଥିଲେ। ୨୧ତାରିଖରେ ପୁରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ଆସୁଥିବା ଆଜ୍ଞାମାଳ ସହିତ ମା'ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା, ୨୨ତାରିଖରେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ସହିତ ନାମ ସଂକୀର୍ତ୍ତନ ଯଜ୍ଞପାଠ, ସଭାକାର୍ଯ୍ୟର ପ୍ରଥମ ଅଧିବେଶନ, ମହାପ୍ରସାଦ ସେବନ ଏବଂ ସନ୍ଧ୍ୟାରେ ସଭାକାର୍ଯ୍ୟର ଦ୍ୱିତୀୟ ଅଧିବେଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ମନ୍ଦିର କମିଟିର ସଭାପତି ଅମୂଲ୍ୟ କୁମାର ପାତ୍ର, ସମ୍ପାଦକ ପ୍ରଦୀପ ଘୋଷ, ଗ୍ରାମର ସଭାପତି ଲଲାଟେନ୍ଦୁ କେଶରୀ ଜେନା, ସୁବଳ କୁମାର ପାତ୍ର, ଜୀବନ କିଶୋର ସାହୁ, ଶରତ କୁମାର ଚାନ୍ଦ, ନାରାୟଣ ପାଇକିରାୟ, ଜଗନ୍ନାଥ ସାହୁ, ସଞ୍ଜୟ ନନ୍ଦୀ, ସରୂପ ଚାନ୍ଦ, କେଦାର ନାଥ ପାଳ, ଅଜିତ ଘୋଷ, ନିର୍ମଳ କୁମାର ସାହୁ, ପ୍ରବୀର ସାହୁ, ଅକ୍ଷୟ କୁମାର ନାୟକ, ଜଗନ୍ନାଥ ପାତ୍ର, ଶ୍ରୀକାନ୍ତ ଘୋଷ, ସନ୍ତୋଷ କୁମାର ଘୋଷ ଓ ସୁଜୟ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।


**ZILLA SWASTHYA SAMITI (ZSS), KANDHAMAL**
**OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL**
Notice No. 5707/NHM/HR-Out House/2022/20 Date: 09.05.2023
**NOTICE**
No. E-93: Recruitment process as per this office Advt. No. 10608 dated 02.09.2022 is hereby held up due to administrative ground.
Sd./- Dr. M.K. Upadhayaya
CDM & PHO-cum-District Mission Director
Kandhamal
OIPR-10015/11/0004/2324

**OFFICE OF THE NOTIFIED AREA COUNCIL, BOUDHGARH** No. C-274
**"e" Procurement Notice**
Tender Call Notice No. 1847/NACBDH/01/2023-24 Dtd. 02.05.2023
1. Name of work: Civil works as mentioned in website.
2. No. of works: 1 No. of Civil Works
3. Bid Value: Rs.184.55 Lakhs
4. Date and time of availability, received of the bid documents in the portal: From 10.00 A.M. of Dt. 06.05.2023 to Dt. 21.05.2023 upto 5.00 P.M. only.
5. Bids received online shall be opened on Dt. 22.05.2023 at 11.00 A.M.
6. Submission of original documents: on or before 10.30 A.M. of Dt. 22.05.2023.
7. Name & address of the Officer Inviting Bid: Executive Officer, Boudhgarh NAC.
For further details can be seen from the procurement portal: www.tendersorissa.gov.in.
Sd./- Executive Officer, Boudhgarh NAC
OIPR-13155/11/0001/2324

GOVERNMENT OF ODISHA
**Office of the Executive Engineer**
**Bhanjanagar (R&B) Division, Bhanjanagar**
(Phone/Fax: (06821) 241133 / E -mail: eernbbngr@yahoo.in
Ltr.No.5117//Dtd. 06.05.2023
No.B-177: **INVITATIONS FOR BIDS (IFB)**
E-Procurement Bid Identification No.E.E-BNJ-R&B-04/2023-24.
1. Name of work : Renovation, Construction and interior furnishing of Sub-Divisional Hospital at Bhanjanagar AMA Hospital under 5T Transformation in the District of Ganjam, Odisha.

| | | |
|---|---|---|
| 2. No. of works | : | 01 No. Building work |
| 3. No. of Covers | : | Double Cover |
| 4. Estimated cost | : | Rs.370.114 Lakhs |
| 5. Period of Completion | : | Six Calendar Months. |
| 6. Date of time of availability of bid document in the portal | : | From 12.00 Noon of dated 11.05.2023 to 5.00 PM of dated 17.05.2023. |
| 7. Last date/time for receipt of bids in the portal | : | Up to 5.00 PM. of dated 17.05.2023. |
| 8. Date of opening of bid documents | : | At 11.00 A.M. of 18.05.2023. |
| 9. Class of Contractor | : | "A" Class Contractor |
| 10. Name and address of Officer Inviting Bid | : | Executive Engineer Bhanjanagar (R&B) Division Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.
Sd./- Executive Engineer
Bhanjanagar (R&B) Division
OIPR-34015/11/0003/2324

**OFFICE OF THE COLLECTOR & DISTRICT MAGISTRATE, BHADRAK**
**(SOCIAL SECURITY & EMPOWERMENT OF PWDS SECTION)**
No.1016/ Dt.09.05.2023
**ADVERTISEMENT**
No.gg-4:Applications are invited from the eligible candidates for the post of (1) Female Attendant (one) in the Special School for the Blind, At-Betara, Post-R.N. Betara, Dist-Bhadrak, Pin-756112. The last date for receipt of application is 31.05.2023 by 2 P.M. Details of the advertisement along with the application can be downloaded from the www.bhadrak.nic.in web portal.
Sd./- District Social Security Officer, Bhadrak
OIPR-46008/11/0001/2324

GOVERNMENT OF ODISHA No. n-38
**DISTRICT PROJECT OFFICE**
**SAMAGRA SIKSHYA, KEONJHAR**
Email ID: dpckeonjhar@gmail.com
Ph.: 06766-254103 (Office)
**"e" - PROCUREMENT NOTICE**
Bid Identification No. DPC/SS-KEONJHAR/02 of 2022-23
Letter No. 1386/CIVIL Date: 08.05.2023 (File No. 210)

| | | | |
|---|---|---|---|
| 1 | District Project Co-ordinator, Samagra Sikshya, Keonjhar on behalf of Governor of Odisha invites **Percentage Rate** bids in **Double Cover System** only in **"ONLINE"** mode for the work as detailed in the table from the class of eligible contractors registered with the State Governments having validity of Civil Licence and Contractors of equivalent Grades/Class Registered with Central Government/MES/ Railways and other State Government having validity of Civil Licence for executive of **Construction of (09 Nos. of) KGBV Hostel Building Works. Including Electrical and PH Work.** | | |
| 2 | Nature of Work | : | Construction of (09 Nos. of) KGBV Hostel Buildings with Electrical and PH |
| 3 | No. of Work | : | 09 (Nine) |
| 4 | Tender Paper Cost (Non refundable) | : | 10,000/- |
| 5 | Class of Contractor | : | "B" and "A" Class Contractor |
| 6 | Availability of Bid document in the website | : | From 10.00 A.M. of Date: 11.05.2023 to 05.00 P.M. of Date: 29.05.2023 |
| 7 | Date of Opening of Online Bid | : | 11.00 A.M. on Date: 30.05.2023 |
| 8 | The bidders have to participate online bidding only. Further the details can be seen from the website **(https://tendersodisha.gov.in) (www.kendujhar.nic.in / www.http://osepa.odisha.gov.in)**. Any addendum/corrigendum/cancellation/ of tender can also be seen in the website said only. | | |

Sd./- District Project Co-ordinator
Samagra Sikshya, Keonjhar
OIPR-27063/11/0002/2324

**PANCHAYAT SAMITI OFFICE LAHUNIPARA, SUNDARGARH**
Letter No:-950, Dated:-08.05.2023
**TENDER CALL NOTICE No-01/2023-24**
**No.i-115:**Sealed Tenders are invited from the interested bidder for the civil work under BDO, Lahunipara of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website www.sundergarh.nic.in. The bidder should be C or B class contractor. They have to submit the bid document to the undersign in the address of office of the B.D.O., Lahunipara, At/P.O. Lahunipara, Pin-770040, Dist- Sundargarh (Odisha) through Registered Post / Speed Post only on or before 24.05.2023 (upto 01.00 P.M.). The sale of tender paper will be from dated 09/05/2023 to 22/05/2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 26.05.2023 at 10.00 A.M in the office of the undersigned in the presence of the bidders or his/her representatives.
Sd./- Block Development Officer
Lahunipara
OIPR-19346/11/0001/2324

**OFFICE OF THE EXECUTIVE ENGINEER (AGRIL.), KANDHAMAL DIVISION, PHULBANI**
Email Id: eeagrilkandhamal@gmail.com
**Govt. of Odisha "e" Procurement Notice**
Bid Identification No.: E.E (A)- KANDHAMAL Division -01/2023-24
**No.L-26:**The Executive Engineer (Agril.), Kandhamal Division,Phulbani, Odisha on behalf of Governor of Odisha invites **Percentage** Rate bids in **Single cover** system for the works in **ONLINE MODE** only
1. Estimated cost: Ranging from Rs. 18,08,860/- to Rs. 20,83,690/-(Excluding GST)
2. Bid Cost: **Rs.6000/Mentioned in Column - 04**
3. Period of completion: **Mentioned against each work. (Column - 06)**
4. No. of works (Tender) :**3 nos**
5. Class of Contractor: **C & D Mentioned in Column - 05**
6. Date & Time of availability of bid document in the portal:**Dt.15.05.2023 at 10.30 AM upto 5.30 PM of Dt.26.05.2023**
7. Last date /Time for receipt of bids in the portal: **26.05.2023 upto 5.30 PM**
8. Date of submission of original documents **(Regd post only): Dt.16.05.2023 at 8.00 AM to Dt.30.05.2023 upto 1.00 PM.** (working days only)
9. Date & time of opening of online bids :**31.05.2023 at 10.00 AM.** onwards
10. Name and address of the officer inviting bid : **The Executive Engineer (Agril.), Kandhamal Division,Phulbani, Odisha**

Further details can be seen from the e-procurement portal
**http://tendersodisha.gov.in**
A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum / corrigendum / cancellation of tender can also be seen in the said website.
Sd./- Executive Engineer (Agril)
Kandhamal Division, Phulbani
OIPR-01468/11/0001/2324

## ହତ୍ୟା ଘଟଣାରେ ୬ ଗିରଫ

**ବୈଶିଙ୍ଗା,(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା କଳମା ପଞ୍ଚାୟତ ଅଧୀନ ନିରିଖା ଗ୍ରାମର ନିବାରଣ ଜେନାଙ୍କ ହତ୍ୟା ଘଟଣାରେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଛି। ମୃତକଙ୍କ ସ୍ତ୍ରୀ କନକଲତାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୧୮୬/୨୩) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ରମେଶ ଚନ୍ଦ୍ର ସିଂ, ରବୀନ୍ଦ୍ର ସିଂ, ଫଦାନ ମାଝୀ, ସୀତାରାମ ମାଝୀ, ଡମ୍ବରୁଧର ମହାନ୍ତ ଓ ଗୁରୁଭା ସିଂ। ଗ୍ରାମ୍ୟ ଜଙ୍ଗଲରୁ ଗଛ କଟାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଘଟାଇ ଥିବା ନେଇ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ ଦିନରେ ୧୨ ଘର ଭାଙ୍ଗିଲାଣି

## ଗୋଠଛଡ଼ା ଦନ୍ତାର ଉତ୍ପାତ

**ପାଟଣା,୧୦।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ସୋମବାର ବିଳମ୍ବିତ ରାତିରୁ ପଶି ଆସିଥିବା ଏକ ଗୋଠଛଡ଼ା ଦନ୍ତା ଉତ୍ପାତ କରୁଛି। ୨ ଦିନ ମଧ୍ୟରେ ୧୨ ଘର ଭାଙ୍ଗିସାରିଥିବା ବେଳେ ବ୍ୟାପକ ଧାନ ଚାଉଳ ନଷ୍ଟ କରିଛି। ଗାଁ ଦାଣ୍ଡରେ ବୁଲୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ହାତୀ ଘଉଡ଼ଇବାରେ ବନ ବିଭାଗ କର୍ମଚାରୀ ନିୟୋଜିତ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଘଟଗାଁ ରେଞ୍ଜରୁ ଉକ୍ତ ଗୋଠଛଡ଼ା ଦନ୍ତା ପାଟଣା ରେଞ୍ଜକୁ ପଶି ଆସିଛି। ସୋମବାର ରାତିରେ ୪ ଜଣଙ୍କ ଘର ଭାଙ୍ଗିଥିବା ବେଳେ ମଙ୍ଗଳବାର ରାତିରେ ପୁଣି ୮ ଜଣଙ୍କ ଘର ଭାଙ୍ଗିଦେଇଛି। ମଙ୍ଗଳବାର ରାତିରେ ଦନ୍ତାଟି ପାଟଣା ବିଟ୍ ମାଧପୁର ଗ୍ରାମର ବିଧବା ମହିଳା ସୁଆଗ ନାଏକଙ୍କ ଆଜବେଷ୍ଟସ, ଦାଶରଥି ମୁଣ୍ଡାଙ୍କ ଖପରଘର ଭାଙ୍ଗିବା ପରେ ଉଦୟପୁର ବିଟ୍ ସିଲିପଦା ଗାଁର ଗୁଣନିଧି ମହାନ୍ତ, ମାଳତୀ ମହାନ୍ତ, ବେଗେନା ଗ୍ରାମର ଆର୍ତ୍ତତ୍ରାଣ ସେଠୀ, ବଲାଣିପଶିର ଦମୟନ୍ତୀ ମହାନ୍ତ ଓ ଖୁଣ୍ଟାପଡ଼ା ଗାଁର ଗହ୍ନା ମୁଣ୍ଡାଙ୍କ ଘର ଭାଙ୍ଗି ବ୍ୟାପକ ଧାନ, ଚାଉଳ ନଷ୍ଟ କରିଦେଇଛି। ହାତୀଟି ବୈତରଣୀ ଓ ଦେଓ ନଦୀ ପାରହୋଇ ମୟୂରଭଞ୍ଜ ଜିଲା କରଞ୍ଜିଆ ରେଞ୍ଜକୁ ପ୍ରବେଶ କରିଛି। ବର୍ତ୍ତମାନ ବଡ଼ଦେଉଳି ସଂରକ୍ଷିତ ଜଙ୍ଗଲରେ ଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି।

# ଗୁଳି ଫୁଟାଇ ଜେଲ ଗଲେ ଯୁବକ

**ଭଦ୍ରକ ଅଫିସ, ୧୦।୫**

ଭଦ୍ରକ ଜିଲା ପୁରୁଣାବଜାର ଥାନା ଅଧୀନ ମୀରାମହଲା କାରୁଆସାହିରେ ମଙ୍ଗଳବାର ସନ୍ଧ୍ୟାରେ ଫାଙ୍କା ଗୁଳି ଚାଳନା କରିଥିବା ଯୁବକଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସେ ହେଲେ ବାସୁଦେବପୁର ବ୍ଲକ ସବରପୁରର ଶେଖ୍ ରିଆରୁଦ୍ଦିନ। ତାଙ୍କୁ କୋର୍ଟ ଚାଲାଣ ପରେ ଭଦ୍ରକ ସବ୍‌ଜେଲକୁ ପଠାଯାଇଛି। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୫ ଜୀବନ୍ତ ଗୁଳି, ୬ହଜାର ୬୦ ଟଙ୍କା ଓ ଏକ ବାଇକ୍ ଜବତ କରାଯାଇଛି। ବିନା କାରଣରେ ଗାଁ ମଝିରେ ଗୁଳି ଫୁଟାଇଥିବା ନେଇ ପୁରୁଣାବଜାର ଥାନାରେ ମାମଲା (ନଂ.୧୪୫/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଶେଖ୍ ରିଆରୁଦ୍ଦିନ ବାଇକ୍‌ରେ ଦ୍ରୁତଗତିରେ ଆସି କାରୁଆସାହି ମଝିରେ ଅଟକିଥିଲେ। ଏକ ଦେଶୀ ବନ୍ଧୁକରୁ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଫୁଟାଇଥିଲେ। ଗୁଳି ଶବ୍ଦ ଶୁଣି ସାହି ଲୋକେ ଭୟଭୀତ ହୋଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶେଖ୍ ରିଆରୁଦ୍ଦିନଙ୍କୁ କାବୁ କରି ଥାନାକୁ ନେଇଥିଲା।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact 0674-2580385, 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଅଳିଆଗଦା

**ଭୋଗରାଇ, ୧୦।୫(ଡି.ଏନ. ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ବଜାରରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ତଳେ ମଦ ବୋତଲ ଓ ପ୍ଲାଷ୍ଟିକ ଜରି ଗଦା ହୋଇରହିଛି। ଏହା ଓଡ଼ିଆ ଜାତି ପ୍ରତି ଅସମ୍ମାନ ଓ କୁଠାରଘାତ ସଦୃଶ ବୋଲି ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଜଳେଶ୍ୱର-ଚନ୍ଦନେଶ୍ୱର ଏବଂ ବର୍ଡ଼ର ଚନ୍ଦନେଶ୍ୱର ରାସ୍ତାକୁ ସଂଯୋଗ କରୁଥିବା ମଧ୍ୟସ୍ଥଳୀରେ ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇ ବିଧାୟକଙ୍କ ପ୍ରଚେଷ୍ଟାରେ ଚନ୍ଦନେଶ୍ୱରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସହ ଓଡିଶା ପଶ୍ଚିମବଙ୍ଗ ସୀମାନ୍ତ ସହାବାଜିପୁରରେ ଉତ୍କଳଗୌରବ ମଧୁସୂଦନ ଦାସ, ଭୋଗରାଇର କେନ୍ଦ୍ରସ୍ଥଳୀ ଥାନାଛକଠାରେ ବ୍ୟାସକବି


ଚନ୍ଦନେଶ୍ୱରଠାରେ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ତଳେ ଅଳିଆ ଜମା ହୋଇରହିଛି।

ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ସହ ଭୋଗରାଇର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ

### ଜମା ହୋଇଛି ମଦ ବୋତଲ, ପ୍ଲାଷ୍ଟିକ ଜରି

ହୋଇଥିବାରୁ ଓଡ଼ିଆ ଜାତି ପ୍ରତି ସ୍ୱାଭିମାନ ଓ ଗୌରବ ବହନ କରୁଛି। ଏସବୁ ଦୃଶ୍ୟ ପ୍ରଶାସନ କିମ୍ବା ଜନ ପ୍ରତିନିଧିଙ୍କ ଦୃଷ୍ଟିଗୋଚର ହୋଇଥିଲେ ମଧ୍ୟ ପ୍ରବାଦ ପୁରୁଷଙ୍କଠାରେ ଅଳିଆ ଆବର୍ଜନା ସଫା ନ ହେବା ଦେଖି କି ନୀରବ ରହିବା କିମ୍ବା ଟ୍ରଷ୍ଟବୋର୍ଡ଼ର ଅବହେଳାର କାରଣ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ପାଖକୁ ଦୈନିକ ପଶ୍ଚିମବଙ୍ଗ ଓ ଝାଡଖଣ୍ଡରୁ ହଜାର ହଜାର ଶ୍ରଦ୍ଧାଳୁ ଜୀଉଙ୍କ ଦର୍ଶନ ଓ ଆରାଧନା ନିମନ୍ତେ ଆଗମନ ହେଉଥିବାରୁ ମହାପୁରୁଷ ପ୍ରତିମୂର୍ତ୍ତି ତଳେ ଏଭଳି ଦୃଶ୍ୟ ଦେଖି ବିସ୍ମୟ ପ୍ରକାଶ କରୁଛନ୍ତି।

# 'ଦକ୍ଷତା ବଢ଼ିଲେ ପଛରେ ଚାକିରି ଗୋଡ଼ାଇବ'

**ବାରିପଦା ଅଫିସ,୧୦।୫**

ବାରିପଦାର ତକତପୁରସ୍ଥିତ ବୈଷୟିକ ତାଲିମ ଅନୁଷ୍ଠାନ(ଟିଟିଆଇ)ରେ ଅତ୍ୟାଧୁନିକ ୱେଲଡିଂ ଉତ୍କର୍ଷ କେନ୍ଦ୍ର ଓ ମିନି ଟୁଲ୍ ରୁମ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା କୌଶଳ ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଯୋଗଦେଇ ଦକ୍ଷତା ବଢ଼ିଲେ ପଛରେ ଚାକିରି ଗୋଡ଼ାଇବ ବୋଲି କହିଥିଲେ। ଓମ୍ୟାଡିସି ଯୋଜନାରେ ୨୨.୬କୋଟି ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର କରି ଛାତ୍ରୀଛାତ୍ରଙ୍କ କୌଶଳ ଓ ଦକ୍ଷତା ବୃଦ୍ଧି ସମ୍ଭବ ହୋଇପାରିବ ବୋଲି କହିଥିଲେ। ପ୍ରତିଟି ଛାତ୍ରୀଛାତ୍ର ନିଜର ଦକ୍ଷତା ବୃଦ୍ଧି କରି ଜଣେ ଜଣେ ଶିଳ୍ପପତି ଭାବେ ପରିଚୟ ସୃଷ୍ଟି କରିବା ସହିତ ଅନ୍ୟକୁ ଚାକିରି ଯୋଗାଇ ପାରିବେ ବୋଲି ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟରେ ମୟୂରଭଞ୍ଜ ଜିଲାକୁ ଓମ୍ୟାଡିସି ଯୋଜନାରେ ସର୍ବାଧିକ ଅନୁଦାନ


ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଓ ଅନ୍ୟମାନେ।

ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ପ୍ରୟାସକୁ ମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପ୍ରାକ୍ତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ପ୍ରାକ୍ତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ନିର୍ଦ୍ଦେଶକ ରଘୁ ଜୀ ଏବଂ ଓମ୍ୟାଡିସିର ଜେନେରାଲ ମ୍ୟାନେଜର ଜୟନ୍ତ କୁମାର ଦାସ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପାଢୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାଜ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ଛାତ୍ରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ହାଟଡ଼ିହୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

**କୋଡ଼ପଡ଼ା,୧୦।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ହାଟଡ଼ିହୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି ହୋଇଛି। ଏ ନେଇ ସମାଜିକକର୍ମୀ ଝାମ୍ପିରାଣୀ ଦାସଙ୍କ ନେତୃତ୍ୱରେ ମହିଳାମାନେ ଆନନ୍ଦପୁର ବ୍ଲକ୍‌ରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଏଡ଼ିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ହାଟଡ଼ିହୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ବେଳେ ଏଠାରେ ସ୍ଥାୟୀ ଡାକ୍ତର ନାହାନ୍ତି। ଫଳରେ ପ୍ରତ୍ୟେକ ଗରିବ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ଆସି ହଇରାଣ ହେବାସହ ଖର୍ଚ୍ଚାନ୍ତ ହୋଇ ଭଦ୍ରକ ଓ ଆନନ୍ଦପୁର ଚିକିତ୍ସାକେନ୍ଦ୍ରକୁ ଯାଉଛନ୍ତି। ଡାକ୍ତର ନିଯୁକ୍ତି ନେଇ ସର୍ବଜିତା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ସାମାଜିକକର୍ମୀ ଝାମ୍ପିରାଣୀ ଦାସ ଜିଲା ପ୍ରଶାସନକୁ



ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

ବାରମ୍ବାର ଅବଗତ କରିଥିଲେ ମଧ୍ୟ ଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ସୋମବାର ଦିନ ସାମାଜିକକର୍ମୀ ଝାମ୍ପିରାଣୀଙ୍କ ନେତୃତ୍ୱରେ ମହିଳାମାନେ ଡାକ୍ତର ନିଯୁକ୍ତି ନେଇ ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ଏଡିଏମ ସୁଷମା ବିଲୁଙ୍ଗ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ପ୍ରଶାନ୍ତ


@ସନ୍ତୋଷ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# ୫-ଟିରେ ସାମିଲ ହେଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର


ଶିଳାନ୍ୟାସ ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

**ବାସୁଦେବପୁର,୧୦।୫(ଡି.ଏନ.ଏ.)**

## ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏହାର ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ବୁଧବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶିଳାନ୍ୟାସ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଯୋଗ ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଯୁବନେତା ମାନସ ସାହୁ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ମହାନ୍ତି, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସଙ୍କ ସହ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥିଲେ। ଡାକ୍ତରଖାନା ପକ୍ଷରୁ ବିଧାୟକ ଓ ବ୍ଲକ ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଇଥିଲା। ଅଳ୍ପଦିନ ମଧ୍ୟରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ପୂର୍ଣ୍ଣ ବିକାଶ କରାଯିବ ବୋଲି ବିଧାୟକ ରାଉତରାୟ କହିଛନ୍ତି।


# Classified Everyday
0674-2580101, 2549949


REAL ESTATE

SALE

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft. 3,60,000/-, ଛତାବର 1200 sqft. 3,00,000/-, ନଖରା- 300/-. 6371569855. D-74849

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-0263

GENERAL

SALE

ଶାଢ଼ି ୧୫୦ ଖଣ୍ଡ ୮୦୦ରୁ ୨୦୦୦ଟଙ୍କା ମଧ୍ୟରେ ପ୍ରତ୍ୟେକ ୪୦୦ଟଙ୍କାରେ ଦିଆଯିବ। 9090057547. D-74704

Your classified advertisement published in Dharitri will be listed free in Dharitri online edition: **dharitriepaper.in**




Newly open health benefits SPA special offer @ 799 Jaydev Vihar. 8018429809. D-75105

Spa full body Massage best Therapist Gents & ladies @799/- Bhubaneswar. Kajal- 9337672475. D-0260

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

LOST

**MISSING DOCUMENT**
**Important Document Trust Deed Affiliation paper of Maharaja Polytechnic was missing in between Barabhuja Complex (Khandagiri) to Gamei, Gangapada while travelling by bike. If someone found above the document kindly request to contact: Prof. Gagan Kumar Sahoo, Principal, Maharaja Polytechnic, Contact No.: 9861464114.** D-0322

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତା ହରିପ୍ରିୟା ମହାନ୍ତି
QRS. No.- IVR-PF-19, Unit-6, Bhubaneswar
ଆବିର୍ଭାବ: ଅଗଷ୍ଟ, ୧୯୪୬
ତିରୋଧାନ: ୨୦।୦୫।୨୦୧୪
ଆଜିର ପୁଣ୍ୟ ତିଥିରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୦୩୨୦

ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି


୰ନକୁଳ ସାହୁ
ବ୍ଲକ୍ ଛକ, ସାକ୍ଷୀଗୋପାଳ
ଆବିର୍ଭାବ- ୧୯।୦୫।୧୯୫୮
ତିରୋଧାନ- ୦୧।୦୫।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରାମର୍ଶ ଅବିସ୍ମରଣୀୟ। ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ- ପତ୍ନୀ ଭାନୁମତୀ ସାହୁ, ଭ୍ରାତା- ସୁବଳ, ଭରତ, ପୁତ୍ର- ଦାଶରଥି, କୁନା, ନବିନା, ଚକ୍ରଧର, କନ୍ୟା- ଝିଲି, ମିଲି, ସିଲି, ରୁଲି, ପୁତ୍ରବଧୂ, ଜାମାତା, ନାତିନାତୁଣୀ, ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୬୭୬୫୬

ଶ୍ରଦ୍ଧାଞ୍ଜଳି


୰ ବିଦ୍ୟୁତ୍‌ଲତା ବହିଦାର
ସ୍ୱାମୀ: ୰ ଦୁର୍ଗା ପ୍ରସାଦ ବହିଦାର
ଝାଡୁଆପଡ଼ା, ସମ୍ବଲପୁର
୧୯୧୯ - ୨୦୧୪
ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୪୫୪୧

# କଷ୍ଟ୍ୟୁମ ପାଇଁ...

ଜାହ୍ନବୀ କପୁର ଏବେ ମାଲେସିଆ ଯାଇଛନ୍ତି। କାହିଁକି ଜାଣନ୍ତି ? ମାଇଣ୍ଡ ଫ୍ରେଶ୍ କରିବାକୁ। ହେଲେ ନିକଟରେ ସେ ସାଇନ୍ କରିଥିବା ଏକ ଅନଟାଇଟଲ୍‌ଡ ଫିଲ୍ମ ଲାଗି ତାଙ୍କର ଟେନ୍‌ସନ ବଢ଼ିଯାଇଛି। ଅସଲ କଥା ହେଲା, ଏଥିରେ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି। ହେଲେ ତା' ଲାଗି କଷ୍ଟ୍ୟୁମ ଚୟନ ସମୟରେ ଅଡୁଆରେ ପଡ଼ିଛନ୍ତି ଶ୍ରୀଦେବୀ ତନୟା। ଏ ବିଷୟରେ ସେ କହନ୍ତି, 'ଏହି ଫିଲ୍ମରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ସେ ନେଇ ମୋର ଆପତ୍ତି ନାହିଁ। କାରଣ ପୂର୍ବରୁ ଏକଥାକୁ ନେଇ ପ୍ରଯୋଜକଙ୍କ ସହ ବିଶଦ ଭାବରେ ଆଲୋଚନା କରିଛି। ହେଲେ ଏହାର କଷ୍ଟ୍ୟୁମ ନେଇ ମୋ ଟେନ୍‌ସନ ବଢ଼ିଯାଇଛି। ଏହାକୁ ଚେଞ୍ଜ କରିବାକୁ ମୁଁ ପ୍ରଯୋଜନା ସଂସ୍ଥାକୁ କହିଛି। ହେଲେ ଏ ନେଇ କିଛିଦିନ ଅଧିକ ସମୟ ଲାଗିବ ବୋଲି ପ୍ରଯୋଜକ କହିଛନ୍ତି। କାହାଣୀରେ ଲଭ, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ରହିଛି। କିନ୍ତୁ କାହାଣୀ ଅନୁସାରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। କଷ୍ଟ୍ୟୁମକୁ ନେଇ ଯେଉଁ ସମସ୍ୟା ରହିଛି ତାହା ସମାଧାନ ହୋଇଯିବ ବୋଲି ଆଶା ରଖିଛି।' ତେବେ ଏହି ଫିଲ୍ମରେ ଜାହ୍ନବୀଙ୍କ ବୋଲ୍ଡ ଅବତାର ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ଜାହ୍ନବୀ


ବାଣୀ

# ଭୁଲିବେ ନାହିଁ ବାଣୀ

ବାଣୀ କପୁର ଏବେ ଗୋଟିଏ ଜିନିଷ ବିଷୟରେ ଚାରିଆଡ଼େ କହି ବୁଲୁଛନ୍ତି। ତାହା ହେଲା ଗିଫ୍ଟ। ହେଲେ ଏହା ପଛରେ ଏମିତି କ'ଣ ଅଛି ଯେ, ତାହାକୁ ନେଇ ସେ ଏତେ ଉତ୍ସାହିତ ଅଛନ୍ତି ? କଥା କ'ଣ କି ନିକଟରେ ଶପିଂ କରିବା ସମୟରେ ବାଣୀ ଯାହା ଦେଖିଲେ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ମଲ୍ ଭିତରେ ସେ ତାଙ୍କର ସ୍କୁଲ ସମୟର ସାଥୀଙ୍କୁ ଦେଖିଥିଲେ। ବାସ୍, ତା'ପରେ ସେ ଆଉ ଶପିଂ କରିବେ କ'ଣ ଦୁହେଁ କଫି ପବ୍‌ରେ ଯାଇ ବସିଲେ। ଆଉ ସେଠାରେ ଢେଙ୍କାନାଳରୁ ଡିଙ୍କିଶାଳ ଯାଏ ଗପ ଆରମ୍ଭ ହୋଇଯାଇଥିଲା। ଏ ନେଇ ବାଣୀ କହନ୍ତି, 'ମୋର ଏହି ସାଙ୍ଗକୁ ଯେତେବେଳେ ଦେଖିଲି ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ସେ ଗତ କିଛିବର୍ଷ ହେବ ବିଦେଶରେ ରହୁଥିଲା। ହେଲେ ମୋତେ ନ ଜଣାଇ ସେ ମୁମ୍ବାଇ ଆସିଥିଲା। ସଂଯୋଗ ବଶତଃ ସେଠାରେ ଦୁହିଁଙ୍କର ଦେଖା ହୋଇଥିଲା। ଆଉ ତା'ପରେ ମୁଁ ଶପିଂ କରିବି କ'ଣ, ସିଧା କଫି ପବ୍‌କୁ ଯାଇଥିଲୁ। ଫେରିବା ସମୟରେ ସେ ମୋତେ ଏକ ଗିଫ୍ଟ ଦେଇଥିଲା। ଘରକୁ ଯାଇ ତାହାକୁ ଖୋଲିବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। କାରଣ ତାହା ଥିଲା ଏକ ଦାମୀ ଭ୍ୟାନିଟି। ଏଭଳି ଗିଫ୍ଟ ମୋ ପାଇଁ ସ୍ପେଶାଲ ହୋଇ ରହିବ।' ବାଣୀଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୩ରୁ। ଫିଲ୍ମଟି ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ତା'ପରେ ସେ 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ', 'ଚଣ୍ଡିଗଡ କରେ ଆସୀକ' ଏବଂ 'ସମସେରା' ଫିଲ୍ମରେ ଅଭିନୟ କରିସାରିଛନ୍ତି।

# ଯାହାକୁ ଡରୁଥିଲେ ମୃଣାଳ

ମୃଣାଳ ଠାକୁର ଯାହାକୁ ଡରୁଥିଲେ, ତାହା ଯେ ଦିନେ କରିବାକୁ ପଡିବ-ଏକଥା କେବେ ଭାବି ନ ଥିଲେ। ନିକଟରେ ସେ ଏକ ନୂଆ ପ୍ରୋଜେକ୍ଟ ସାଇନ୍ କରିଛନ୍ତି। ହେଲେ ଏଥିରେ ଏକ ଦୃଶ୍ୟରେ ତାଙ୍କୁ ଘୋଡା ଚଢ଼ିବାକୁ ପଡ଼ିବ। ତେଣୁ ଏହାକୁ ନେଇ ସେ ଚିନ୍ତାରେ ପଡିଛନ୍ତି। 'ସତ କଥା ହେଲା, ଘୋଡ଼ା ଚଢ଼ିବାକୁ ମୋତେ ଡର ଲାଗେ। ହେଲେ ଏହି ଫିଲ୍ମରେ ମୋତେ ୩-୪ଥର ଘୋଡ଼ା ଚଢ଼ିବାକୁ ପଡ଼ିବ। ତେଣୁ କିପରି ସେଭଳି ଶଟ୍ ଦେବି ସେନେଇ ଟେନ୍‌ସନରେ ଅଛି। ଚିନ୍ତା କରୁଛି, ପ୍ରଥମେ ଏ ନେଇ ମୋ ମନରେ ଥିବା ଭୟକୁ ଦୂର କରିବି। ତା'ପରେ ହର୍ଷ ରାଇଡିଂ ଶିଖିବି।' ମୃଣାଳଙ୍କୁ ପିଲାଦିନେ ତାଙ୍କର ସାଙ୍ଗମାନେ 'ଗୋଲି' ବୋଲି ଡାକୁଥିଲେ। ସେ ମାସ୍ ମିଡିଆରେ ଡିପ୍ଲୋମା ହାସଲ କରିଛନ୍ତି। ତାଙ୍କର ସବୁଠାରୁ ପ୍ରିୟ ଅଭିନେତା କିଏ ଜାଣନ୍ତି ? ସଲମାନ ଖାନ୍। ନନ୍-ଭେଜ୍ ଖାଦ୍ୟ ଖାଇବାକୁ ସେ ପସନ୍ଦ କରନ୍ତି। ବିଶେଷ ଭାବରେ ଚିଙ୍ଗୁଡିରେ ପ୍ରସ୍ତୁତ ଖାଦ୍ୟ ତାଙ୍କର ଭାରି ପ୍ରିୟ। ମୃଣାଳଙ୍କ ଅଭିନୀତ ପ୍ରଥମ ସିନେମା ଥିଲା। 'ସୁପର ୩୦'।


ମୃଣାଳ

## ପରଦାରେ

# ଫାଲ୍‌ଗୁନ ଚୈତ୍ର

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଫାଲ୍‌ଗୁନ ଚୈତ୍ର'। ଉକ୍ତ ଚିତ୍ରଟି ଚଳିତ ମାସ ୧୨ରେ ପରଦା ଉପରକୁ ଆସୁଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂହ ଓ ଶିଶିର କୁମାର ସାହୁ। ଶକ୍ତି ଜଗଦ୍ଦେବଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ସହକାରୀ ପ୍ରଯୋଜକ ଏବଂ ନିବେଦକ ଅଛନ୍ତି ଓଲିଉଡ୍‌ର ସିଙ୍ଗିଙ୍ଗ ଷ୍ଟାର ବାବୁସାନ୍ ମହାନ୍ତି। ଡ. ସୁଲଗ୍ନା ମହାନ୍ତିଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରଣବ ପ୍ରସନ୍ନ ରଥ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ରୁଦ୍ରକାନ୍ତ ସିଂହ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଷେକ-ଈଶାନ୍-କୌଶିକ୍। କେବଳ କାହାଣୀ କିମ୍ବା କଳାକାରଙ୍କ ଅଭିନୟ ନୁହେଁ, ଗୀତଗୁଡିକ ମଧ୍ୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ପ୍ରଯୋଜକ। ପାର୍ଥସାରଥି ରାୟ, ଅନନ୍ୟା ମିଶ୍ର ଓ ବିଏମ୍ ବୈଶାଳୀ, ସୁକାନ୍ତ ରଥ, ଚୌଧୁରୀ ଜୟପ୍ରକାଶ ଦାସ, ଭାସ୍ୱତୀ ବସୁ, ପ୍ରଣବ ପ୍ରସନ୍ନ, ମନୀଷା ମରି ଓ ଚନ୍ଦନ ବିଶ୍ୱାଳଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ପାର୍ଥସାରଥି ଜଣେ ଆର୍କିଟେକ୍ ଭୂମିକାରେ ଅଭିନୟ କରିଛନ୍ତି। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ରୂପେ ଭାରତ ସମେତ ଏକକାଳୀନ ୮ଟି ଦେଶ ଯଥା ଅଷ୍ଟ୍ରେଲିଆ, ଜର୍ମାନୀ, ମାଲେସିଆ, ଦୁବାଇ, ଇଂଲଣ୍ଡ, ଆମେରିକା ଓ କାନାଡାରେ ଏହା ମୁକ୍ତିଲାଭ କରିବ।


'ଫାଲ୍‌ଗୁନ ଚୈତ୍ର' ଫିଲ୍ମରେ ପାର୍ଥ

## ଅପେରା ହାଲଚାଲ

# ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦିଏ

ଅନ୍ୟତମ ଅଗ୍ରଣୀ ଯାତ୍ରାନୁଷ୍ଠାନ ଯାତ୍ରାଶ୍ରୀ ବିଶ୍ୱଦରବାରର ପ୍ରୋପ୍ରାଇଟର କିଶୋର ମିଶ୍ର। ୨୦୧୪ରେ ସେ ଆରମ୍ଭ କରିଥିଲେ ଏହି ଅପେରା ପାର୍ଟି। ଗତ ୯ବର୍ଷ ମଧ୍ୟରେ ଉକ୍ତ ପାର୍ଟି ଦର୍ଶକାଦୃତ ହେବା ସହ ଜଲିଉଡ୍‌କୁ ଭେଟି ଦେଇଛି ଅନେକ ସୁପରହିଟ୍ ନାଟକ। ଆସନ୍ତା ଯାତ୍ରା ସିଜନକୁ ନେଇ ନିଜ ପାର୍ଟିର ପ୍ରସ୍ତୁତି ବିଷୟରେ କିଶୋର କହନ୍ତି, '୨୦୧୪ରେ ମୁଁ ଯେଉଁ ଆଭିମୁଖ୍ୟ ନେଇ ବିଶ୍ୱଦରବାର ଗଢ଼ିଥିଲି, ତାହା ପୂରଣ ହୋଇଛି। କାରଣ ଆରମ୍ଭରୁ ଏ ପର୍ଯ୍ୟନ୍ତ ମୁଁ କିଭଳି ପେଣ୍ଡାଲରେ ଭଲ ନାଟକ ପରିବେଷଣ କରାଯିବ ସେ ନେଇ ଗୁରୁତ୍ୱ ଦିଏ। ବର୍ଷେ ପୂର୍ବରୁ ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀ ଚୟନ କରାଯାଇ ନାଟ୍ୟକାର ଏବଂ ନିର୍ଦ୍ଦେଶକଙ୍କ ସହ ମାରାଥନ ବୈଠକ ସହ ନାଟକ ଲେଖାଯାଏ। ଏହି ଧାରା ମୋର ଗତ ୯ ବର୍ଷ ହେଲା ଚାଲିଆସିଛି ଏବଂ ଆଗକୁ ଚାଲିଥିବ। ସେଥିପାଇଁ ମୋ ପାର୍ଟି ଦ୍ୱାରା ପରିବେଷିତ ପ୍ରତିଟି ନାଟକରେ ଥାଏ ସ୍ୱତନ୍ତ୍ରତା। ଏହି ପାର୍ଟି ପରିବେଷିତ 'ଅଙ୍ଗନବାଡି ଦିଦି', 'ସୋନାଗାଛି ଝିଅ ସୋନାଲି', 'ଗୁପ୍ତ ସମ୍ପର୍କ', 'ଆକାଶ କଇଁଆ ଚିଲିକା ମାଛ', 'ବେଶ୍ୟା ପାଳୁଛି ସାବିତ୍ରୀ ବ୍ରତ' ଏବଂ 'ମୃତ୍ୟୁ ପରର ମଣିଷ' ଆଦି ନାଟକ କେତେ ସଫଳ ହୋଇଛି ତାହା କହିବା ଅନାବଶ୍ୟକ। ଆଉ ସେଥିପାଇଁ ବିଶ୍ୱଦରବାର ଆଜି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆସନ୍ତା ଯାତ୍ରା ସିଜନରେ ଆହୁରି ଭଲ ନାଟକ ଉପରେ ଜୋର୍ ଦେବି।' ଆସନ୍ତା ଯାତ୍ରା ସିଜନ ପାଇଁ ଏହି ପାର୍ଟିରେ ଜଲିଉଡ୍‌ର ଅଲରାଉଣ୍ଡର ବାପି ପଣ୍ଡା, ଖଳନାୟକ ସଞ୍ଜୟ ଭୋଳ, ଆଶିଷ, ଗୌର-ସୁକାନ୍ତି (ପାଢ଼ୀ), ଭାରତୀ, ଝୁନା, ମାତନ, ହାସ୍ୟାଭିନେତା ବୁଦ୍ଧିଆ ନନା, ଗୁରୁ ପୃଷ୍ଟି, ପୁଷ୍ପା ପଣ୍ଡାଙ୍କୁ ଦେଖିବାକୁ ମିଳିବ।


କିଶୋର ମିଶ୍ର

## ଛୋଟ ପରଦା

# ମେଘାଙ୍କ ସ୍ୱପ୍ନ


ମେଘା

ଓଡ଼ିଆ ଝିଅ ମେଘା ରାୟ। ନିକଟରେ ତାଙ୍କର ଆଉ ଏକ ଆଶା ପୂରଣ ହୋଇଛି। ଭଦ୍ରକରେ ଜନ୍ମିତା ଏହି ଅଭିନେତ୍ରୀ ବର୍ତ୍ତମାନ ସୋନି ଟିଭିରେ ପ୍ରସାରିତ ହେଉଥିବା ଧାରାବାହିକ 'ସପନୋ କି ଛଲାଙ୍ଗ'ର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀ ଅନୁସାରେ ରାଧିକା ଯାଦବ ନାମ୍ନୀ ଜଣେ ଝିଅ ନିଜ ସ୍ୱପ୍ନକୁ ପୂରଣ କରିବାକୁ ମୁମ୍ବାଇ ଯାଇଛି। ଶେଷରେ ସେ ନିଜର ସ୍ୱପ୍ନ ହାସଲ କରିବାରେ ସକ୍ଷମ ହୋଇପାରୁଛି କି ? ଏହାର ଉତ୍ତର ରହିଛି ପ୍ରସାରିତ ହେଉଥିବା ଏହି ଧାରାବାହିକରେ। ଏ ନେଇ ମେଘା କହନ୍ତି, 'ଏହି ଧାରାବାହିକର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଚାହେଁ। ଧାରାବାହିକଟି ଆରମ୍ଭରୁ ସଫଳତା ସାଉଁଟୁଛି।' ଏହାପୂର୍ବରୁ ଦଙ୍ଗଲ ଟିଭିରେ ପ୍ରସାରିତ 'ରଙ୍ଗ ଯାଉଁ ତେରି ରଙ୍ଗ ମେଁ' ଏବଂ 'ଅପ୍‌ନା ଟାଇମ୍ ଆୟେଗା' (ରାନୀ)ରେ ଅଭିନୟ କରିସାରିଛନ୍ତି।


ବର୍ଷା

# ସୁଯୋଗ ଅପେକ୍ଷାରେ

"ଅଭିନୟ ଏକ ସହଜ କଥା ନୁହେଁ। ହେଲେ ଏଥିରେ ଯେଉଁ ମଜା ରହିଛି ତାହା ଅନୁଭବୀ ହିଁ ଜାଣେ। ପିଲାଟି ଦିନରୁ ମୋର ଏଥିପ୍ରତି ରୁଚି ଥିଲା। ଆଇନା ସାମନାରେ ଠିଆ ହୋଇ ମୁଁ ଆକ୍ଟିଂ କରୁଥିଲି। ଏବେ ଯଦି ମୋତେ ବଡ ପରଦାରେ ସୁଯୋଗ ମିଳେ ତେବେ ନିଜ ଅଭିନୟ ଦକ୍ଷତା ଦେଖାଇ ପାରିବି ବୋଲି କହନ୍ତି ବର୍ଷା ମହାନ୍ତି।" ବିଶେଷ ଭାବରେ ଟାରୋଟ କାର୍ଡ ରିଡର ଭାବରେ ସେ ବେଶ୍ ପ୍ରଶଂସିତ ହୋଇଛନ୍ତି। ଏ ନେଇ ସ୍ପେଶାଲ କୋର୍ସ କରିବା ପରେ ତାହାକୁ ଆଧାର କରି ଆଗେଇ ଚାଲିଛନ୍ତି। ନିଜ ବିଷୟରେ ବର୍ଷା କହନ୍ତି, 'ପାଠ ପଢ଼ା ପରେ ମୁଁ ଏ ବିଷୟରେ ଅଧ୍ୟୟନ କରିବାକୁ ସ୍ଥିର କରିଥିଲି। କେବଳ ଟାରୋଟ କାର୍ଡ ରିଡର ନୁହେଁ, କ୍ୟାଣ୍ଡେଲ ମ୍ୟାଜିକ୍ ହିଲିଙ୍ଗ ବିଷୟରେ ଅଭିଜ୍ଞତା ରହିଛି। ତେବେ ବର୍ତ୍ତମାନ ଅଭିନୟ ଉପରେ ଫୋକସ୍ କରିବାକୁ ଚାହୁଁଛି।'

# ଶୁଭ ବେଳକୁ ଅପେକ୍ଷା

ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଟି'କୁ ନିକଟରେ 'ୟୁ/ଏ' ସାର୍ଟିଫିକେଟ ମିଳିଛି। ଚଳଚ୍ଚିତ୍ର ମହୋତ୍ସବଗୁଡିକରେ ପ୍ରଶଂସା ସାଉଁଟିବା ପରେ ଖୁବ୍ ଶୀଘ୍ର ଏହି ଚିତ୍ରଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାନ୍ସଜେଣ୍ଡରଙ୍କ ଜୀବନୀକୁ ନେଇ ଏହି ଚଳଚ୍ଚିତ୍ରଟିକୁ ନିର୍ମାଣ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଜିତେଶ କୁମାର। ଫିଲ୍ମ ବିଷୟରେ ସେ କହନ୍ତି, 'ଏହି ଫିଲ୍ମଟି ଆମ ପାଇଁ ବହୁତ ମହତ୍ତ୍ୱ ରଖେ କାରଣ ଆମେ ଜଣେ କିନ୍ନରଙ୍କ ସଂଘର୍ଷମୟ ଜୀବନର କାହାଣୀ ଭିତରେ ତାଙ୍କ ବିବାହ ଓ ଦେଶର ପ୍ରଥମ ଟ୍ରାନ୍ସଜେଣ୍ଡର କ୍ୟାବ୍ ଡ୍ରାଇଭର ଭାବେ କାମ କରିବା ଏ ସବୁକୁ ପରଦାରେ ଜୀବନ୍ତ କରିବାକୁ ଚେଷ୍ଟା କରିଛୁ। ଆଶା କରୁ ଫିଲ୍ମଟିର ନିଶ୍ଚୟ ସମାଜ ଉପରେ ସକାରାତ୍ମକ ପ୍ରଭାବ ପଡିବ। କେବଳ ଏକ ଶୁଭ ବେଳାରେ ରିଲିଜ କରିବାକୁ ଯାଉଛୁ।' ଜିତେଶ କୁମାର ଫିଲ୍ମସ, ଆର ଆର ଆର ମୋସନ ପିକ୍ଚର୍ସ ତଥା ବିଘ୍ନହର୍ତ୍ତା ମୁଭିଜ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ମୋହିତ କୁମାର ପୁରୀ ଓ ହିମାଦ୍ରି ତନୟା ଦାସ। ଚିତ୍ରଟିର ବିଭିନ୍ନ ଭୂମିକାରେ ଦେବାଶିଷ ସାହୁ, ଉଷସୀ ମିଶ୍ର, ହର ରଥ, ରଣବୀର କାଲସି ଓ ପ୍ରସନ୍ନଜିତ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି।


ଉଷସୀ



ଏସିଆ କପ୍ ଜୁନିୟର ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

# ଓଡ଼ିଶାର ୪ ଖେଳାଳି ସାମିଲ



ମାଧୁରୀ କିଣ୍ଡୋ



ଜ୍ୟୋତି ଛତ୍ରୀ



ସୁନେଲିତା ଟପ୍ପୋ



ଅଞ୍ଜଳି ବାରଓ୍ୱା

**ନୂଆଦିଲ୍ଲୀ, ୧୦।୫**

ଆସନ୍ତା ଜୁନ୍ ୨ରୁ ଜାପାନର କାକାମିଗାହରାଠାରେ ଏସିଆ କପ୍ ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାରୁ ଗୋଲକିପର ମାଧୁରୀ

## ଏସିଆ କପ୍ ଜୁନିୟର ମହିଳା ହକି ପାଇଁ ଭାରତୀୟ ଦଳ ଘୋଷିତ

କିଣ୍ଡୋ, ଡିଫେଣ୍ଡର ଅଞ୍ଜଳି ବାରଓ୍ୱା, ମିଡ୍‌ଫିଲ୍ଡର ଜ୍ୟୋତି ଛତ୍ରୀ, ଫରଓ୍ୱାର୍ଡ ସୁନେଲିତା ଟପ୍ପୋ ସାମିଲ ହୋଇଛନ୍ତି। ପ୍ରୀତି ଭାରତୀୟ ଦଳର ଅଧିନାୟିକା ଓ ଦୀପିକା ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତ ପୁଲ୍ 'ଏ'ରେ କୋରିଆ, ମାଲେସିଆ, ଚାଇନିଜ୍ ତାଇପେ ଓ ଉଜବେକିସ୍ତାନ ବିପକ୍ଷରେ ଖେଳିବ। ପୁଲ୍ 'ବି'ରେ ଆୟୋଜକ ଜାପାନ, ଚାଇନା, କାଜାଖସ୍ତାନ, ହଂକଂ ଓ ଇଣ୍ଡୋନେସିଆ ସ୍ଥାନ ପାଇଛି। ଜୁନିୟର ଏସିଆ କପ୍ ଭାରତୀୟ ମହିଳା ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ପ୍ରତିଯୋଗିତାର ଶ୍ରେଷ୍ଠ ୩ ଦଳ ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ।

ଜୁନିୟର ଏସିଆ କପ୍ ପାଇଁ ୧୮ ଜଣିଆ ଦଳ ଚୟନ କରିବା ସହଜ ନ ଥିଲା। କାରଣ କୋର୍ ଗ୍ରୁପ୍‌ରେ ପ୍ରତି ଖେଳାଳି ଏକକୁ ଆରେକ। ତଥାପି ଆମେ ଏକ ଶକ୍ତିଶାଳୀ ଦଳ ଚୟନ କରିଛୁ ବୋଲି ଅନୁଭବ କରୁଛୁ। ଭାରତରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଏହି ଖେଳାଳିମାନେ ଏବେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଛନ୍ତି ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି। ଜୁନ୍ ୩ରେ ଉଜ୍‌ବେକିସ୍ତାନ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୫ରେ ମାଲେସିଆ, ୬ରେ କୋରିଆ ଓ ୭ରେ ଚାଇନିଜ୍ ତାଇପେକୁ ଭେଟିବ। ଜୁନ୍ ୧୦ରେ ସେମିଫାଇନାଲ ଓ ଫାଇନାଲ ୧୧ ତାରିଖରେ ଅନୁଷ୍ଠିତ ହେବ।

### ଭାରତୀୟ ଦଳ

**ଗୋଲକିପର୍ସ:** ମାଧୁରୀ କିଣ୍ଡୋ, ଅଦିତୀ ମାହେଶ୍ୱରୀ।
**ଡିଫେଣ୍ଡର୍ସ:** ମହିମା ଟେଟେ, ପ୍ରୀତି (ଅଧିନାୟିକା), ନୀଲମ, ରୋପନି କୁମାରୀ, ଅଞ୍ଜଳି ବାରଓ୍ୱା।
**ମିଡ୍‌ଫିଲ୍ଡର୍ସ:** ରୁତଜା ଦାଦାସୋ ପିସାଲ, ମଞ୍ଜୁ ଚୌରାସିଆ, ଜ୍ୟୋତି ଛତ୍ରୀ, ବୈଷ୍ଣବୀ ଭିଥାଲ ଫାଲ୍‌କେ, ସୁଜାତା କୁଜୁର, ମନଶ୍ରୀ ନରେନ୍ଦ୍ର ଶେଦାଗେ।
**ଫରଓ୍ୱାର୍ଡ୍ସ:** ମୁମ୍ତାଜ ଖାଁ, ଦୀପିକା (ଉପ-ଅଧିନାୟିକା), ଦୀପିକା ସୋରେଙ୍ଗ୍, ଅନୁ, ସୁନେଲିତା ଟପ୍ପୋ।

**ଦିନିକିଆ ବିଶ୍ୱକପ**

## ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ସମ୍ଭାବନା

**ନୂଆଦିଲ୍ଲୀ, ୧୦।୫:** ଆସନ୍ତା ଅକ୍ଟୋବର ୫ରୁ ନଭେମ୍ବର ୧୯ ମଧ୍ୟରେ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ଭାରତରେ ଅନୁଷ୍ଠିତ ହେବ। ଏଥିରେ ମୋଟ ୧୦ଟି ଦଳ ଭାଗନେବେ ଏବଂ ଟୁର୍ନାମେଣ୍ଟ ୪୮ ମ୍ୟାଚ ବିଶିଷ୍ଟ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆନୁଷ୍ଠାନିକ ଭାବେ କାର୍ଯ୍ୟସୂଚୀ ଘୋଷଣା କରାଯାଇ ନ ଥିଲେ ହେଁ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଅହମଦାବାଦଠାରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି। ଭାରତ ଏହାର ପ୍ରଥମ ମ୍ୟାଚ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବା ସହିତ ପାକିସ୍ତାନ ବିପକ୍ଷ ବ୍ଲକ୍‌ବଷ୍ଟର ଗେମ୍ ଅକ୍ଟୋବର ୧୫ରେ ଖେଳାଯିବା ସମ୍ଭାବନା ରହିଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପରେ ବିସିସିଆଇ ପକ୍ଷରୁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଓ ଭେନ୍ୟୁ ଘୋଷଣା କରାଯିବା ଆଶା କରାଯାଉଛି। ପ୍ରକାଶଯୋଗ୍ୟ ଯେ, ବିଶ୍ୱକପରେ ପାକିସ୍ତାନର ଅଂଶଗ୍ରହଣକୁ ନେଇ ସଂଶୟ ଜାରି ରହିଛି। ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶର ଅଂଶଗ୍ରହଣ ପୂର୍ବରୁ ସ୍ପଷ୍ଟ ହୋଇ ଯାଇଥିବାବେଳେ ବୁଧବାର ଏହି ତାଲିକାରେ ଦକ୍ଷିଣ ଆଫ୍ରିକା ଯୋଡ଼ି ହୋଇଛି। ଆସନ୍ତା ଜୁନ୍-ଜୁଲାଇରେ ଜିମ୍ବାଓ୍ୱେରେ ହେବାକୁଥିବା କ୍ୱାଲିଫାଇଂ ଟୁର୍ନାମେଣ୍ଟରୁ ଅବଶିଷ୍ଟ ୨ଟି ଦଳ ଯୋଗ୍ୟତା ଅର୍ଜନ କରିବେ। ଏଥିରେ ଦୁଇ ପୂର୍ବତନ ଚାମ୍ପିୟନ ଦଳ ଓ୍ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ଆୟୋଜକ ଜିମ୍ବାଓ୍ୱେ, ନେଦରଲାଣ୍ଡ୍ସ, ଆୟର୍ଲାଣ୍ଡ, ନେପାଳ, ଓମାନ, ସ୍କଟଲାଣ୍ଡ ଓ ୟୁଏଇ ସହିତ ମୁକାବିଲା କରିବେ।

# ସ୍ୱର୍ଣ୍ଣ ବିଜୟିନୀ ଶ୍ୱେତାରାଣୀଙ୍କୁ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର, ୧୦।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ରୁଷିଆରେ ଅନୁଷ୍ଠିତ ମସ୍କୋ ଉଷୁ ଷ୍ଟାର ଓ୍ୱାର୍ଲ୍ଡ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ଓଡ଼ିଆ ଝିଅ ଶ୍ୱେତାରାଣୀ ମହାନ୍ତ। ୩ରୁ ୮ ମେ ମଧ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ୪୮ କିଗ୍ରା ସାଣ୍ଡା ବର୍ଗରେ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଜାରବୈଜାନ୍, ଇଣ୍ଡୋନେସିଆ ଓ ରୁଷିଆର ପ୍ରତିଯୋଗୀଙ୍କୁ ପରାସ୍ତ କରିଥିବା ଶ୍ୱେତାରାଣୀ ବୁଧବାର ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଇଛି। ଭୁବନେଶ୍ୱର ବିମାନ ବନ୍ଦରରେ ଓଡ଼ିଶା ଉଷୁ ଆସୋସିଏଶନ ଓ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହା ଆମ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ବୋଲି ଉଷୁ ଆସୋସିଏଶନ କୋଷାଧ୍ୟକ୍ଷ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଥିଲେ। ସଭାପତି ଇଂ. ଏସ୍ ଏସ୍ ହରିଚନ୍ଦନ ମଧ୍ୟ ଶ୍ୱେତାରାଣ ଓ ତାଙ୍କ କୋଚ୍ ପଙ୍କଜ ମହାନ୍ତଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟରେ ଉଷୁ ପାଇଁ ଆବଶ୍ୟକୀୟ ସୁବିଧା ଓ ପ୍ରଶିକ୍ଷଣର ସୁଯୋଗ ନ ଥିଲେ ମଧ୍ୟ ଖେଳାଳି ମାନେ ଯେଉଁଭଳି ଭାବରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରୁଛନ୍ତି ତାହା ବେଶ୍ ପ୍ରଶଂସନୀୟ ବୋଲି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜମ୍ମୁ କଶ୍ମୀରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଜାତୀୟ ଲିଗ୍ ୨୦୨୩ରେ ସ୍ୱର୍ଣ୍ଣ ପଦକ ହାସଲ କରି ଶ୍ୱେତାରାଣୀ ଭାରତୀୟ ଦଳରେ ସାମିଲ ହୋଇଥିଲେ। ଭାରତୀୟ ଦଳର ଯାତାୟତ ଖର୍ଚ୍ଚ ସାଇ ବହନ କରିଥିଲା। ଭାରତୀୟ ଉଷୁ ଦଳ ଷ୍ଟାର ଓ୍ୱାର୍ଲ୍ଡ ଚାମ୍ପିୟନଶିପରେ ୧୭ ପଦକ ହାସଲ କରିଥିଲା। ଏହା ମଧ୍ୟରେ ୧୦ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଟୁଇଟ କରି ଉଷୁ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ସାଇ ପକ୍ଷରୁ ନୂଆଦିଲ୍ଲୀରେ ସମସ୍ତ କ୍ରୀଡାବିତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା।



ପୋଡିୟମ ଉପରେ ପୁରସ୍କାର ଗ୍ରହଣ ଅବସରରେ ଶ୍ୱେତାରାଣୀ ମହାନ୍ତ।



ଭୁବନେଶ୍ୱରରେ ବୁଧବାର ପହଞ୍ଚିବାପରେ ଶ୍ୱେତାରାଣୀ ମହାନ୍ତଙ୍କୁ ଭବ୍ୟ ସ୍ୱାଗତ କରାଯାଉଛି।

**ଗିରୋ ଡି' ଇଟାଲିଆ**

## ପେଣ୍ଟ୍ରେ ଜିତିଲେ ଚତୁର୍ଥ ଷ୍ଟେଜ୍

**ରୋମ୍, ୧୦।୫**

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ୍ ବିଜେତା ହୋଇଛନ୍ତି ଫ୍ରାନ୍ସର ଓରେଲେନ ପରେଟ-ପେଣ୍ଟ୍ରେ। ଚତୁର୍ଥ (ଇଣ୍ଟରମିଡିଏଟ୍) ଷ୍ଟେଜ୍ ଭେନୋସାଠାରୁ ଲାଗୋ



ଲାସେନୋ ପର୍ଯ୍ୟନ୍ତ ୧୭୨ କିଲୋମିଟର ବିଶିଷ୍ଟ ଥିଲା। ଏହାକୁ ଏଜି୨ଆର ସିଟ୍ରୋନ୍ ଟିମ୍‌ର ପେଣ୍ଟ୍ରେ ୪ ଘଣ୍ଟା ୧୬.୦୪ ସେକେଣ୍ଡ ସମୟରେ ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ୨ ସେକେଣ୍ଡ ଅଧିକ ସମୟ ନେଇ ଟିମ୍ ଡିଏସ୍‌ଏମ୍‌ର ନରଓ୍ୱେ ରାଇଡର ଆନ୍ଦ୍ରେସ ଲେକ୍‌ନେସୁଣ୍ଡ ଦ୍ୱିତୀୟ ଏବଂ ୫୭ ସେକେଣ୍ଡ ପଛରେ ରହି ଟ୍ରେକ୍-ସେଗାଫ୍ରେଡୋ ଟିମ୍‌ର ଲାଟିଭିଆ ରାଇଡର ଟମ୍ସ ସ୍କୁଜିନ୍ସ ତୃତୀୟ ସ୍ଥାନରେ ରହିଥିଲେ। ଅଟ୍ରିପଲ୍ଡାଠାରୁ ସାଲେର୍ନୋ ପର୍ଯ୍ୟନ୍ତ ୧୭୨ କିଲାମିଟର ବିଶିଷ୍ଟ ରେସ୍ ୫ମ ଷ୍ଟେଜ୍‌ରେ ଅନୁଷ୍ଠିତ ହେବ। ଏହିଠାରୁ ପ୍ରତିଯୋଗିତାର ହିଲି ଷ୍ଟେଜ୍ ଆରମ୍ଭ ହେବ।

# ଚେନ୍ନାଇର ସମ୍ମାନଜନକ ସ୍କୋର

**ଚେନ୍ନାଇ, ୧୦।୫**

ଚେନ୍ନାଇର ଏମ୍. ଏ. ଚିଦାମ୍ବରମ ଷ୍ଟାଡିୟମରେ ଖେଳା ଯାଇଥିବା ଆଇପିଏଲ୍‌ର ୫୫ ତମ ମ୍ୟାଚ୍‌ରେ ୧୬୭ ରନ୍‌ରେ ସୀମିତ ରହିଛି ଚେନ୍ନାଇ ସୁପର କିଙ୍ଗ୍ସ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମିଚେଲ୍ ମାର୍ଶ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ। ଚେନ୍ନାଇର ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିବା ବେଳେ ୨୫ ରନ୍ ସହିତ ଶିବମ ଦୁବେ ଟପ୍ ସ୍କୋରର ରହିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୬୭ ରନ୍‌ର ସମ୍ମାନଜନକ ସ୍କୋର କରିଛି। ଦୁଇ ଓପନର ଋତୁରାଜ ଗାଏକ୍ୱାଡ (୨୪ ରନ୍) ଓ ଡେଭନ କନଓ୍ୱେ(୧୦ ରନ୍) ପ୍ରଥମ ଉଇକେଟରେ ୩୨ ରନ୍ ଯୋଡିଥିଲେ। ଅଜିଙ୍କ୍ୟ ରାହାନେ ୨୧ ରନ୍ କରି ଦଳୀୟ ସ୍କୋର ୭୭ରେ ପହଞ୍ଚାଇ ଥିଲେ। ମୋଇନ୍ ଅଲୀ (୭)ଙ୍କୁ ବାଦ ଦେଲେ ଦଳର ଅନ୍ୟ ସମସ୍ତ ମିଡିଲ ଅର୍ଡର ବ୍ୟାଟର ଦୁଇ ଅଙ୍କ ସ୍କୋରରେ ପହଞ୍ଚିଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ରୂପାନ୍ତର କରିପାରି ନ ଥିଲେ। ୭୭ ରନ୍‌ରେ ଦଳ ୪ ଉଇକେଟ ହରାଇଥିଲା। ପରେ ଶିବମ ଦୁବେ ୨୫ ରନ୍‌ର ଇନିଂସ ଖେଳି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଦଳୀୟ ସ୍କୋର ୧୧୩ରେ ଦୁବେ ଓ ୨୩ ରନ୍ କରିଥିବା ଅମ୍ବାତି ରାୟୁଡୁ ଦଳୀୟ ସ୍କୋର ୧୨୬ରେ ଆଉଟ ହେବା ପରେ ଦଳ ସଙ୍କଟରେ ପଡିଥିଲା। ତେବେ ରବୀନ୍ଦ୍ର ଜାଡେଜା ଓ ମହେନ୍ଦ୍ର ସିଂ ଧୋନୀ ୧୮ ବଲରେ ୩୮ ରନ୍ ଯୋଡି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଥିଲେ। ଧୋନୀ ୯ ବଲ୍ ଖେଳି ୧ ଚୌକା ଓ ୨ ଛକା ସହିତ ୨୦ ରନ୍ ସ୍କୋର କରିଥିବା ବେଳେ ରବୀନ୍ଦ୍ର ଜାଡେଜା ୧୬ ବଲ୍‌ରୁ ଗୋଟିଏ ଲେଖାଏ ଛକା ଓ ଚୌକା ସହିତ ୨୧ ରନ୍ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମିଚେଲ ମାର୍ଶ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅକ୍ଷର ପଟେଲ ୨ ଉଇକେଟ ନେଇଥିବା ବେଳେ ଲଳିତ ଯାଦବ, ଖଲିଲ ଅହମଦ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶେଷ ଓଭର ବୋଲିଂ କରିଥିବା ମିଚେଲ ମାର୍ଶ ଦୁଇ ଉଇକେଟ ନେବାରୁ ଚେନ୍ନାଇ ମାତ୍ର ୭ ରନ୍ କରି ପାରିଥିଲା।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୬୭/୮( ଶିବମ ଦୁବେ-୨୫, ଋତୁରାଜ ଗାଏକ୍ୱାଡ-୨୪, ଅମ୍ବାତି ରାୟୁଡୁ-୨୩, ମିଚେଲ୍ ମାର୍ଶ-୩/୧୮, ଅକ୍ଷର ପଟେଲ-୨/୨୭, କୁଲଦୀପ ଯାଦବ-୧/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
କୋଲକାତା ବନାମ ରାଜସ୍ଥାନ
ସ୍ଥାନ:କୋଲକାତା, ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଉଇକେଟ ନେବାପରେ ମିଚେଲ ମାର୍ଶ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୧୬ | +୦.୯୫୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୪ | ୧୩ | +୦.୪୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୬ | ୫ | ୧୨ | -୦.୨୫୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୫ | ୧୧ | +୦.୨୯୪ |
| ରାଜସ୍ଥାନ ରୟାଲ୍ସ | ୧୧ | ୫ | ୬ | ୧୦ | +୦.୩୮୮ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୬ | ୧୦ | -୦.୦୭୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୫ | ୬ | ୧୦ | -୦.୩୪୫ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୪୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୪ | ୬ | ୮ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୪ | ୬ | ୮ | -୦.୫୨୯ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

## ରାହୁଲଙ୍କ ଅସ୍ତ୍ରୋପଚାର ସଫଳ

**ନୂଆଦିଲ୍ଲୀ, ୧୦।୫(ପି.ଟି.):** ଭାରତୀୟ ଖେଳାଳି ଲୋକେଶ ରାହୁଲଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ଫିଲ୍ଡିଂ କରୁଥିବା ସମୟରେ ରାହୁଲଙ୍କ ଜଙ୍ଘରେ ଆଘାତ ଲାଗିଥିଲା। ଲକ୍ଷ୍ନୌ ଫ୍ରାଞ୍ଚାଇଜିର ଅଧିନାୟକ ରହିଥିବା ୩୧ ବର୍ଷୀୟ ରାହୁଲ ଅବଶିଷ୍ଟ ଆଇପିଏଲରୁ ବାଦ୍ ପଡିଥିବା ବେଳେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରୁ ମଧ୍ୟ ବାଦ୍ ପଡିଥିଲେ। ବୁଧବାର ରାହୁଲଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା ନେଇ ସେ ନିଜ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଅସ୍ତ୍ରୋପଚାର କରିଥିବା ସମସ୍ତ ଡାକ୍ତରଙ୍କୁ ଧନ୍ୟବାଦ। ବର୍ତ୍ତମାନ ମୁଁ ସୁସ୍ଥ ରହିଛି ଏବଂ ରିହାବ ଆରମ୍ଭ ହେବ ବୋଲି ସେ ଲେଖିଛନ୍ତି। ଏହା ସହିତ ଖୁବ୍ ଶୀଘ୍ର ସେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଦୃଢୋକ୍ତି ମଧ୍ୟ ପ୍ରକାଶ କରିଛନ୍ତି।

## ବ୍ରିଜ୍‌ଭୂଷଣଙ୍କ ଲାଏ ଡିଟେକ୍‌ଶନ ଓ ନାର୍କୋ ଟେଷ୍ଟ ଦାବି

**ନୂଆଦିଲ୍ଲୀ, ୧୦।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲୁଏଫ୍ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି ଦେଶର ଟପ୍ ରେସ୍‌ଲର। ୧୫ ଦିନରୁ ଅଧିକ ଦିନ ଧରି ଧାରଣାରେ ବସିଥିବା ଖେଳାଳିମାନେ ବୁଧବାର ବ୍ରିଜ୍‌ଭୂଷଣଙ୍କ ଲାଏ ଡିଟେକ୍‌ଶନ ଓ ନାର୍କୋ ଟେଷ୍ଟ କରିବା ପାଇଁ ଦାବି କରିଛନ୍ତି। ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ ଟେଷ୍ଟ କରିବା ପାଇଁ ଖେଳାଳିମାନେ ଦାବି କରିଛନ୍ତି। ଅଲିମ୍ପିକ୍ ପଦକ ବିଜେତା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଭିନେଶ ଫୋଗଟ ଧାରଣାରେ ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୭ ଜଣ ମହିଳା ଖେଳାଳି ଯୌନ ଶୋଷଣର ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ମଧ୍ୟ ରହିଛନ୍ତି। କିଛି ଲୋକ ବ୍ରିଜ୍‌ଭୂଷଣଙ୍କୁ ସମର୍ଥନ କରୁଛନ୍ତି ଏବଂ ଖେଳାଳିମାନେ ମିଛ କହୁଛନ୍ତି ବୋଲି ମଧ୍ୟ କହୁଛନ୍ତି। ତେଣୁ ଡବ୍ଲୁଏଫ୍ଆଇ ସଭାପତି ଓ ଖେଳାଳିମାନଙ୍କର ଲାଏ ଡିଟେକ୍‌ଶନ ଟେଷ୍ଟ ଓ ନାର୍କୋ ଟେଷ୍ଟ କରାଯାଉ। ଯିଏ ବି ମିଛ କହୁଥିବ ତାଙ୍କୁ ଫାଶୀ ଦିଆଯାଉ ବୋଲି ସାକ୍ଷୀ ମଲିକ କହିଛନ୍ତି। ଏହା ସହିତ ଯେଉଁଭଳି ଭାବେ ୨୦୧୨ ନିର୍ଭୟା ମାମଲାରେ ଦେଶର ମହିଳାମାନେ ଆଗକୁ ଆସିଥିଲେ ସମାନ ଭାବରେ ରେସ୍‌ଲରମାନଙ୍କୁ ସମର୍ଥନ ମିଳିବା ଉଚିତ ବୋଲି ସେ କହିଛନ୍ତି। ଯଦି ଏହି ଲଢେଇରେ ଆମର ବିଜୟ ହେଉଛି ଏହା ସମାଜକୁ ଏକ ଭଲ ବାର୍ତ୍ତା ପ୍ରଦାନ କରିବ। ଯଦି ବ୍ରିଜ୍‌ଭୂଷଣ ବିଜୟୀ ହେଉଛନ୍ତି ତେବେ ଦେଶରେ କୁସ୍ତି ୫୦ ବର୍ଷ ପଛକୁ ଚାଲିଯିବ ବୋଲି ସେ କହିଛନ୍ତି। ଏହି ଘଟଣାକୁ ପ୍ରତିବାଦ କରିବା ପାଇଁ ରେସ୍‌ଲରମାନେ ଗୁରୁବାର କଳା ବ୍ୟାଣ୍ଡ ପିନ୍ଧିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୮ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗଟ ଏହି ଆହ୍ୱାନ ଦେଇଛନ୍ତି। ଏହା ସହିତ ଧାରଣାରେ ବସିଥିବା ଖେଳାଳିମାନେ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଅଲିମ୍ପିକ୍ସ ଆଡ୍‌ହକ କମିଟି ଦ୍ୱାରା ଏହା ଆୟୋଜିତ ହେବା ସ୍ୱାଗତଯୋଗ୍ୟ। ତେବେ ବ୍ରିଜ୍‌ଭୂଷଣଙ୍କ ସମ୍ପୃକ୍ତିକୁ କଡା ବିରୋଧ କରାଯିବ ବୋଲି କହିଛନ୍ତି ବଜରଙ୍ଗ ପୁନିଆ। ଆଗାମୀ ଦିନରେ ଏସିଆନ୍ ଚାମ୍ପିୟନଶିପ୍ ଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ ହେବ। ତେଣୁ ଆଡ୍‌ହକ କମିଟି ଏହି ଆୟୋଜନ ଭାର

**ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଦାବି କଲେ ରେସ୍‌ଲର**

ନିଜ କାନ୍ଧକୁ ନେବା ଉଚିତ ବୋଲି ସେ କହିଛନ୍ତି। ଆଇଟି ସେଲ୍ ପକ୍ଷରୁ ଖେଳାଳିମାନଙ୍କୁ ବଦନାମ କରାଯିବାକୁ ପ୍ରୟାସ କରାଯାଉଛି ବୋଲି ପୁନିଆ କହିଥିଲେ। ବେଳେ ବେଳେ ଏହାକୁ ଜାତିଗତ ଓ ରାଜନୈତିକ ରଙ୍ଗ ଦେବାକୁ ଚେଷ୍ଟା କରାଯାଉଛି । ତେବେ ସତ୍ୟକୁ ବାହାରକୁ ଆସିବାକୁ କେହି ରୋକି ପାରିବେ ନାହିଁ ବୋଲି ସେ କହିଛନ୍ତି। ଏହା ସହିତ ଡବ୍ଲୁଏଫ୍ଆଇର ପ୍ରାୟୋଜକ ରହିଥିବା ଟାଟା ମୋଟର୍ସର ଅର୍ଥ ଆଥ୍‌ଲେଟଙ୍କ ନିକଟରେ ପହଞ୍ଚୁଥିଲା କି ନାହିଁ ତାହାର ତଦନ୍ତ କରିବା ପାଇଁ ଭିନେଶ ଦାବି କରିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧୧/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, May 11/2023 | Page 20 | ₹ 7.00 | BALASORE

# ଚିକିତ୍ସା ବେଳେ ମହିଳା ଡାକ୍ତରଙ୍କୁ ହତ୍ୟା

**କୋଲାମ/ଥିରୁଭାନନ୍ଥପୁରମ୍, ୧୦।୫**

କେରଳ କୋଲାମ ଜିଲାର ଏକ ହସ୍ପିଟାଲରେ ବୁଧବାର ଜଣେ ରୋଗୀ ୨୩ ବର୍ଷୀୟା ମହିଳା ଡାକ୍ତରଙ୍କୁ ଛୁରିଭୁସି ହତ୍ୟା କରିଛନ୍ତି। ଅଭିଯୁକ୍ତ ସନ୍ଦିପ୍ ତାଙ୍କ ପରିବାର ସଦସ୍ୟଙ୍କ ସହ ମାଡ଼ପିଟ୍ କରି ଆହତ ହୋଇଥିଲେ। ମହିଳା ଡାକ୍ତର ବନ୍ଦନା ଦାସ ତାଙ୍କ ଗୋଡ଼କୁ ଡ୍ରେସିଂ କରୁଥିଲେ। ଏହି ସମୟରେ ସନ୍ଦିପ୍ ଉତ୍କ୍ଷିପ୍ତ ହୋଇ ଡାକ୍ତରଙ୍କ ସମେତ ସେଠାରେ ଥିବା ଲୋକଙ୍କୁ କଇଞ୍ଚି ଓ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ଡା. ଦାସଙ୍କର କିଛି ସମୟ ପରେ ମୃତ୍ୟୁ ଘଟିଥିଲା। ସନ୍ଦିପଙ୍କ ସହ ଥିବା ପୋଲିସ କର୍ମଚାରୀ ମଧ୍ୟ ଆକ୍ରମଣରେ ଆହତ ହୋଇଛନ୍ତି। ଜଣେ ଯୁବ ଡାକ୍ତରଙ୍କୁ

## ହାଇକୋର୍ଟଙ୍କ ଉଦ୍‌ବେଗ

ହତ୍ୟା ଘଟଣାରେ କେରଳ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୋଲିସ ଓ ସରକାରଙ୍କ ବିଫଳତାରୁ ଏଭଳି ହତ୍ୟାକାଣ୍ଡ ଘଟିଲା। ଡାକ୍ତରଙ୍କୁ ସୁରକ୍ଷା ଦେବାରେ ସରକାର ଓ ପୋଲିସ ବିଫଳ ହୋଇଥିବାରୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି।

ଡାକ୍ତରଙ୍କ ମୃତ୍ୟୁ ଘଟଣାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଦୁଃଖପ୍ରକାଶ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ଓ ଯନ୍ତ୍ରଣାଦାୟକ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡ୍ୟୁଟିରେ ଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆକ୍ରମଣ ଆଦୌ ଗ୍ରହଣୀୟ


ବନ୍ଦନା ଦାସ

ନୁହେଁ। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପରେ ଆକ୍ରମଣ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଜୟନ କହିଛନ୍ତି। ଡାକ୍ତର ହତ୍ୟା ପ୍ରତିବାଦରେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ଏବଂ କେରଳ ସରକାରୀ ମେଡିକାଲ ଅଫିସର ଆସୋସିଏଶନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେରଳ ରାଜ୍ୟ ମାନବାଧିକାର କମିଶନ ଘଟଣାକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରି କୋଲାମ ଜିଲା ପୋଲିସ ମୁଖ୍ୟଙ୍କଠାରୁ ୭ ଦିନ ମଧ୍ୟରେ ରିପୋର୍ଟ ତଲବ କରିଛି। ଡାକ୍ତର ଜଣକ ହାଉସ ସର୍ଜନ ହୋଇଥିବାରୁ ଅନଭିଜ୍ଞ ଥିଲେ ଏବଂ ଆକ୍ରମଣ ସମୟରେ ଡରିଯାଇଥିଲେ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିବା ପରେ ଏହାକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏଭଳି ବିବୃତିକୁ ରାଜ୍ୟ କଂଗ୍ରେସ ସଭାପତି କେ. ସୁଧାକରନ ସମାଲୋଚନା କରିଛନ୍ତି।


ପୁରୀ ରଥଖଳାରେ ବୁଧବାର ରଥଚକ ନିର୍ମାଣ କାର୍ଯ୍ୟ କରାଯାଉଛି।

# କିଶୋର ବାସା ଏଏସ୍ଆଇ ମହାନିର୍ଦ୍ଦେଶକ



**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ବିଶିଷ୍ଟ ଓଡ଼ିଆ ନୃତତ୍ତ୍ୱବିଦ୍ ତଥା ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ)ର ଅଧ୍ୟକ୍ଷ ପ୍ରଫେସର କିଶୋର କେ ବାସାଙ୍କୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥାର ମହାନିର୍ଦ୍ଦେଶକ (ଡିଜି) ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଏସ୍ଆଇର ନିୟମିତ ମହାନିର୍ଦ୍ଦେଶକ ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜରେ ଜନ୍ମିତ ବାସା ୧୯୭୩ରେ ମାଟ୍ରିକ ଟପ୍ପର ହୋଇଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ପରେ ୧୯୯୧ରେ ଲଣ୍ଡନ ୟୁନିଭର୍ସିଟିରୁ ପିଏଚ୍ଡି ହାସଲ କରିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ମୁଖ୍ୟ ଭାବେ କିଛିବର୍ଷ କାର୍ଯ୍ୟ କରିଥିଲେ। ଗତ ବର୍ଷ ନଭେମ୍ବରରେ ଏନ୍ଏମ୍ଏର ଅଧ୍ୟକ୍ଷ ଭାବରେ ନିଯୁକ୍ତ ବାସା ଓଡିଶାର ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଥିଲେ। ସେ ଇଣ୍ଡିଆନ ନ୍ୟାଶନାଲ କନ୍‌ଫେଡେରେଶନ ଏବଂ ଏକାଡେମୀ ଅଫ୍ ଆନ୍ଥ୍ରୋପୋଲୋଜିଷ୍ଟର ଚେୟାରମ୍ୟାନ ମଧ୍ୟ ଥିଲେ।

# ଟ୍ରମ୍ପ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ପ୍ରମାଣିତ

**ନ୍ୟୁୟର୍କ, ୧୦।୫**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୯୦ ଦଶକରେ ଏକ ମାଗାଜିନ୍‌ର ଲେଖିକା ଇ. ଜିନ୍ କାରୋଲଙ୍କୁ ଯୌନ ନିର୍ଯାତନା ଦେଇଥିବା ପ୍ରମାଣିତ ହୋଇଥିବା ଜୁରୀ କହିଛନ୍ତି। ପରେ ଟ୍ରମ୍ପ ତାଙ୍କୁ ମିଛେଇ ଆଖ୍ୟା ଦେଇ ତାଙ୍କ ମର୍ଯ୍ୟାଦା ହାନି କରିଥିଲେ। ଏଥିପାଇଁ ଲେଖିକାଙ୍କୁ ୫ ନିୟୁତ ଡଲାର ପୈଠ କରିବାକୁ ଜୁରୀ ଟ୍ରମ୍ପ୍‌ଙ୍କୁ କହିଛନ୍ତି। ଜୁରୀଙ୍କ ରାୟ ପରେ କାରୋଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଶେଷରେ


ଡୋନାଲ୍ଡ ଟ୍ରମ୍ପ୍

ସତ କ'ଣ ତାହା ବିଶ୍ୱ ଜାଣିଲା। ଏହି ବିଜୟ କେବଳ ତାଙ୍କର ନୁହେଁ, ନିର୍ଯାତନାର

## ଲେଖିକା କାରୋଲଙ୍କୁ ଦେବେ ୫ ନିୟୁତ ଡଲାର

ଶିକାର ହେଉଥିବା ପ୍ରତ୍ୟେକ ମହିଳାଙ୍କର ବୋଲି କାରୋଲ କହିଛନ୍ତି। ରାୟ ବିରୋଧରେ ଟ୍ରମ୍ପ୍ ଉଚ୍ଚତର କୋର୍ଟରେ ଅପିଲ୍ କରିବେ ବୋଲି ମାନ୍‌ହାଟନ ଫେଡେରାଲ କୋର୍ଟହାଉସ୍ ବାହାରେ ତାଙ୍କ ଓକିଲ ଜୋସେଫ ଟାକୋପିନା ଖବରଦାତାମାନଙ୍କୁ କହିଛନ୍ତି। ବିଚାର ପ୍ରକ୍ରିୟା ବେଳେ ୭୯ ବର୍ଷୀୟା କାରୋଲ କହିଥିଲେ, ୧୯୯୫ କିମ୍ବା ୧୯୯୬ରେ ଟ୍ରମ୍ପ୍ ତାଙ୍କୁ ମାନହାଟନର ଏକ ବେର୍ଡୋର୍ଫ ଗୁଡ୍‌ମ୍ୟାନ ଡିପାର୍ଟମେଣ୍ଟ ଷ୍ଟୋର ଡ୍ରେସିଂ ରୁମ୍‌ରେ ବଳାତ୍କାର କରିଥିଲେ। ପରେ ୨୦୨୨ ଅକ୍ଟୋବରରେ ଟ୍ରମ୍ପ ତାଙ୍କ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଅଭିଯୋଗକୁ ମିଛ, ମନଗଢ଼ା ଓ ସମ୍ପୂର୍ଣ୍ଣ ଠକ କାର୍ଯ୍ୟ ବୋଲି ଉଲ୍ଲେଖ କରି ତାଙ୍କ ମର୍ଯ୍ୟାଦା ହାନି କରିଥିଲେ ବୋଲି ☞ପୃଷ୍ଠା-୭





ପଞ୍ଜାବ ଜଳନ୍ଧର ଲୋକ ସଭା ଉପ ନିର୍ବାଚନର ଏଏପି ପ୍ରାର୍ଥୀ ସୁଶୀଲ ରିଙ୍କୁ ବୁଧବାର ମତଦାନ ପରେ ପରିବାର ସଦସ୍ୟଙ୍କ ସହ କାଳିଗା ଆଙ୍ଗୁଠି ପ୍ରଦର୍ଶନ କରୁଛନ୍ତି।

# ଜଳନ୍ଧର ଉପନିର୍ବାଚନ: ୫୪% ମତଦାନ

ନୂଆଦିଲ୍ଲୀ,୧୦।୫

କର୍ଣ୍ଣାଟକ ନିର୍ବାଚନ ସହ ପଞ୍ଜାବର ଜଳନ୍ଧର ଲୋକ ସଭା, ଉତ୍ତର ପ୍ରଦେଶର ସୁଆର ଓ ଛାନବେ, ଓଡ଼ିଶାର ଝାରସୁଗୁଡ଼ା ଏବଂ ମେଘାଳୟର ସୋହିଓଙ୍ଗ୍ ବିଧାନସଭା ପାଇଁ ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିବା ଜଳନ୍ଧର ଏମ୍‌ପି ସନ୍ତୋଖ ସିଂ ଚୌଧରୀଙ୍କ ହୃତ୍‌ଘାତରେ ପରଲୋକ ହୋଇଥିଲା। ଖାଲି ଆସନ ପୂରଣ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ୫୪% ମତଦାନ ହୋଇଛି। ଏହି ସଂସଦୀୟ ଆସନରେ କଂଗ୍ରେସ ସନ୍ତୋଖଙ୍କ ସ୍ତ୍ରୀ କମରଜିତ୍ କୌରଙ୍କୁ ପ୍ରାର୍ଥୀ କରିଥିଲା। ତାଙ୍କ ସହ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଭାଜପା ଏବଂ ଶିରୋମଣି ଅକାଳୀ ଦଳ (ଏସ୍ଏଡି) ପ୍ରାର୍ଥୀଙ୍କ ମଧ୍ୟରେ ଚତୁଃମୁଖୀ

**ମେଘାଳୟର ସୋହିଓଙ୍ଗ୍‌ରେ ୯୧.୫୬%**

ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା କୁହାଯାଉଛି। ସେହିପରି ମେଘାଳୟର ସୋହିଓଙ୍ଗ୍ ନିର୍ବାଚନମଣ୍ଡଳୀରେ ୯୧.୫୬%, ୟୁପିର ରାମପୁର ଜିଲା ସୁଅରରେ ୪୪.୯୫%, ମିର୍ଜାପୁର ଜିଲା ଛାନବେ ବିଧାନସଭା ଆସନରେ ୩୯.୫୧% ଭୋଟ ଗ୍ରହଣ କରାଯାଇଛି। ସମାଜବାଦୀ ପାର୍ଟି (ଏସ୍‌ପି) ବିଧାୟକ ଆଜମ୍ ଖାନ୍ ଓ ତାଙ୍କ ପୁଅ ଅବ୍‌ଦୁଲ୍ଲା ଆଜମ୍‌ଙ୍କ ସଦସ୍ୟତା ରଦ୍ଦ ହେବା ପରେ ୟୁପିର ଏହି ଦୁଇ ଆସନ ପାଇଁ ଉପନିର୍ବାଚନ ହୋଇଛି। ସେହିପରି ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟା ପରେ ଝାରସୁଗୁଡ଼ା ଆସନରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା। ଏଠାରେ ୭୫.୬% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ।

**'ଡିଏମ୍‌କେ ଫାଇଲ୍ସ'**

# ଭାଜପା ରାଜ୍ୟ ସଭାପତିଙ୍କ ବିରୋଧରେ ମାନହାନି ମାମଲା

ଚେନ୍ନାଇ, ୧୦।୫

ତାମିଲନାଡୁର ଭାଜପା ସଭାପତି କେ. ଆନ୍ନାମଲାଇଙ୍କ 'ଡିଏମ୍‌କେ ଫାଇଲ୍ସ' ପାଇଁ ରାଜ୍ୟ ସରକାର ବୁଧବାର ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଛନ୍ତି। ଆନ୍ନାମଲାଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ମାନହାନି



କେ. ଆନ୍ନାମଲାଇ

କରିଥିବା ସରକାରୀ ଓକିଲ ଅଭିଯୋଗ କରିଛନ୍ତି। ଚେନ୍ନାଇ ମେଟ୍ରୋ ଠିକାକୁ ଫିକ୍ସ କରିବା ପାଇଁ ଷ୍ଟାଲିନ୍ ୨୦୧୧ରେ ୨୦୦ କୋଟି ଟଙ୍କା ଲାଞ୍ଚ ଦେଇଥିବା ଭାଜପା ନେତା ନିକଟରେ ଅଭିଯୋଗ ଆଣିଥିଲେ। ଦୁର୍ନୀତି ଉପାୟରେ ଡିଏମ୍‌କେ ନେତାମାନେ ଉପାର୍ଜନ କରିଥିବା ସମ୍ପତ୍ତି ପରିମାଣ ୧.୩୪ ଲକ୍ଷ କୋଟି ଟଙ୍କା ବୋଲି ଆନ୍ନାମଲାଇ କହିବା ସହ ରାଜ୍ୟରେ ପୁଞ୍ଜିନିବେଶ କରିଥିବା ଦୁବାଇ କମ୍ପାନୀରେ ଷ୍ଟାଲିନ୍‌ଙ୍କ ପରିବାର ସଦସ୍ୟ ନିର୍ଦ୍ଦେଶକ ଥିବା ଅଭିଯୋଗ ଆଣିଥିଲେ। ଡିଏମ୍‌କେ ପୂର୍ବରୁ ଆନ୍ନାମଲାଇଙ୍କ ପାଖକୁ ଲିଗାଲ ନୋଟିସ ପଠାଇଥିଲେ ମଧ୍ୟ କ୍ଷମା ମାଗିବାକୁ ସେ ମନା କରିଦେଇଥିଲେ। ସେ କୋର୍ଟରେ ମାମଲା ଲଢ଼ିବେ ବୋଲି ଭାଜପା କହିଛି।

# ନବୀନ-ନୀତୀଶ ଭେଟ: ବଢ଼ୁଛି ରାଜନୀତି

ଭୁବନେଶ୍ୱର,୧୦।୫(ବ୍ୟୁରୋ)

- ଉଭୟ କିଛି ଲୁଚାଉଛନ୍ତି: ଭାଜପା
- ସୌଜନ୍ୟମୂଳକ ସାକ୍ଷାତ ଥିଲା: ବିଜେଡି

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିବା ଓ ସଂଯୁକ୍ତ ଜନତା ଦଳ(ଜେଡିୟୁ) ଟୁଇଟକୁ ନେଇ ଭାଜପା ବିଜେଡିକୁ ସମାଲୋଚନା କରିଛି। ସାକ୍ଷାତ ଆଲୋଚନା ପରେ ଉଭୟ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ, ସେମାନଙ୍କ ଭିତରେ କୌଣସି ରାଜନୈତିକ ଆଲୋଚନା ହୋଇନାହିଁ। ମାତ୍ର ଜେଡିୟୁ ଅଫିସିଆଲ ଟୁଇଟ୍‌ରେ ଲେଖାଯାଇଥିଲା, ବିରୋଧୀଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ନେଉଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବିନା କୌଣସି ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷାରେ ବିପକ୍ଷଙ୍କୁ ଏକଜୁଟ୍ କରୁଛନ୍ତି ନୀତୀଶ। ଉଭୟ ମୁଖ୍ୟମନ୍ତ୍ରୀ ନବୀନ ଓ ନୀତୀଶ ସେମାନଙ୍କ ମଧ୍ୟରେ କୌଣସି ରାଜନୀତି ଆଲୋଚନା ହୋଇ ନ ଥିବା କହୁଥିବା ବେଳେ ଟୁଇଟ୍‌କୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଉଭୟ ମୁଖ୍ୟମନ୍ତ୍ରୀ କିଛି ଲୁଚାଉଛନ୍ତି। ଉଭୟ ଦୀର୍ଘ ସମୟ ଧରି ଆଲୋଚନା କଲେ। ତେବେ ସେମାନଙ୍କ ମଧ୍ୟରେ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିବା କଥା ମିଛ। ଯଦି ବିଜେଡି ତୃତୀୟ ସାମ୍ମୁଖ୍ୟରେ ଯୋଗଦେବାକୁ ଚାହୁଁଛି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ଯିବାକୁ ଚାହିଁବ ଦଳ ପକ୍ଷରୁ ଖୋଲାଖୋଲି ଭାବେ ଘୋଷଣା କରିବାର ସାହସ ରହିବା ଦରକାର। ଅନ୍ୟପକ୍ଷରେ ବିଜେଡି ଉପସଭାପତି ତଥା ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ୨୦୦୯ରୁ ଦଳ ଉଭୟ କଂଗ୍ରେସ ଓ ଭାଜପାଠାରୁ ସମଦୂରତା ବଜାୟ ରଖି ଆସିଛି। ଯେତେବେଳେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡ଼ିଶା ଆସନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଥାଆନ୍ତି। ଜେଡିୟୁ ଏବଂ ବିଜେଡି ଦୁଇଟି ଅଲଗା ଦଳ। ଜେଡିୟୁ ନିଜ ଟୁଇଟ୍ ସମ୍ପର୍କରେ କହିପାରିବ । ବିଜେଡି ସଭାପତି ସ୍ପଷ୍ଟ କରିଛନ୍ତି ଯେ ନୀତୀଶଙ୍କ ସହ ତାଙ୍କର ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ।

ଅନୁରୂପ ଭାବେ ମାର୍ଚ୍ଚ ୨୩ ତାରିଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ଗସ୍ତରେ ଆସି ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରିଥିଲେ। ସେ ସମୟରେ ମଧ୍ୟ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିବା ଉଭୟ ମମତା ଓ ନବୀନ ଗଣମାଧ୍ୟମକୁ କହିଥିଲେ। ପୁରୀରେ ଅତିଥି ଭବନ ନିର୍ମାଣ ପାଇଁ ଓଡ଼ିଶାବାସୀଙ୍କ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ୨ ଏକର ଜମି ଦେବା କଥା ଘୋଷଣା କରିଥିଲେ। ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା। ଆମ ଭିତରେ ବହୁତ ପୁରୁଣା ବନ୍ଧୁତା ଓ ସୁନ୍ଦର ସମ୍ପର୍କ ଅଛି। କିଛି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଚର୍ଚ୍ଚା ହୋଇନି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ଆତିଥ୍ୟକୁ ଭୂରି ଭୂରି ପ୍ରଶଂସା କରିବା ସହ ପୁରୀରେ ଜାଗା ଦେଇଥିବାରୁ ସେ ନବୀନଙ୍କୁ ଧନ୍ୟବାଦ ଦେଇଥିଲେ। ମାତ୍ର ରାଜନୀତି ସମ୍ପର୍କରେ କୌଣସି ପ୍ରକାର ଆଲୋଚନାକୁ ମମତା ଏଡ଼ାଇ ଦେଇଥିଲେ। ଗତ ଦେଢ଼ମାସ ଭିତରେ ଦୁଇ ରାଜ୍ୟର ଅଣଭାଜପା ଶାସିତ ମୁଖ୍ୟମନ୍ତ୍ରୀ ନବୀନ ନିବାସ ଆସି ଭେଟ ହେବା ଓ ସେମାନଙ୍କ ଭିତରେ କୌଣସି ରାଜନୈତିକ ଆଲୋଚନା ନ ହେବାକୁ ରାଜନୀତି ବିଶାରଦ ସହଜରେ ଗ୍ରହଣ କରିପାରୁନାହାନ୍ତି।

ଆସନ୍ତା ୨୦୨୪ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଅଣଭାଜପା ଦଳଗୁଡ଼ିକ ଏକ ଦୃଢ଼ ବିରୋଧୀ ମେଣ୍ଟ କରିବା ପାଇଁ କସରତ ଚଳାଇଛନ୍ତି। ବିରୋଧୀଙ୍କୁ ଏକାଠି କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ)ନେତା ନୀତୀଶ କୁମାର ବିଭିନ୍ନ ରାଜ୍ୟ ବୁଲି ଅଣଭାଜପା ନେତାମାନଙ୍କୁ ଭେଟୁଛନ୍ତି।

# କାର୍ଯ୍ୟ ଅପେକ୍ଷା ପ୍ରଚାରରେ ଆଗ୍ରହୀ କେନ୍ଦ୍ରମନ୍ତ୍ରୀ: ବିଜେଡି

ଭୁବନେଶ୍ୱର,୧୦।୫(ବ୍ୟୁରୋ)

**କପିଳେଶ୍ୱର ମନ୍ଦିର ପ୍ରସଙ୍ଗ**

କପିଳେଶ୍ୱର ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା(ଏଏସ୍ଆଇ) ନିଜ ହାତକୁ ନେବ। ମେ' ୫ ତାରିଖରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ବିଜ୍ଞପ୍ତି ଜରିଆରେ ଏ ନେଇ ସୂଚନା ଦେଇଥିଲେ । ତେବେ ମେ' ୯ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମରେ ଜୋରଦାର ପ୍ରଚାର ସହ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଏକ ଚିଠି ଲେଖି କପିଳେଶ୍ୱର ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ଏଏସ୍ଆଇକୁ ଅନୁରୋଧ କରିଛନ୍ତି । ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ବିଜେଡି ସମାଲୋଚନା କରିଛି। ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଓଡ଼ିଶା ପାଇଁ ପ୍ରକୃତରେ କାର୍ଯ୍ୟ କରିବା ଅପେକ୍ଷା କେନ୍ଦ୍ରମନ୍ତ୍ରୀ ପ୍ରଚାରରେ ଅଧିକ ଆଗ୍ରହ ଦେଖାଉଛନ୍ତି। ସେ ନିଜର ପ୍ରଚାର ପ୍ରସାର କରିବା ଏବଂ ଚିଠି ଦେବା ପରିବର୍ତ୍ତେ କେବଳ ତାଙ୍କ ସହକର୍ମୀ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କଠାରୁ ଏ ସଂକ୍ରାନ୍ତରେ ବୁଝିପାରିଥାନ୍ତେ । ଆମେ ଜାଣିଛୁ ଯେ କପିଳେଶ୍ୱର ମନ୍ଦିର କିମ୍ବା ଅନ୍ୟାନ୍ୟ ପ୍ରସଙ୍ଗରେ କାର୍ଯ୍ୟ ଅପେକ୍ଷା କେନ୍ଦ୍ରମନ୍ତ୍ରୀ ପ୍ରଚାରରେ ଅଧିକ ଆଗ୍ରହୀ । ସେ ତାଙ୍କ ଦଳର ସହକର୍ମୀ ଅପରାଜିତାଙ୍କଠାରୁ ଶିଖିବା ଉଚିତ ବୋଲି ଲେନିନ କହିଛନ୍ତି ।

| Sl. No. | Mouza | Khata No. | Plot No. | Kissam | Total Area | Required Area | Name of the RTs |
|---|---|---|---|---|---|---|---|
| 1007 | Baramunda Unit-19 | 813/ 2543 | 958/ 6366 | Sarada-II | 0.023 | 0.010 | Atish Kumar Mohan, S/o.Khirod Kumar Mohan, At-Malipatna, Jagatsinghpur |
| 1008 | Baramunda Unit-19 | 278 | 958 | Sarada-II | 0.159 | 0.046 | Trilochan Mohapatra, S/o.Krushna Chandra Mohapatra, At-Bhubaneswar. |
| 1009 | Chandrasekharpur | 584 | 318/ 1769 | Sarada-III | 0.014 | 0.014 | Surendra Mahakuda, S/o.Mahani Mahakuda, Damana |
| 1010 | Chandrasekharpur | 584 | 318/ 1775 | Gharabari | 0.080 | 0.073 | Surendra Mahakuda, S/o.Mahani Mahakuda, Damana |
| 1011 | Chandrasekharpur | 572 | 290/ 1728 | Sarada-II | 0.120 | 0.142 | Sudam Bhuyan, S/o.Banamali Bhuyan, At-Damana |
| 1012 | Chandrasekharpur | 572 | 292/ 1729 | Sarada-II | 0.070 | | Sudam Bhuyan, S/o.Banamali Bhuyan, At-Damana |
| 1013 | Jagamara | 93 | 1084/ 2610 | Gharabari-II | 0.082 | 0.082 | Usharani Sarab, W/o.S. Ram Prasad Sarab, At-Sorada, Dist-Ganjam |
| 1014 | Jagamara | 796 | 959 | Sarad-I | 0.384 | 0.013 | Ratan Chand Choudhury, S/o.Bhima Chand Choudhury, At-Rail Station, BBSR |
| 1015 | Jaydev Vihar | 453/ 568 | 2290/ 4478 | Gharabari-II | 0.479 | 0.005 | Narasingh Panigrahi, S/o.Bhimsen Panigrahi, At-Khasmahal Colony, Jatani |
| 1016 | Jharapada | 585 | 395 | Gharabari | 0.311 | 0.070 | Bhaskar Behera, S/o.Raghu Behera, At-Laxmisagar |
| 1017 | Jharapada | 298/ 2525 | 395/ 5046 | Gharabari | 0.054 | | Gurucharan Pandit, S/o.Jaya Pandit, Mochinda, Anandapur, Kendujhar |
| 1018 | Jharapada | 928/ 3040 | 395/ 5085 | Gharabari | 0.054 | | Sanatan Behera, S/o.Baidhara Behera, Rushi Pada, Kanpur, Dist-Cuttack |
| 1019 | Patia | 11 | 1441 | Gharabari | 0.530 | 0.530 | Anu Patra, S/o.Dama Patra, At-Patia, Dist-Khordha |
| 1020 | Chandrasekharpur | 27 | 83 | Sarada-II | 0.274 | 0.274 | Alekh Nandi, S/o.Banchhanidhi Nandi, At-Damana |
| 1021 | Jayadev Vihar | 453/ 2044 | 590 | Sarada-II | 0.043 | 0.010 | Jagannath Pattanaik, S/o.Bipra Charan Pattanaik, At-Plot No-248, Jagamara, Ps-Khandagiri, Dist-Khordha |
| 1022 | Jayadev Vihar | 453/ 2220 | 590/ 2208 | Sarada-II | 0.195 | 0.017 | Prabhuji Project Pvt. Ltd. Tarafa Parichalana Nirdhesak Chandan Prasad Mohanty, S/o.Jagannath Prasad Mohanty, At-Plot No-N-4/190, IRC Village, Nayapalli, Dist-Khordha |
| 1023 | Jayadev Vihar | 453/ 2220 | 590/ 2208/ 8124 | Gharabari-II | 0.233 | 0.058 | Prabhuji Project Pvt. Ltd. Tarafa Parichalana Nirdhesak Chandan Prasad Mohanty, S/o.Jagannath Prasad Mohanty, At-Plot No-N-4/190, IRC Village, Nayapalli, Dist-Khordha |
| 1024 | Jayadev Vihar | 274 | 274/ 3372 | Gharabari | 0.049 | 0.049 | Prasanna Kumar Sahoo, Prabira Kumar Sahoo, Prafulla Kumar Sahoo, Pramod Kumar Sahoo, S/o.Biswanath Sahoo, At-Mirjapur, Ps-Salepur, Dist-Cuttack |
| 1025 | Raja Rani | 291 | 242/ 1402 | Gharbari-II | 0.100 | 0.002 | Purnyabada Parida, S/o.Pratap Chandra Parida, At-Mangalpur, Ps-Pipili |
| 1026 | Raja Rani | 604/ 1217 | 244 | Gharabari | 0.014 | 0.002 | Bishnupriaya Mohapatra, W/o.Nrusingh Charan Mohapatra, At-Old Town, Ps-Lingaraj, Dist-Khordha |
| 1027 | Raja Rani | 604/ 1217 | 245 | Sarada Jala-I | 0.068 | 0.002 | Bishnupriaya Mohapatra, W/o.Nrusingh Charan Mohapatra, At-Old Town, Ps-Lingaraj, Dist-Khordha |
| 1028 | Raja Rani | 604/ 858 | 245/ 2530 | Gharabari | 0.038 | | Sudarsan Mohapatra, S/o.Gandharba Mohapatra, At-Bhubaneswar, Ps-Lingaraj, Dist-Khordha |
| 1029 | Raja Rani | 604/ 857 | 245/ 2530/ 2658 | Gharabari | 0.019 | | Chandrika Mohapatra, W/o.Sadasiba Mohapatra, At-Gediapalli, Ps-Begunia, Dist-Khordha |
| 1030 | Raja Rani | 186 | 249/ 1827 | Gharabari | 0.109 | 0.013 | Braja Kishore Mohapatra, S/o.Pandit Biswanath Mohapatra, At-Biraramachandrapur, Ps-Satyabadi, Dist-Puri |
| 1031 | Raja Rani | 604/ 503 | 250 | Gharabari | 0.233 | 0.030 | Subhendu Kumar Panda, S/o.Suresh Chandra Panda, At-Bandhatia, Ps-Dham Nagar, Dist-Bhadrak |
| 1032 | Raja Rani | 604/ 604 | 251 | Sarada Jala-I | 0.053 | 0.017 | Gandharba Mohapatra, S/o.Jadumani Mohapatra, Girija Sankar Mohapatra, S/o.Gouri Sankar Mohapatra, Hemanta Kumar Mohapatra, S/o.Trilochan Mohapatra, At-Bhubaneswar, Ps-Lingaraj, Dist-Khordha |
| 1033 | Raja Rani | 604/ 653 | 240 | Sarada Jala-I | 0.485 | 0.030 | Golekh Sahoo, Gopal Sahoo, Chakradhar Sahoo, S/o.Nrusingh Sahoo, Sanatan Sahoo, Babi Sahoo, S/o.Sankar Sahoo, Arjun Sahoo, S/o.Fakira Sahoo, Jayakrushna Sahoo, S/o.Agadhu Sahoo, Laxmidhara Sahoo, S/o.Jadumani Sahoo, At-Rajarani |
| 1034 | Patia | 474/ 3949 | 264 | Gharabari | 0.040 | 0.040 | Akash Choudhury, S/o.Sudarsan Choudhury, At-Bajra Nagar, 3rd Lane, Berhmpur, Ps-Gate Bazar, Dist-Ganjam |
| 1035 | Patia | 474/ 3949 | 263 | Gharabari | 0.040 | 0.040 | Akash Choudhury, S/o.Sudarsan Choudhury, At-Bajra Nagar, 3rd Lane, Berhmpur, Ps-Gate Bazar, Dist-Ganjam |
| 1036 | Patia | 474/ 871 | 259 | Gharabari | 0.060 | 0.017 | Manjulata Nayak, W/o.Baren Kumar Pattanaik, At-Nidhipur, Ps-Jankia, Dist-Khordha |
| 1037 | Patia | 474/ 3949 | 259/ 4811 | Gharabari | 0.020 | | Akash Choudhury, S/o.Sudarsan Choudhury, At-Bajra Nagar, 3rd Lane, Berhmpur, Ps-Gate Bazar, Dist-Ganjam |
| 1038 | Patia | 474/ 3953 | 258 | Gharabari | 0.060 | 0.011 | Anita Choudhury, W/o.Sudarsan Choudhury, At-Bajra Nagar, 3rd Lane, Berhmpur, Ps-Gate Bazar, Dist-Ganjam |
| 1039 | Patia | 474/ 3951 | 257 | Gharabari | 0.070 | 0.011 | Anita Choudhury, W/o.Sudarsan Choudhury, At-Bajra Nagar, 3rd Lane, Berhmpur, Ps-Gate Bazar, Dist-Ganjam |
| 1040 | Patia | 474/ 3950 | 256 | Gharabari | 0.070 | 0.011 | Anita Choudhury, W/o.Sudarsan Choudhury, At-Bajra Nagar, 3rd Lane, Berhmpur, Ps-Gate Bazar, Dist-Ganjam |
| 1041 | Patia | 474/ 658 | 254 | Sarada-II | 0.007 | 0.097 | Haimabati Tripathy, W/o.Baidyanath Tripathy, Bibhupada Tripathy, S/o.Baidyanath Tripathy, At-Patia |
| 1042 | Patia | 474/ 3871 | 254/ 4751 | Gharabari | 0.080 | | Aswini Hemarada, W/o.Pramod Kumar Hemarada, At-Collector and District Magistrate, Mayurbhanja Residency, Dist-Baripada |
| 1043 | Patia | 474/ 3871 | 254/ 4750 | Gharabari | 0.080 | | Aswini Hemarada, W/o.Pramod Kumar Hemarada, At-Collector and District Magistrate, Mayurbhanja Residency, Dist-Baripada |
| 1044 | Patia | 474/ 5034 | 254/ 4442 | Gharabari | 0.010 | | Priyadarsini Sahoo, W/o.Biren Kumar Beura, At-Harisaranpur, Ps-Athagarh, Dist-Cuttack |
| 1045 | Patia | 474/ 2341 | 254/ 4002 | Gharabari | 0.020 | | Tridipa Kumar Patra, Upendranath Patra, At-Santapara, Ps-Soro, Dist-Baleswar |
| 1046 | Patia | 474/ 3907 | 254/ 4783 | Gharabari | 0.035 | | Aswini Meherada, W/o.Pramod Kumar Meherada, Ar-Machine Director, NRHM, Nayapalli, Dist-Khordha |
| 1047 | Patia | 474/ 3952 | 254/ 4812 | Gharabari | 0.738 | | Anita Choudhury, W/o.Sudarsan Choudhury, At-Bajra Nagar, 3rd Lane, Berhmpur, Ps-Gate Bazar, Dist-Ganjam |
| 1048 | Goutam Nagar-28 | 877 | 699/ 4022 | Gharabari-II | 0.290 | 0.014.92 | Bhabagrahi Panigrahi, S/o.Dayanidhi Panigrahi, At-Khandapada, Ps-Khandapada, Dist-Baleswar |

Sd./- Deputy Commissioner (Land)
Bhubaneswar Municipal Corporation
OIPR-13002/14/0027/2324

**ଭୋଗରାଇ ନିର୍ବାଚନମଣ୍ଡଳୀ**

# ଏବେଠୁ ଟିକେଟ ପାଇଁ କସରତ

ଭୋଗରାଇ,୧୦।୫(ଡି.ଏନ୍.ଏ.)

- ବିଜେଡିରେ ସର୍ବାଧିକ ଆଶାୟୀ
- କଂଗ୍ରେସ: ଆଶାୟୀ ସଂଖ୍ୟା ବଢ଼ୁଛି
- ଭାଜପାରେ ପରିବର୍ତ୍ତନ ହୋଇପାରେ

୨୦୨୪ ସାଧାରଣ ନିର୍ବାଚନ ଆଉ କିଛି ମାସ ବାକି ଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଏବେଠୁ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପାରୁ ବିଧାୟକ ଓ ଏମ୍‌ପି ଟିକେଟ ହାତେଇବା ପାଇଁ ବହୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବିବାରେ ଲାଗିଛି। ଏହି ୩ ଦଳର ନେତାମାନେ ଘନ ଘନ ବୈଠକ, ସଭା, ସମିତି, ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ସମର୍ଥକଙ୍କ ଆସ୍ଥାଭାଜନ ହେବାରେ ଲାଗି ପଡ଼ିଛନ୍ତି। ଭୋଗରାଇରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଦଳର ହେଭିୱେଟ ନେତାଙ୍କଠାରେ ନିଜ ସପକ୍ଷରେ ଟିକେଟ ଲବି ନିମନ୍ତେ କସରତ ଆରମ୍ଭ କରିଥିବା ଦେଖିବାକୁ ମିଳୁଛି।

୨୦୦୪ରୁ ଅଦ୍ୟାବଧି ଏହି ନିର୍ବାଚନମଣ୍ଡଳୀର ମଙ୍ଗ ଧରି ଆସିଛନ୍ତି ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଜେଡି ବିଧାୟକ ଅନନ୍ତ ଦାସ। ବୟସାଧିକ କାରଣରୁ ଆସନ୍ତା ବିଧାନସଭା ନିର୍ବାଚନରେ ସେ ଦଳୀୟ ଟିକେଟରୁ ବଞ୍ଚିତ ହୋଇପାରନ୍ତି ବୋଲି ଦଳୀୟ ନେତା ଓ ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଶାସନ କ୍ଷମତାରେ ଥିବା ବିଜେଡି ଏହି ଦୁର୍ଗକୁ ସୁରକ୍ଷିତ ରଖିବା ଲାଗି ଏବେଠୁ ଉଦ୍ୟମ ଜାରି ରଖିଥିବା ବେଳେ ଏହି ଦଳରେ ଆଶାୟୀଙ୍କ ସଂଖ୍ୟା ବଢୁଥିବାରୁ ଦଳ ଲାଗି ଚିନ୍ତାର କାରଣ ହୋଇଛି। ବିଜେଡିର ଦଳୀୟ ପ୍ରାର୍ଥୀ ନିମନ୍ତେ ମୁଖପାତ୍ର ଗୌତମବୁଦ୍ଧ ଦାସ, ଭୁବନେଶ୍ୱର ଏମ୍ସ୍ ହସ୍ପିଟାଲର ବିଶେଷଜ୍ଞ ଡା. ସରୋଜ କୁମାର ଦାସ ମଜୁମଦାର, ବିଧାୟକଙ୍କ ପୁତ୍ର ବିଶ୍ୱଜିତ ଦାସ, ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଇଂ. ବିଦ୍ୟୁବେନ୍ଦୁ ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଆଇନଜୀବୀ ଏବଂ ଜିଲା ଉପସଭାପତି ଭୁବନାନନ୍ଦ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ହେମନ୍ତ ବେହେରା ପ୍ରମୁଖ ଆଶାୟୀ ଅଛନ୍ତି। ସେହିପରି ମହିଳା ଆଶାୟୀ ଭାବେ ଐତିହାସିକ ଡ. ମନ୍ମଥ ନାଥ ଦାସଙ୍କ ପୁତ୍ରବଧୂ ଡା. ରଞ୍ଜିତା ଦାସ, ଜିଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, କବିତା ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବେହେରାଙ୍କ ସମେତ ବିଧାୟକଙ୍କ ପୁତ୍ରବଧୂଙ୍କ ନାମ ମଧ୍ୟ ଶୁଣିବାକୁ ମିଳୁଛି।

ସେହିପରି କଂଗ୍ରେସରୁ ଦୁଇଥର ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସତ୍ୟଶିବ ଦାସ, ଭୋଗରାଇ କଂଗ୍ରେସ ଶାଖା ସଭାପତି ଆଶିଷ କୁମାର ପାତ୍ର ଓ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ଦଳୀୟ ଟିକେଟ ଲବିରେ ରହିଛନ୍ତି। ଏହି ଦଳର ମହିଳା ପ୍ରାର୍ଥୀଙ୍କ ନାମ ଅଦ୍ୟାବଧି ଚର୍ଚ୍ଚାକୁ ଆସିନାହିଁ। ଅପରପକ୍ଷରେ ୭ବର୍ଷ ଧରି ଭାଜପା ଦଳରେ ଗୋଷ୍ଠୀ କନ୍ଦଳ ତୀବ୍ର ରୂପ ଧାରଣ କରିଥିଲାବେଳେ ଏଥର ବିଧାୟକ ସିଟ୍ ପାଇଁ ନେତୃତ୍ୱ ନିଶ୍ଚିତ ପରିବର୍ତ୍ତନ କରାଯାଉ ଥିବା ରାଜ୍ୟ ଦଳୀୟ ନେତାଙ୍କ ସୂତ୍ରରୁ ଜଣାପଡ଼ିଛି। ଏହିଦଳରୁ ଟିକେଟ ଲବିରେ ୩୦ ବର୍ଷଧରି ଦଳକୁ ସଜାଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜିଲା ସାଧାରଣ ସମ୍ପାଦକ ସୁନୀଲ କର, ଶକ୍ତିପଦ ପାଣ୍ଡେ, ହିନ୍ଦୁ ମହାସଭାର ରାଜ୍ୟ ସଭାପତି କୌଶିକ ଚାନ୍ଦ, ଗତଥର ଟିକେଟରୁ ବଞ୍ଚିତ ହୋଇଥିବା ମାନସ ମହାନ୍ତି, ଆଶିଷ କୁମାର ମହାନ୍ତି, ସଞ୍ଜୀବ ସାହୁ ଓ ଅଂଶୁମାନ ମହାନ୍ତି ପ୍ରମୁଖ ଆଶାୟୀ ଅଛନ୍ତି।

**ରାଜ୍ୟ ଖବର**

# ମୃତ ୩ ମାଓବାଦୀ କେକେବିଏନ୍‌ର ସଦସ୍ୟ

ଭବାନୀପାଟଣା,୧୦।୫(ଡି.ଏନ.ଏ.)

**ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟଣା**

କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ ଟାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ଗତ ୨ ଦିନ ଧରି ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟରେ ମୃତ ୩ ମାଓବାଦୀ କେକେବିଏନ୍‌ର ସଦସ୍ୟ ହୋଇଥିବା ବେଳେ ଗୋଷ୍ଠୀରେ ୧୫ରୁ ୨୦ଜଣ ମାଓବାଦୀ ଥିବା ବୁଧବାର ସନ୍ଧ୍ୟାରେ ଭବାନୀପାଟଣା ରିଜର୍ଭ ପୋଲିସ ପଡିଆଠାରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଓ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୃତଦେହ ଚିହ୍ନଟ ହୋଇ ନ ଥିବା ବେଳେ ୭୨ ଘଣ୍ଟା ପାଇଁ ତାହା ରଖାଯାଇଛି। ଗୁଳି ବିନିମୟ ମଧ୍ୟରେ ୩ଜଣ କ୍ୟାଡର ମାଓବାଦୀ ନିହତ ହୋଇଥିବା ବେଳେ ଡିଏସ୍‌ପି ଅତୁଲ ଦାଶ ଆହତ ହୋଇଛନ୍ତି। ଯବାନଙ୍କ ଗୁଳିରେ ଘଟଣାସ୍ଥଳରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଥିଲା। ମାଓବାଦୀମାନଙ୍କ ପାଖରୁ ଏକ ଏକେ ୪୭ ବନ୍ଧୁକ, ୧୩ ରାଉଣ୍ଡ ଗୁଳି, ଗୋଟିଏ ପିସ୍ତଲ ସହ ୨ ରାଉଣ୍ଡ ଗୁଳି, ଏକ ଦେଶୀ ବନ୍ଧୁକ, ଏକ ୱାକିଟକି, ଇଲେକ୍ଟ୍ରି ଡିଟୋନେଟର, ମାଓବାଦୀ ପୋଷ୍ଟର, ଏକ ଛତା, ଲାଇଟ, ମେଡ଼ିସିନ ଜବତ ହୋଇଥିବା ଖବରଦାତା ସମ୍ମିଳନୀରେ ଏସ୍‌ପି, ଡିଆଇଜି ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଟ୍ରମ୍ପଙ୍କ ବିରୋଧରେ...

କାରୋଲ କହିଥିଲେ। ଏପ୍ରିଲ ୨୫ରୁ ଶୁଣାଣି ଆରମ୍ଭ ହୋଇଥିବାବେଳେ ଟ୍ରମ୍ପ୍ କୋର୍ଟରେ ଆଦୌ ହାଜର ହୋଇ ନ ଥିଲେ। ଅଭିଯୋଗକାରୀ ମହିଳା କିଏ ସେ ଜାଣନ୍ତି ନାହିଁ ବୋଲି ଟ୍ରମ୍ପ୍ ତାଙ୍କ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଲେଖିଛନ୍ତି। ଏହା ସିଭିଲ୍ ମାମଲା ହୋଇଥିବାରୁ ଟ୍ରମ୍ପଙ୍କୁ ଆପରାଧିକ ପରିଣାମର ସମ୍ମୁଖୀନ ହେବାକୁ କିମ୍ବା ଜେଲ ଯିବାକୁ ପଡ଼ିବ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୧୧/୨୦୨୩ Bhubaneswar, Thursday, May 11/ 2023

# ପଞ୍ଚମ ବିଜୟ ସହ ଦ୍ୱିତୀୟରେ ଓଡ଼ିଶା ଏଫ୍‌ସି

**ଅହମଦାବାଦ, ୧୦।୫**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶା ଏଫ୍‌ସି ପଞ୍ଚମ ବିଜୟ ହାସଲ କରିଛି। ବୁଧବାର ଶାହିବାଗ ପୋଲିସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଭିତ୍ତିକ ଏହି ଦଳ ୩-୦ ଗୋଲରେ ସେଲ୍‌ଟିକ୍ କୁଇନ୍ସ ଏଫ୍‌ସିକୁ ପରାସ୍ତ କରିଛି। ଆରମ୍ଭରୁ ମ୍ୟାଚଟି ଓଡ଼ିଶା ଏଫ୍‌ସି ନିୟନ୍ତ୍ରଣରେ ରହିଥିଲା। ୩ୟ ମିନିଟରେ ଫୁଷ୍ଟିନା ଓରଓରନ୍ୟୋ ଆକ୍‌ପୋ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୪୫+୨ ମିନିଟରେ ବନ୍ୟା କବିରାଜ ଏକ ଗୋଲଦେଇ ପ୍ରଥମାର୍ଦ୍ଧ ଖେଳ ଶେଷ ବେଳକୁ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ସେଲ୍‌ଟିକ୍ କୁଇନ୍ସ ଏଫ୍‌ସି ଜୋରଦାର ଉଦ୍ୟମ କରିଥିଲା। ମାତ୍ର ଓଡ଼ିଶା ଏଫ୍‌ସି ଏହାର କଡ଼ା ଜବାବ ଦେଇଥିଲା। ଏଥିସହିତ ମ୍ୟାଚ ଶେଷ ହେବାର କିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୯୦+୩ ମିନିଟରେ ଏସ. ଲିଣ୍ଡା କମ୍ ଆଉଏକ ଗୋଲ


ଓଡ଼ିଶା ଏଫ୍‌ସି ଓ ସେଲ୍‌ଟିକ୍ କୁଇନ୍ସ ଏଫ୍‌ସି ଖେଳାଳିଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

ଦେଇ ଓଡ଼ିଶା ଦଳକୁ ୩-୦ରେ ବିଜୟୀ କରିଥିଲେ। ବିଜୟୀ ଦଳର ଅଞ୍ଜୁ ତମାଙ୍ଗ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରତିଯୋଗିତାରେ ୬ ମ୍ୟାଚରୁ ଓଡ଼ିଶା ଏଫ୍‌ସିର ଏହାଥିଲା ୫ମ ବିଜୟ। ଫଳରେ ମୋଟ ୧୫ ପଏଣ୍ଟ ସହିତ ଏହି ଦଳ ଗ୍ରୁପ୍ 'ବି' ଟେବୁଲର ଦ୍ୱିତୀୟ ସ୍ଥାନ

**ଇଣ୍ଡିଆନ ଓମେନ୍ସ ଲିଗ୍**

ଅଧିକାର କରିଛି। ଏହି ଗ୍ରୁପ୍‌ରେ ସେଥୁ ମଦୁରାଇ ଦଳ ୧୬ ପଏଣ୍ଟ ସହିତ ଶୀର୍ଷରେ ରହିଛି। ବୁଧବାର ଅନୁଷ୍ଠିତ ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଇଷ୍ଟର୍ନ ସ୍ପୋର୍ଟିଂ ୧-୦ ଗୋଲରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ, ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ୩-୧ରେ ଲର୍ଡ୍ସ ଏଫ୍‌ଏ କୋଚି ୱାଇଏମ୍‌ଏଏକୁ ହରାଇଥିବାବେଳେ କର୍ନାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ଓ ସେଥୁ ମଦୁରାଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି।

# ପ୍ରମୋଦଙ୍କ ଡବଲ ବିଜୟ

**ଭୁବନେଶ୍ୱର, ୧୦।୫ (କ୍ରୀଡ଼ା ପ୍ରତିନିଧି)**

ଥାଇଲାଣ୍ଡର ପଟାୟାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ବୁଧବାର ଦ୍ୱିତୀୟ ଦିବସରେ ପ୍ରମୋଦ ଭଗତ ଡବଲ ବିଜୟ ହାସଲ କରିଛନ୍ତି। ମନିଷା ରାମଦାସ ଓ ପ୍ରମୋଦ ଯୋଡ଼ି ମିକ୍ସଡ ଡବଲ୍ସର ଦ୍ୱିତୀୟ ଗ୍ରୁପ୍ ମ୍ୟାଚରେ ଥାଇଲାଣ୍ଡର ଚାଓ୍ୱରତ କିଟିଚୋକ୍‌ୱାଟାନା ଓ ଚାନିଡ଼ା ଶ୍ରୀନାଭାକୁଲଙ୍କୁ ୨୧-୧୭, ୨୧-୧୨ରେ ପରାସ୍ତ କରିଛନ୍ତି। ସେହିପରି ସିଙ୍ଗଲ୍ସର ଦ୍ୱିତୀୟ ଗ୍ରୁପ୍ ମ୍ୟାଚରେ ପ୍ରମୋଦ ଥାଇଲାଣ୍ଡର ସାଙ୍ଗନିଲ୍ ସିଙ୍ଘାଙ୍କୁ ୨୧-୧୬, ୨୧-୯ରେ ହରାଇ ଦେଇଛନ୍ତି। ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଦୀପ ରଞ୍ଜନ ବିଶୋଇ ସିଙ୍ଗଲ୍ସରୁ ବିଦାୟ ନେଇଥିଲେ ହେଁ ଡବଲ୍ସରେ

**ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ୍**



ମନୋଜ ସରକାରଙ୍କୁ ସାଥିକରି ନିଜ ଦେଶର ବିକ୍ରମ କୁମାର ଓ ସୁହାସ ଲୀଙ୍କୁ ୨୧-୧୦, ୨୦-୨୨ ଓ ୨୧-୧୩ରେ ପରାସ୍ତ କରିଛନ୍ତି।

# ଦୀପକ, ହୁସାମୁଦ୍ଦିନ, ନିଶାନ୍ତ ପଦକ ନିଶ୍ଚିତ କଲେ


ଭାରତର ନିଶାନ୍ତ (ଡାହାଣ) ଓ କ୍ୟୁବାର ଜର୍ଜ କୁଇଲାରଙ୍କ ମଧ୍ୟରେ ଲଢ଼େଇ।

**ତାସକେଣ୍ଟ, ୧୦।୫ (ପି.ଟି.)**

ବକ୍ସର ଦୀପକ ଭୋରିଆ (୫୧ କେଜି), ମହମ୍ମଦ ହୁସାମୁଦ୍ଦିନ (୫୭ କେଜି) ଓ ନିଶାନ୍ତ ଦେବ (୭୧ କେଜି) ଚଳିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। କୌଣସି ଏକ ବିଶ୍ୱବକ୍ସିଂ ଚାମ୍ପିୟନଶିପ୍ ଇତିହାସରେ ଭାରତର ୩ ଜଣ ପଦକ ପକ୍କା କରିବା ଏହା ପ୍ରଥମ। ବକ୍ସିଂ ନିୟମ ଅନୁସାରେ ସେମିଫାଇନାଲରେ ପରାଜିତ ହେଲେ ମଧ୍ୟ ପ୍ରତିଯୋଗୀ ଅତିକମ୍‌ରେ ବ୍ରୋଞ୍ଜ ପଦକ ପାଇବେ। ୨୦୧୯ ଚାମ୍ପିୟନଶିପ୍‌ରେ ଭାରତ ସର୍ବାଧିକ ୨ଟି ପଦକ ପାଇଥିଲା। ଅମିତ ପଙ୍ଘାଲ ରୌପ୍ୟ ଏବଂ ମନିଷ କୌଶିକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫ୍ଲାଇଓ୍ୱେଟ କାଟେଗୋରିରେ ଭାରତର ଦୀପକ ପ୍ରଭାବୀ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ କିର୍ଗିଜସ୍ତାନର ନୁର୍‌ଝିଜିଟ୍ ଡୁଶେବାଏଭଙ୍କୁ ପରାସ୍ତ କରିଥିଲେ। ପ୍ରଥମ ରାଉଣ୍ଡରେ ପଛୁଆ ରହିବାପରେ ଡୁଶେବାୟେଭ ଦ୍ୱିତୀୟ ରାଉଣ୍ଡରେ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ମାତ୍ର ଦୀପକ ଦୃଢ଼ ଡିଫେନ୍ସ ସହିତ କାଉଣ୍ଟର ଆଟାକ କରି ସଫଳ ରହିଥିଲେ। ସେମିଫାଇନାଲରେ ଦୀପକ ଫ୍ରାନ୍ସର ବି.ବେନାମାଙ୍କୁ ଶୁକ୍ରବାର ଭେଟିବେ।

ସେହିପରି ୨ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ମେଡାଲିଷ୍ଟ ହୁସାମୁଦ୍ଦିନ ସଂଘର୍ଷପୂର୍ଣ୍ଣ ଲଢ଼େଇରେ ବୁଲଗେରିଆର ଜେ. ଡିଆଜ ଇବାନେଜ୍‌ଙ୍କୁ ୪-୩ ପଏଣ୍ଟରେ ହରାଇ ଦେଇଥିଲେ। ଦୁଇଜଣଙ୍କ ଫାଇଟ୍ ପାଖାପାଖି ଥିବାରୁ ଜଜ୍‌ଙ୍କ ପଏଣ୍ଟ ଭାଗ ହୋଇ ଯାଇଥିଲା। ତେବେ ଶେଷରେ ଭାରତୀୟ ପ୍ରତିଯୋଗୀ ବାଜି ମାରିଥିଲେ। ସେମିଫାଇନାଲରେ କ୍ୟୁବାର ସିଡେଲ ହୋର୍ଟାଙ୍କୁ ଭେଟିବେ। ଅନ୍ୟତମ ଭାରତୀୟ ନିଶାନ୍ତଙ୍କ ପ୍ରଦର୍ଶନ ଅତ୍ୟନ୍ତ ପ୍ରଭାବୀ ରହିଥିଲା। ସେ କ୍ୟୁବାର ଜର୍ଜ କୁଇଲାରଙ୍କ ବିପକ୍ଷରେ ନିର୍ବିବାଦୀୟ ନିଷ୍ପତ୍ତିକ୍ରମେ ବିଜୟୀ ହୋଇଥିଲେ। ୨୨ ବର୍ଷୀୟ ଏହି ଜାତୀୟ ଚାମ୍ପିୟନ ଆକ୍ରମଣାତ୍ମକ ଆଭିମୁଖ୍ୟରେ ପୂରା ୯ ମିନିଟଧରି ପ୍ରତିଦ୍ୱନ୍ଦ୍ୱିଙ୍କୁ ପଞ୍ଚ୍ ମାରି ଚାଲିଥିଲେ। ଗତଥର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିବା ନିଶାନ୍ତ ସେମିଫାଇନାଲରେ ଏସିଆନ ଚାମ୍ପିୟନ କାଜାଖସ୍ତାନର ଅସଲାନ୍‌ବେକ୍ ଶିମ୍ବର୍ଗେନୋଭଙ୍କୁ ଭେଟିବେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ଏପର୍ଯ୍ୟନ୍ତ ଗୋଟିଏ ରୌପ୍ୟ ସହିତ ମୋଟ ୭ଟି ପଦକ ପାଇଛି।

**ବର୍ଷା ଧୋଇନେଲା ବାଂଲାଦେଶ-ଆୟର୍ଲାଣ୍ଡ ମ୍ୟାଚ୍**

# ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକାକୁ ଯୋଗ୍ୟତା

**ଚେଲ୍ମସଫୋର୍ଡ,୧୦।୫(ପି.ଟି.)**

ଆୟର୍ଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷାରେ ଧୋଇଯିବା କାରଣରୁ ଭାରତରେ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛି ଦକ୍ଷିଣ ଆଫ୍ରିକା। ବିଶ୍ୱକପ ଯୋଗ୍ୟତା ଅର୍ଜନ ପାଇଁ ଆୟର୍ଲାଣ୍ଡକୁ ଏହି ସିରିଜ୍‌କୁ ୩-୦ରେ ଜିତିବା ଆବଶ୍ୟକ ଥିଲା। ତେବେ ମଙ୍ଗଳବାରର ମ୍ୟାଚ୍ ବର୍ଷାରେ ଧୋଇଯିବା ପରେ ଦକ୍ଷିଣ ଆଫ୍ରିକା ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ବାଂଲାଦେଶ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରି ସାରିଛି। ମଙ୍ଗଳବାର ଚେଲ୍ମସଫୋର୍ଡର କାଉଣ୍ଟି ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୯ ଉଇକେଟରେ ୨୪୬ ରନ୍ କରିଥିଲା। ମୁଶଫିକୁର ରହିମ ସର୍ବାଧିକ ୬୧ ରନ୍ କରିଥିବା ବେଳେ ନଜମୋଲ ହୋସେନ୍ ଶନ୍ତୋ ୪୪ ଓ ତୌହିଦ୍ ହ୍ରିଦୟ ୩୧ ରନ୍ କରିଥିଲେ। ଆଇପିଏଲ୍‌ରୁ ମ୍ୟାଚ୍ ଖେଳିବା ପାଇଁ ଯାଇଥିବା ଜୋଶୁଆ ଲିଟଲ ୬୧ ରନରେ ୩ ଉଇକେଟ ନେଇଥିଲେ। ଜବାବରେ ୧୬.୩ ଓଭରରେ ଆୟର୍ଲାଣ୍ଡ ୩ ଉଇକେଟ ହରାଇ ୬୫ ରନ୍ କରିଥିବା ବେଳେ ବର୍ଷା କାରଣରୁ ଖେଳ ବନ୍ଦ ରହିଥିଲା। ଭାରତରେ ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଦିନିକିଆ ବିଶ୍ୱକପ ଖେଳାଯିବ।

## ପ୍ୟାରିସ୍ ଅଲିମ୍ପିକ୍ସରେ ମିଳିବନି ୱାଇନ୍

**ପ୍ୟାରିସ୍,୧୦।୫(ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଖାଇବା ମେନୁ ଘୋଷଣା କରାଯାଇଛି। ଦୈନିକ ୧୫ ହଜାର ଆଥ୍‌ଲେଟଙ୍କ ଖାଇବା ବ୍ୟବସ୍ଥା ହୋଇଥିବା ବେଳେ ଏହାର ମେନୁରୁ ୱାଇନ୍‌କୁ ବାଦ୍ ଦିଆଯାଇଛି। ଖାଦ୍ୟରେ ବାଗୁଏଟେସ(ଲୋଫ୍ ବ୍ରେଡ୍), ଗୌରମେଟ ଡିସ୍(ସଦ୍ୟ ପ୍ରସ୍ତୁତ ଓ ପରିଷ୍କାର) ସହିତ ପାରମ୍ପରିକ ଫ୍ରେଞ୍ଚ କୁଜିନକୁ ସାମିଲ କରାଯାଇଛି। ଦୈନିକ ୪୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ଏହି କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅଲିମ୍ପିକ୍ସ ଭିଲେଜ ମଧ୍ୟରେ ଖେଳାଳି ବା ଦର୍ଶକଙ୍କ ପାଇଁ ୱାଇନ୍ ପ୍ରଦାନ କରାଯିବ ନାହିଁ। ମଙ୍ଗଳବାର ଫ୍ରାନ୍ସର ବିଭିନ୍ନ ତାରକା ସେଫ୍‌ଙ୍କ ହାତରେ ଭିଲେଜ ମଧ୍ୟରେ ହେବାକୁ ଥିବା ସିଟ୍ ଡାଉନ୍ ହୋଟେଲର ମେନୁ ଘୋଷଣା କରାଯାଇଛି।

# ହରିୟାଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ବିଜୟୀ

**ରାଉରକେଲା ଅଫିସ,୧୦।୫**

ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ଜାତୀୟ ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ସପ୍ତମ ଦିନରେ ବୁଧବାର ହରିୟାଣା, ଝାରଖଣ୍ଡ, ଉତ୍ତରପ୍ରଦେଶ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ହରିୟାଣା ୧୯-୦ ଗୋଲରେ ତାମିଲନାଡୁକୁ ପରାସ୍ତ କରିଥିଲା। ହରିୟାନା ଦଳ

**ଜାତୀୟ ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପ୍**

ପ୍ରଥମେ ଶଶି ଖାସା ଖେଳର ୩,୫, ୧୩,୫୮, ୬୦ ମିନିଟ୍‌ରେ ସର୍ବାଧିକ ୬ଟି ଗୋଲମାରି ଦଳକୁ ଆଗୁଆ ରଖିଥିଲେ। ସେହିପରି ଦଳର ଅଧିନାୟିକା ପୂଜା ୬, ୧୩ ମିନିଟ୍‌ରେ ୨ଟି ଓ ରବିନା ୧୧,୪୮,୫୯ ମିନିଟରେ ୩ଟି ଓ ସୀମା ୧୫,୨୧ ମିନିଟରେ ୨ଟି ଗୋଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଝାରଖଣ୍ଡ ୧୮-୦ ଗୋଲରେ ବେଙ୍ଗଲକୁ ପରାସ୍ତ କରିଛି। ବେଙ୍ଗଲ ଦଳର ଫରୱାର୍ଡ ଖେଳାଳୀ ସ୍ୱିଟି ଡୁଙ୍ଗଡୁଙ୍ଗ ଦଳ ପକ୍ଷରୁ ସର୍ବାଧିକ ୭ଟି ଗୋଲ ମାରିଥିଲେ। ରଜନୀ କେରକେଟ୍ଟା ପାର୍ବତୀ ଟୋପ୍ପୋ ଓ ଶିବାନୀ କୁମାରୀ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଜମୁନା କୁମାରୀ ୩ଟି ଓ ରଶ୍ମି ଆଇଣ୍ଡ ଓ ଅଙ୍କିତା ମିଞ୍ଜ ୨ଟି ଲେଖାଏ ଗୋଲ ଦେଇଥିଲେ। ତୃତୀୟ ମ୍ୟାଚ ଉତ୍ତର ପ୍ରଦେଶ ୩-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ଉତ୍ତର ପ୍ରଦେଶ ଦଳ ପକ୍ଷରୁ ପ୍ରଥମେ ଲକି କୁମାରୀ ୧୩ ମିନିଟରେ ଗୋଟିଏ ଗୋଲ ଓ ରଶ୍ମି ପଟେଲ ୨୩ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ୫୦ତମ ମିନିଟରେ ମଧୁ ଅନ୍ତିମ ଗୋଲ ସ୍କୋର କରିଥିଲେ।


ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚ୍।

## Business

# ଆଇ ଆମ୍ କଲାମ ଚଳଚ୍ଚିତ୍ର ପ୍ରଦର୍ଶିତ



**ନୂଆଦିଲ୍ଲୀ,୧୦।୫**

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ଦିବିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସାମାଜିକ ପ୍ରତିଷ୍ଠାନ ଆଇକେଜେ ଫାଉଣ୍ଡେଶନ ପକ୍ଷରୁ ନିକଟରେ ଆଇ ଆମ୍ କଲାମ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ପଞ୍ଚକୁଲାର ମାତା ମନସା ଦେବୀ ମନ୍ଦିର ନିକଟରେ ଥିବା ବସ୍ତିର ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଶିଶୁ ଅଂଶ ଗ୍ରହଣକରି ଉକ୍ତ ଚଳଚ୍ଚିତ୍ରଟିକୁ ଦେଖିଥିଲେ। ଏ ସମ୍ପର୍କରେ ଆଇଜେକେ ଫାଉଣ୍ଡେଶନର ଅଧ୍ୟକ୍ଷା ସାରା ଜୁନେଜା କହିଥିଲେ, ଶିଶୁଙ୍କ ବିକାଶ ସହ ସେମାନଙ୍କୁ ଉତ୍ସାହିତ କରିବା ଲାଗି ଏଭଳି ଉଦ୍ୟମ ଜାରି ରହିବ। ସେହିଭଳି ଚଳିତ ଶିକ୍ଷାବର୍ଷ ପାଇଁ ସାରା ଉକ୍ତ ବସ୍ତିର ଶିଶୁଙ୍କୁ ଆବଶ୍ୟକ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ବସ୍ତିର କେତେଜଣ ଶିଶୁ ସୁନ୍ଦର ଗୀତ ଓ ନୃତ୍ୟକଳା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜୁନେଜା ପିଲାମାନଙ୍କ ସହ ମିଶି ଭୋଜନ କରିଥିଲେ। ସୂଚନାଯୋଗ୍ୟ, ସାରା ଜୁନେଜା ବିଶିଷ୍ଟ ଉଦ୍ୟୋଗପତି ତଥା ଦିବିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସଞ୍ଜୀବ ଜୁନେଜାଙ୍କ ଧର୍ମପତ୍ନୀ। ଦେଶର ବିଭିନ୍ନ ପ୍ରାନ୍ତରେ ସାମାଜିକ କାର୍ଯ୍ୟକ୍ରମ ପାଇଁ ସାରା ଜୁନେଜା ବେଶ୍ ଜଣାଶୁଣା।

# ୧୨ରେ ଅରୁନ୍ଧତୀ ଜୁଏଲର୍ସର ନୂତନ ଶୋ'ରୁମ୍

**ଭବାନୀପାଟଣା ଆଉଟ୍‌ଲେଟ୍‌କୁ ଉଦ୍‌ଘାଟନ କରିବେ ଅର୍ଚ୍ଚିତା**

**ଭବାନୀପାଟଣା,୧୦।୫(ସ୍ୱ.ପ୍ର.)**

ଅରୁନ୍ଧତୀ ଜୁଏଲର୍ସର ନୂତନ ଫ୍ଲାଗଶିପ୍ ଶୋ'ରୁମ ଆସନ୍ତା ଶୁକ୍ରବାର କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଶୁଭାରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଓଲିଉଡ୍ ନାୟିକ ଅର୍ଚ୍ଚିତା ସାହୁ ଯୋଗ ଦେବା ସହ ନୂତନ ଆଉଟ୍‌ଲେଟ୍‌କୁ ଉଦ୍‌ଘାଟନ କରିବେ ବୋଲି ଅରୁନ୍ଧତୀ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଷ୍ଟୋରରେ ୫ହଜାରରୁ ଉର୍ଦ୍ଧ୍ୱ ସୁନା ଓ ହୀରା ଗହଣାର ଡିଜାଇନ୍ ସମେତ ସମ୍ପୂର୍ଣ୍ଣ ହଲମାର୍କ (ଏଚ୍‌ୟୁଆଇଡି) ଶୁଦ୍ଧତାଯୁକ୍ତ ଓ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଆଦି ଗ୍ରାହକମାନେ ପାଇପାରିବେ। ଅପରପକ୍ଷରେ ନୂତନ ଶୋରୁମ ଶୁଭାରମ୍ଭ ଅବସରରେ ଆକର୍ଷଣୀୟ ଅଫର ସହ ହଲମାର୍କ ସୁନା ଗହଣାର ଗଢ଼ା ମଜୁରି ଉପରେ ୩୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ସେହିଭଳି ପୁରୁଣା ଗହଣା ଉପରେ ୫୦୦ଟଙ୍କା ଓ ହୀରା ଗହଣାର ହୀରା ମୂଲ୍ୟ ଉପରେ ୨୧% ରିହାତି ସମେତ ପ୍ରତି ୫ ହଜାର ଟଙ୍କାର କ୍ରୟ ଉପରେ ମାଗଣା କୁପନ ଉପଲବ୍ଧ ରହିଛି, ଯେଉଁଥିରେ କି କାର, ବାଇକ୍, ସ୍କୁଟି ସହ ଲକ୍ଷପତି ହେବାର ସୁଯୋଗ ଗ୍ରାହକମାନେ ପାଇପାରିବେ ବୋଲି ଅରୁନ୍ଧତୀ ପକ୍ଷରୁ କୁହାଯାଇଛି।


ଭବାନୀପାଟଣାସ୍ଥିତ ଭାଗୀରଥି ଇନ୍‌ଠାରେ ବୁଧବାର ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ଗ୍ରୁପର ମୁଖ୍ୟ ନିହାର ରଞ୍ଜନ ନନ୍ଦ, ଜୋନାଲ ପରିଚାଳକ ବିରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଟିଏସ୍‌ଏମ୍‌ଏଲ୍‌କୁ 'ଏକ୍ସିଲେନ୍ସ ଇନ୍ ବାୟୋଡାଇଭର୍ସିଟି ମ୍ୟାନେଜମେଣ୍ଟ' ସମ୍ମାନ

**ନୂଆଦିଲ୍ଲୀ,୧୦।୫**

ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା ଟାଟା ଗ୍ରୁପ୍‌ର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀ ତା'ର କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ ଜୈବ ବିବିଧତାର ସଂରକ୍ଷଣ ପାଇଁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିବାରୁ ସିଆଇଆଇ ଆଇଟିସି ସଷ୍ଟେନେବିଲିଟି ଆୱାର୍ଡସ୍-୨୦୨୨ରେ ଟିଏସ୍‌ଏମ୍‌ଏଲ୍‌କୁ 'ଏକ୍ସିଲେନ୍ସ ଇନ୍ ବାୟୋଡାଇଭର୍ସିଟି ମ୍ୟାନେଜମେଣ୍ଟ' ପୁରସ୍କାର ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବୁଧବାର ନୂଆଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ ସମାରୋହରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କ ଠାରୁ ଟିଏସ୍‌ଏମ୍‌ଏଲ୍‌ର ବରିଷ୍ଠ ମହାପ୍ରବନ୍ଧକ ରାଜଶ୍ରୀ ପାଲିତ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, କମ୍ପାନୀର ପ୍ରଜାତୀୟ ଖାଦ୍ୟୋତ୍ସବ, ଗ୍ରୀନ୍ ଥେରାପି, ଜୈବକଳା ବିବିଧତା, ସୁକିନ୍ଦା ଇକୋରେସ୍, ପ୍ରଜାପତି ବଗିଚା (ବଟରଫ୍ଲାଏ ଗାର୍ଡେନ) ଓ ଔଷଧୀୟ ଉଦ୍ୟାନ ଭଳି ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମକୁ ବିଚାରକମାନେ ଖୁବ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ଟିଏସ୍‌ଏମ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଏଭଳି ଏକ ପୁରସ୍କାର ଗ୍ରହଣ କରି ଆମେ ବହୁତ ଖୁସି ଅଛୁ, ଯାହା ଟିଏସ୍‌ଏମ୍‌ଏଲ୍‌ରେ ଜୈବ ବିବିଧତାର ସଂରକ୍ଷଣ ଓ ନିରନ୍ତରତା ପରିଚାଳନା ପ୍ରତି ଥିବା ପ୍ରତିବଦ୍ଧତା ଦିଗରେ ଏକ ସ୍ୱୀକୃତି ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଏହି ପୁରସ୍କାର ଆମକୁ ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖିବା ପାଇଁ ଆହୁରି ଅନୁପ୍ରାଣିତ କରିବ। ଏପରିକି ଉକ୍ତ ପୁରସ୍କାର ଲାଗି ଆମକୁ ବିଚାରକୁ ନେଇଥିବାରୁ ବିଚାରକମାନଙ୍କୁ ମଧ୍ୟ ଆମେ କୃତଜ୍ଞତା ଜଣାଉଛୁ। ଅପରପକ୍ଷରେ ଜୈବ ବିବିଧତାର ସଂରକ୍ଷଣ ଓ ଉନ୍ନତି ହେଉଛି, ଟିଏସ୍‌ଏମ୍‌ଏଲ୍‌ର କର୍ପୋରେଟ୍ ରଣନୀତି ଓ ମୂଲ୍ୟବୋଧ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସବୁ ଗୁରୁତ୍ୱପୂର୍ଣ୍ଣ ଓ ପରିଚାଳନା ନିଷ୍ପତ୍ତିରେ ଜୈବ ବିବିଧତାକୁ ମୁଖ୍ୟସ୍ରୋତରେ ରଖିବାକୁ ଟିଏସ୍‌ଏମ୍‌ଏଲ୍ ସର୍ବଦା ଉଦ୍ୟମ କରି ଆସୁଛି।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ